

ଦକ୍ଷିଣ ମୁହାଁ ଦିଲଜିତ୍
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-84 •WEDNESDAY •17 SEPTEMBER 2025 •PAGE-12 •₹ 6.00
JEYPORE
•ବର୍ଷ-୪୩ •ସଂଖ୍ୟା-୮୪ •ବୁଧବାର •୧୭ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ଉତ୍ତର ଭାରତରେ ବର୍ଷା ତାଣ୍ଡବ
୧୨ ମୃତ

■ **ଡେରାଡୁନ, ୧୬।୯ (ଏଜେନ୍ସି):** ପ୍ରାକୃତିକ ବିପର୍ଯ୍ୟୟ ଦେବଭୂମି ଉତ୍ତରାଖଣ୍ଡର ପିଛା ଛାଡୁନାହିଁ। ମୌସୁମୀ ଜନିତ ପ୍ରବଳ ବର୍ଷା ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିପାଇଁ ପାହାଡରୁ ମୃତ୍ୟୁ ଖସୁଛି। ଏହା ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆଜି ସକାଳ ୫ଟାରେ ଡେରାଡୁନରେ ବାଦଲଫଟା ବର୍ଷା ହୋଇଛି। ଏଥିଯୋଗୁଁ ତମସା, କାରଲିଗାଡ଼, ଟୋନ୍ସ ଏବଂ ସହସ୍ରଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି। ସହସ୍ରଧାରା ସମେତ ଆଖପାଖ ଅଞ୍ଚଳର ଅନେକ ଘର, ଦୋକାନ ଏବଂ ମନ୍ଦିରରେ ୫-୬ ଫୁଟର ପାଣି ଜମା ହୋଇ ରହିଛି। ଅନେକ ରାସ୍ତାଘାଟ ଭାସି ଯାଇଛି। ବିକାଶ ନଗରରେ ଟୋନ୍ସ ନଦୀରେ ଅଚାନକ ପାଣି ମାଡ଼ି ଆସିବାରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଭାସି ଯାଇଛି। ଏଥିରେ ୮ ▶ପୃଷ୍ଠା-୧୦

### ଉତ୍ତରାଖଣ୍ଡ, ହିମାଚଳରେ ଫାଟିଲା ବାଦଲ



## କଳିଙ୍ଗା ଘାଟିରେ ଭୂସ୍ଖଳନ
ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ

■ **ଭଞ୍ଜନଗର, ୧୬।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ପ୍ରବଳ ଯୋଗୁଁ ଭୂ-ସ୍ଖଳନ ଘଟି କନ୍ଧମାଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ପାହାଡ଼ରୁ ବଡ଼ବଡ଼ ପଥରଖଣ୍ଡ ସହ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇ ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ରାସ୍ତା ଦେଇ କନ୍ଧମାଳ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଶହଶହ ଗାଡ଼ିମୋଟର ଅଟକି ରହିଛି। ଗତ କିଛିଦିନ ହେଲା, ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଆଜି ଦୁର୍ଗାପ୍ରସାଦ ନିକଟରେ ହଠାତ୍ ପାହାଡ଼ରୁ ଅତଡ଼ା ଓ ପଥର ଧସି ରାସ୍ତା ବନ୍ଦ ହୋଇଯାଇଥିଲା। କୌଣସି ଅଘଟଣ ଘଟି ନଥିଲେ ମଧ ବର୍ତ୍ତମାନ ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ପାହାଡ଼ରୁ ବଡ଼ବଡ଼ ପଥର ଖଣ୍ଡ ଖସି ରାସ୍ତା ଫାଟି ଯାଇଛି। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଛି।



ଭିଜିବ ପାର୍ବଣ

### ୨୬ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ
## ଦୁର୍ଗାପୂଜାରେ ବର୍ଷା-ପବନ

■ **ଭୁବନେଶ୍ୱର, ୧୬।୯ (ସମିସ):** ଏଥର ବର୍ଷାରେ ଭିଜିବ ପାର୍ବଣ। ଦୁର୍ଗା ପୂଜାରେ ଷଷ୍ଠୀ ଓ ସପ୍ତମୀ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୨୫ କିମ୍ବା ୨୬ ବେଳକୁ ବଙ୍ଗୋପାସଗରରେ ଲଘୁଚାପ ସୃଷ୍ଟି ଆଶଙ୍କା ପାଣିପାଗକୁ ବିଗାଡ଼ିବ। ଏପରିକି ପୁରା ପାର୍ବଣ ଫିକା ପଡ଼ିଯିବ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହେଉଥିବା ଓ ଅଧିକ ଘନୀଭୂତ ହୋଇ ବାତ୍ୟାକୁ ନିମନ୍ତ୍ରଣ କରୁଥିବାରୁ ଦୁର୍ଗାପୂଜାରେ ପାଗକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ସମ୍ଭାବ୍ୟ ଲଘୁଚାପ ବାତ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସେପ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇ ବଳ ଗୋଟାଇବ। ପ୍ରାଥମିକ ଆକଳନରୁ ଏହା ଲଘୁଚାପ, ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଯଦି ସେହି ସମୟରେ ସାମୁଦ୍ରିକ ସ୍ଥିତି ଓ ବାତ୍ୟା ପାଇଁ ସୁହାଉଥିବା କାରକଗୁଡ଼ିକ ଅନୁକୂଳ ରହେ, ତେବେ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ମଧ ରହିଥିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ ଅନୁସାରେ ଆସନ୍ତା ୨୫ କିମ୍ବା ୨୬ ରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୭-୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏପରିକି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇ ବର୍ଷା କରାଇବାର ଆଶଙ୍କା ରହିଛି। ୨୯ ତାରିଖରେ ପଶ୍ଚିମ ଓଡ଼ିଶା ଦେଇ ଏହା ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଯିବ। ତେଣୁ ୨୯ରେ ବର୍ଷା ଆଶଙ୍କା ରହିଛି। ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହେବା ହେଉଥିବାରୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଯାଇଥିବା ବେଳେ ଏବେ ଯେକୌଣସି ଲଘୁଚାପ ସୃଷ୍ଟି ହେବ ତାହା ଉପରେ ପାଣିପାଗ କେନ୍ଦ୍ର ନଜର ରଖିଥାଏ। ଅତୀତରେ ଏହି ସମୟରେ ଅନେକ ବାତ୍ୟା ସୃଷ୍ଟି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବର ▶ପୃଷ୍ଠା-୧୦



ପୂଜା ମଣ୍ଡପକୁ ବାତ୍ୟା ଡର

### କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ
## ସୁବିଧା ଦେଇ ନ ପାରିଲେ ବନ୍ଦ କରିଦିଅ ଟ୍ରିବ୍ୟୁନାଲ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ପୂର୍ବତନ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମାନସିକତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ। ବିଭିନ୍ନ ଟ୍ରିବ୍ୟୁନାଲରେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ହିସାବରେ ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ନାହିଁ। ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ସେମାନେ ଅପମାନିତ ହେଉଛନ୍ତି ଏବଂ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ବି ହେଉଛନ୍ତି। ଯଦି ସରକାର ସେମାନଙ୍କୁ ସୁବିଧା ସୁଯୋଗ ଦେଇ ପାରୁ ନାହାନ୍ତି, ତାହାହେଲେ ସମସ୍ତ ଟ୍ରିବ୍ୟୁନାଲକୁ ବନ୍ଦ କରି ମାମଲାଗୁଡ଼ିକୁ ହାଇକୋର୍ଟକୁ ହସ୍ତାନ୍ତର କରିଦିଆଯାଉ।



ଆଜି ଶୁଣାଣି ବେଳେ ସୁପ୍ରିମ କୋର୍ଟ ଏଭଳି ଢଙ୍ଗରେ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି। ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଲେ ଯେ ଅବସର ପରେ ଅନେକ ପ୍ରଧାନ ବିଚାରପତି ଏବଂ ବିଚାରପତି ଟ୍ରିବ୍ୟୁନାଲରେ ନିଯୁକ୍ତି ପାଇଁ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନାହାନ୍ତି। ଏଥିରେ ସେମାନଙ୍କର କିଛି ଦୋଷ ନାହିଁ। କାରଣ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ନାହିଁ। ଯେଉଁମାନେ ଆପଣଙ୍କ ନିଯୁକ୍ତି ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସହ ବ୍ୟବହାର କରାଯାଉ। କୋର୍ଟ ଆହୁରି କହିଲେ ଯେ ଅନେକ ପୂର୍ବତନ ▶ପୃଷ୍ଠା-୧୦

## ଦିନକ ପରେ ମୌସୁମୀ ଅଧିବେଶନ
### ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି



ଆଜି ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ

ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେବ ଯୋଜନା

■ **ଭୁବନେଶ୍ୱର, ୧୬।୯ (ସମିସ):** ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ମୌସୁମୀ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ଏନେଇ ବାଚସ୍ପତି କହିଛନ୍ତି ଯେ ସମସ୍ତ ଦଳ ଅଧିବେଶନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଧାନସଭା ୧୮ରୁ ୨୫ ତାରିଖ ଯାଏଁ ଚାଲିବ ଅର୍ଥାତ୍ ୭ଟି କାର୍ଯ୍ୟ ଦିବସ ରହିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନ ଗୃହରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ୧୯ରୁ ୨୫ ତାରିଖ ମଧ୍ୟରେ ୫ଟି ସରକାରୀ ଦିବସ ଏବଂ ଗୋଟିଏ 'ପ୍ରାଇଭେଟ ମେମ୍ବର୍ସ ଡେ' ରହିବ। ଅଧିବେଶନରେ ବିଧି ମୁତାବକ ଗୃହ ପରିଚାଳନା ହେବ। ସେନେଇ ଆଜିର ବୈଠକରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି ବୋଲି ବାଚସ୍ପତି ସୂଚନା ଦେଇଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ▶ପୃଷ୍ଠା-୧୦

## ଅସୁରକ୍ଷିତ ଓଡ଼ିଶା, ଅସୁରକ୍ଷିତ ମହିଳା

■ **ଭୁବନେଶ୍ୱର, ୧୬।୯ (ସମିସ):** ମହିଳାଙ୍କ ପାଇଁ ଓଡ଼ିଶା ଏବେ ଅସୁରକ୍ଷିତ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପାଇଁ ଓଡ଼ିଶା ନିନ୍ଦିତ ହେଉଛି, ଓଡ଼ିଶାକୁ ଏକାକୀ ନ ଯିବାକୁ ଆମେରିକା ପ୍ରଶାସନ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେତୁ ନାହାନ୍ତି, ପୁଲିସ ମହିଳାଙ୍କୁ ସୁରକ୍ଷା ଦେବାକୁ ସକ୍ଷମ ହେଉନାହିଁ।

ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ଗତକାଲି ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ▶ପୃଷ୍ଠା-୧୦



୧୦ମାସରେ ୪ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ

### ଭୟଙ୍କର, ହୃଦୟବିଦାରକ: ନବୀନ

■ **ଭୁବନେଶ୍ୱର, ୧୬।୯ (ସମିସ):** ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। କୌଣସି ନିକାଞ୍ଚନ ଦୁର୍ଗମ ଅଞ୍ଚଳ ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମଧ ମହିଳାମାନେ ଆଉ ସୁରକ୍ଷିତ ନାହାନ୍ତି। ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ପରେ ସୋମବାର ପୁରୀ ଜିଲ୍ଲାର ପ୍ରସିଦ୍ଧ ବାଲି ହରଚଣ୍ଡୀଠାରେ ସମାନ ଭାବେ ଆଉ ଏକ ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି ଘଟିଛି। ଯାହା ଓଡ଼ିଶାର ଛବିକୁ ଜାତୀୟସ୍ତରରେ ପୁଣି ଥରେ ମଳିନ କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସବୁଠାରେ କଡ଼ା ସମାଲୋଚନା ପ୍ରକାଶ ପାଇଛି। ଏପରି ସ୍ୱର୍ଶକାତର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ଘଟଣାରେ ସେ ଗଭୀର ମର୍ମାହତ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାର ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଯେଉଁଠାରେ ଆମ ଝିଅମାନେ ସୁରକ୍ଷିତ, ସମ୍ମାନିତ ଅନୁଭବ କରିପାରିବେ ବୋଲି ▶ପୃଷ୍ଠା-୧୦



ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ

### ୟୁପିଆଇ କାରବାର ସୀମା ବୃଦ୍ଧି
## ଦିନକରେ କରିହେବ ୧୦ ଲକ୍ଷ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ସମ୍ପ୍ରତି ଅନ୍‌ଲାଇନ୍ କାରବାର ଢ଼େର ବଢ଼ିଯାଇଛି। ଆଜିକାଲି ଅଧିକାଂଶ ଲୋକ ନଗଦ ପରିବର୍ତ୍ତେ ଅନ୍‌ଲାଇନରେ ଦେୟ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଏଥିରେ ଏକ ବଡ଼ ଅପଡେଟ୍ ଆସିଛି, ଯାହା ବଡ଼ ପରିମାଣର ପେମେଣ୍ଟକୁ ଆହୁରି ସହଜ କରିଦେବ। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇ ପେମେଣ୍ଟ ନିୟମରେ ବଡ଼ ଧରଣର ପରିବର୍ତ୍ତନ କରିଛି। ଏଥିରେ ଦୈନିକ ୟୁପିଆଇ ପେମେଣ୍ଟ ସୀମାରେ ସରକାର ବୃଦ୍ଧି ଘଟାଇଛନ୍ତି। ଏହାଫଳରେ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ।




କିଣିହେବ ୬ ଲକ୍ଷର ସୁନା ଅଳଙ୍କାର

ଏନ୍‌ପିସିଆଇ ପର୍ସନ୍-ଟୁ ମର୍ଚ୍ଚାଣ୍ଟ (ପିଟୁଏମ୍) ପେମେଣ୍ଟର ଅନେକ ବର୍ଗରେ ଦୈନିକ ସୀମା ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନଗୁଡ଼ିକ ସେପ୍ଟେମ୍ବର ୧୫ଠାରୁ କାର୍ଯ୍ୟକାରୀ ହୋଇଛି।

ଏହି ନୂତନ ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ସହିତ ୟୁପିଆଇ ମାଧ୍ୟମରେ କାରବାର କରୁଥିବା ଦୋକାନୀ/ବ୍ୟବସାୟୀମାନଙ୍କୁ ମଧ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏନ୍‌ପିସିଆଇ ବୀମା ପ୍ରିମିୟମ, ପୁଞ୍ଜି ବଜାର, କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ ଭଳି କିଛି ବିଶେଷ ବର୍ଗ ପାଇଁ ୟୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏପରି ▶ପୃଷ୍ଠା-୧୦

ବଢ଼ିଲାନି ଖରିଫ୍ ପଞ୍ଜୀକରଣ ଅବଧି

## ଘୋଷଣା କରି ଭୁଲିଗଲେ ସରକାର

■ **ଭୁବନେଶ୍ୱର, ୧୬।୯ (ସମିସ):** ଚାଷୀଙ୍କ ସମସ୍ୟା ସମାଧାନ କରିପାରୁନାହାନ୍ତି ସରକାର। ଧାନ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ସଂକଟ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ଚାଷୀ ଘାଣ୍ଟି ହେଉଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିକରି ଚାଷୀ ନୟାନ୍ତ ହେଲେଣି। ହେଲେ କେହି ଶୁଣୁନାହାନ୍ତି। ଚଳିତ ଖରିଫ୍ ଋତୁରେ ଆରମ୍ଭରୁ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାରେ ସନ୍ତୁଳି ହୋଇଥିଲେ ଚାଷୀ। ଏଥିଯୋଗୁଁ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଅଧିକାଂଶ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିଲେ। ତେଣୁ, ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ପୁଣି କେବେ ପଞ୍ଜୀକରଣ ଆରମ୍ଭ ହେବ, ଚାଷୀକୁଳକୁ ଏବେ ▶ପୃଷ୍ଠା-୧୦

ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ

ଗାଁ ଗାଁରେ ଧାନ ବେପାରୀଙ୍କ ଡେରା

### ଲ୍ୟାମ୍ପସ୍‌ରେ ତାଲା ପକାଇଦେଲେ ଚିନାବାଦାମ ଚାଷୀ

■ **ବୈପାରୀଗୁଡ଼ା, ୧୬।୯ (ସମିସ):** ଚଳିତବର୍ଷ ପ୍ରଥମଥର ପାଇଁ ବୈପାରୀଗୁଡ଼ା ଲ୍ୟାମ୍ପ୍ସ ପକ୍ଷରୁ ଚିନାବାଦାମ ମଣ୍ଡି ଅନୁଷ୍ଠିତ ହୋଇଥିଲା। ମଣ୍ଡିରେ ଚାଷୀ ବାଦାମ ବିକ୍ରି କରିଥିବା ବେଳେ ୩ ମାସ ପରେ ବି ଚାଷୀଙ୍କ ଖାତାକୁ ଟଙ୍କା ଆସିଲା ନାହିଁ। ଏନେଇ କୋରାପୁଟ ଜିଲ୍ଲାପାଳ ଏବଂ ବିଧାୟକଙ୍କୁ ଗୁହାରି କଲେ ବି ସମସ୍ୟା ସମାଧାନ ହେଲାନି। ଶେଷରେ ବାଧ ହୋଇ ଆଜି ବୈପାରୀଗୁଡ଼ା ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ତାଲା ପକାଇ ଅଫିସ ଆଗରେ ଧାରଣାରେ ବସିଲେ ବାଦାମ ଚାଷୀ। ଖବର ପାଇ ଘଟଣାସ୍ଥଳରେ ଜୟପୁରର ମାର୍କଫେଡ୍ ଅଧିକାରୀ ▶ପୃଷ୍ଠା-୧୦



ମାର୍କଫେଡ୍‌ର ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଉଠିଲେ

# ଧର୍ମାନ୍ତରୀକରଣ ବିରୋଧୀ ଆଇନ ମାମଲାରେ ରାଜ୍ୟଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୬।୯: ଧର୍ମାନ୍ତରୀକରଣ ଆଇନ ବିରୋଧରେ ଆଗତ ପିଟିସନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଏହାକୁ ନେଇ କେନ୍ଦ୍ର ସରକାର ସହିତ ଅନେକ ରାଜ୍ୟଙ୍କୁ ନୋଟିସ ଜାରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ଧର୍ମାବଲମ୍ବୀଙ୍କୁ ବିବାହ କରିଥିବା ଦଂପତିଙ୍କୁ ହଇରାଣ କରିବା ଲାଗି ଧର୍ମାନ୍ତରୀକରଣ-ବିରୋଧୀ ଆଇନର ଦୁରୁପଯୋଗ କରାଯାଉଛି। ଉତ୍ତର ପ୍ରଦେଶ ସମେତ ମଧ୍ୟ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିଆଣା, ଝାଡ଼ଖଣ୍ଡ ଓ କର୍ଣ୍ଣାଟକ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଜବାବ ପାଇଁ ୪ ସପ୍ତାହର ସମୟ ଦିଆଯାଇଛି। ନୋଟିସର ଜବାବ ମିଳିବା ପରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଉପରେ ରୋକ ଲଗାଯିବ କି ନାହିଁ ତାହା ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜମିଅତ ଉଲେମା-ଇ-ହିନ୍ଦ ସମେତ ଅନେକ ସଂଗଠନ ପକ୍ଷରୁ ଦାଏର ପିଟିସନରେ ଅଭିଯୋଗ କରାଯାଇଛି ଯେ ବିଭିନ୍ନ ଧର୍ମର ଲୋକମାନଙ୍କୁ ଏହି ଆଇନ ଆଳରେ ହଇରାଣ କରାଯାଉଛି।

# ଯୁବରାଜ ସିଂହ, ରବିନ ଉଥପ୍ପାଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର ମାମଲାରେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି ଯୁବରାଜ ସିଂହ ଏବଂ ରବିନ ଉଥପ୍ପାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ବେଟିଂ ଆପ୍ '୧xବେଟ୍' ମାମଲାରେ ଜେରା ପାଇଁ ଡକାଇଛି। ଉଥପାଙ୍କୁ ୨୨ ତାରିଖରେ ଏବଂ ଯୁବରାଜଙ୍କୁ ୨୩ରେ ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ବଲିଉଡ ଅଭିନେତା ସୋନୁ ସୁଦ୍‌ଙ୍କୁ ମଧ୍ୟ ୨୪ ତାରିଖରେ ହାଜର ହେବା ପାଇଁ ନୋଟିସ ପଠାଯାଇଛି। ମନି ଲଣ୍ଡରିଂ ମାମଲାରେ ସମସ୍ତଙ୍କୁ ପଚରାଉଚୁରା କରାଯିବ। ଅନ୍ୟପଟେ ଆଜି ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ଜେରା ପାଇଁ ଡକାଯାଇଛି। ସୋମବାର ଏହି ମାମଲାରେ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ଜେରା କରି ବୟାନ ରେକର୍ଡ କରିଥିଲା। ପୂର୍ବରୁ ଶିଖର ଧାୱନ, ସୁରେଶ ରୈନା ଏବଂ ହରଭଜନ ସିଂହଙ୍କୁ ମଧ୍ୟ ଜେରା କରାଯାଇଥିଲା। ସେଲିବ୍ରିଟିଙ୍କ ମାଧ୍ୟମରେ ବିଜ୍ଞାପନ କରି ଏହି ଅନ୍‌ଲାଇନ ବେଟିଂ ଆପ୍ କୋଟି କୋଟି ଟଙ୍କାର ମନି ଲଣ୍ଡରିଂ ତଥା ଟିକସ ଚୋରି କରିଥିବା ଅଭିଯୋଗ ଲାଗିଛି।

# ମାନିଲା ଜୈସ: ଅପରେସନ ସିନ୍ଦୂରରେ ମାସୁଦ ଆଝାର ପରିବାର ନିହତ

ଇସଲାମାବାଦ, ୧୬।୯ (ଏଜେନ୍ସି): ପ୍ରଥମ ଥର ପାଇଁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ସତ ସ୍ୱୀକାର କରିଛି। ଅପରେସନ ସିନ୍ଦୂର ସମୟରେ ଭାରତର ଆକ୍ରମଣରେ ଏହାର ମୁଖ୍ୟ ମୌଲାନା ମସୁଦ ଆଝାର ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଜୈସର କମାଣ୍ଡର ମାସୁଦ ଇଲିଆସ କାଶ୍ମୀର ଏହା ସ୍ୱୀକାର କରିଛି। ଏହି ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ କହିଥିଲା ଯେ ମେ' ୭ ତାରିଖରେ ବାହାବଲପୁରରେ ଭାରତର କାର୍ଯ୍ୟାନୁଷ୍ଠାନ ସମୟରେ ଆଝାରଙ୍କ ପରିବାର ସଦସ୍ୟଙ୍କ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏଥିରେ ପରିବାରର ୧୦ ସଦସ୍ୟଙ୍କ ସମେତ ମାସୁଦର ୪ ସହଯୋଗୀ ପ୍ରାଣ ହରାଇ ଥିଲେ। ତେବେ ଆକ୍ରମଣ ସମୟରେ କ୍ୟାମ୍ପରେ ନ ଥିବାରୁ ଜୈସ ମୁଖ୍ୟ ମାସୁଦ ଆଝାରର ଜୀବନ ବର୍ତ୍ତି ଯାଇଥିଲା।

# ମହିଳା ଅଧିକାରୀଙ୍କ ଘରୁ ୨ କୋଟିର ଅଳଙ୍କାର, ୯୨ ଲକ୍ଷ ଟଙ୍କା ଜବତ



ଗୌହାଟୀ, ୧୬।୯ (ଏଜେନ୍ସି): ଦୁର୍ନୀତିରେ ମହିଳା ଅଧିକାରୀଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି। ବହୁତ କମ୍ ବର୍ଷ ହେଲା ଚାକିରି କରିଥିଲେ ମଧ୍ୟ ନବାଗତ ଅଧିକ ଧନ ଲୋଭରେ ପଡ଼ି ଦୁର୍ନୀତି କରୁଛନ୍ତି। ଏବେ ଆସାମ ସିଭିଲ ସେବା (ଏସିଏସ) ଅଧିକାରୀ ନୂପୁର ବୋରାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାକିରିର ମାତ୍ର ୬ ବର୍ଷ ମଧ୍ୟରେ ସେ କୋଟିପତି ହୋଇଯାଇଛନ୍ତି। ତାଙ୍କ ସମ୍ପତ୍ତି ଅହେତୁକ ଭାବେ ବଢ଼ିବାରେ ଲାଗିଛି। ଏହି ମାମଲାରେ ସୋମବାର ସ୍ପେସିଆଲ ଭିଜିଲାନ୍ସ ଟିମ୍ ନୂପୁରଙ୍କ ଗୌହାଟୀ ସ୍ଥିତ ଘରେ ଚଢ଼ଉ କରିଥିଲା। ଏଠାରୁ ୯୨ ଲକ୍ଷ ଟଙ୍କା ଏବଂ ପ୍ରାୟ ୨ କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିଲା। ଆଉ ଏକ ଟିମ୍ ନୂପୂରଙ୍କ ବାରପେଟା ସ୍ଥିତ ଭଡ଼ା ଘରେ ଚଢ଼ଉ କରି ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ମହିଳା ଅଧିକାରୀଙ୍କ ସହଯୋଗୀ ଲାଟ ମଣ୍ଡଳ ସୁରଜିତ ଡେକାଙ୍କ ଘରେ ମଧ୍ୟ ଚଢ଼ଉ ହୋଇଛି। ବାରପେଟା ରାଜସ୍ୱ ସର୍କଲରେ ଥିବା ସମୟରେ ନୂପୂର ଲାଞ୍ଚ ନେଇ ଜମି କାରବାର କରିଥିବା ଅଭିଯୋଗ ହୋଇଥିଲା। ଏବେ ସେ କାମରୁପର ଗୋରୋଇମାରିରେ ସର୍କଲ ଅଫିସର ଭାବେ କାର୍ଯ୍ୟରତ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଯେ ବିବାଦୀୟ ଜମି ମାମଲାରେ ନାମ ସାମ୍ନାକୁ ଆସିବା ପରେ ଗତ ୬ ମାସ ହେଲା ନୂପୁରଙ୍କ ଉପରେ ନଜର ରଖାଯାଇଥିଲା। ଏଥିପାଇଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଅନୁଯାୟୀ ୨୦୧୯ରେ ନୂପୁର ସିଭିଲ ସେବାରେ ସାମିଲ ହୋଇଥିଲେ। ସେ ୧୯୮୯ ମାର୍ଚ୍ଚ ୩୧ରେ ଜନ୍ମଗ୍ରହଣ କରିଥିଲେ। ସେ କାମରୁପ ଜିଲ୍ଲା ଗୋଲାଘାଟର ବାସିନ୍ଦା। ସେ କାର୍ବି ଆଙ୍ଗଲୋଙ୍ଗରେ ସହାୟକ କମିସନର ଭାବେ ପ୍ରଶାସନିକ କ୍ୟାରିୟର ଆରମ୍ଭ କରିଥିଲେ। ଏହି ପଦରେ ସେ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଥିଲେ। ଏଠାକାର ବିଭିନ୍ନ ଦୁର୍ନୀତି ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ନୂପୁରଙ୍କ ସହଯୋଗୀ ସୁରଜିତ ଏବେ ବାରପେଟାରେ ନିଯୁକ୍ତ ଅଛନ୍ତି। ନୂପୁରଙ୍କ ସହ ମିଶି ସେ ବାରପେଟାରେ ଅନେକ ସମ୍ପତ୍ତି ନିଜ ନାମରେ କରିଥିବା ଅଭିଯୋଗ ହୋଇଛି।

# ଗାଜାରେ ପଶିଲା ଇସ୍ରାଏଲ ସେନା

## ୭୮ ମୃତ; ସହର ଛାଡ଼ିଲେ ୩ ଲକ୍ଷ ନାଗରିକ

## ଗାଜା ଜଳୁଛି କହିଲେ ପ୍ରତିରକ୍ଷା ମନ୍ତ୍ରୀ



ତେଲ ଆଭିଭ, ୧୬।୯ (ଏଜେନ୍ସି): ଇସ୍ରାଏଲ-ହମାସ ସଂଘର୍ଷ ବନ୍ଦ ହେବାର ନା ଧରୁନି। ଦୀର୍ଘ ଦିନ ହେଲା ଆକ୍ରମଣ ଜାରି ରହିଥିବାବେଳେ ଗାଜା ଅଧିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ ନ ପାଇ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି। ଏପରି ସମୟରେ ପୁଣିଥରେ ଇସ୍ରାଏଲ ଗାଜା ସିଟିରେ ଜୋରଦାର ଆକ୍ରମଣ କରିଛି। ଏହି ସହରକୁ ଦଖଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ମଙ୍ଗଳବାର ସକାଳେ ଇସ୍ରାଏଲ ସେନା ସ୍ଥଳ ଭାଗରେ ଆକ୍ରମଣ ଆରମ୍ଭ କରି ଗାଜା ସିଟିର ବାହ୍ୟ ଅଞ୍ଚଳକୁ ପ୍ରଥମେ କବ୍‌ଜା କରିବାରେ ଲାଗିଛି। ଏହି ଅଞ୍ଚଳରେ ଆଇଡିଏଫ ରାତି ସାରା ଆକାଶ ମାର୍ଗରୁ ଆକ୍ରମଣ କରିଥିଲେ। ବୋମା ମାଡ଼ରେ ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଛି। ଲୋକେ ଭୟରେ ଘରଦ୍ୱାର ଛାଡ଼ି ପଳାଇବାରେ ଲାଗିଛନ୍ତି। ଏହି ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଫୁଟବଲ ଏକାଡେମିର ୧୦ ଶିଶୁ ସାମିଲ ଅଛନ୍ତି। ଶତାଧିକ ମଧ୍ୟ ଆହତ ହୋଇଛନ୍ତି। ୩.୨ ଲକ୍ଷରୁ ଅଧିକ ଲୋକ ସହର ଛାଡ଼ି ଚାଲି ଯାଇଛନ୍ତି ବୋଲି ଜଣେ ଇସ୍ରାଏଲ ଅଧିକାରୀ କହିଛନ୍ତି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ ହମାସ କବ୍‌ଜାରେ ଥିବା ନାଗରିକଙ୍କୁ ମୁକ୍ତ କରିବାକୁ ଏବଂ ହମାସକୁ ହରାଇବା ପାଇଁ ସେନା ସାହସର ସହ ଲଢ଼େଇ କରୁଛି। ଏବେ ଗାଜା ଜଳୁଛି। ସେନା ସମ୍ପୂର୍ଣ୍ଣ କ୍ଷମତାର ସହ ଆତଙ୍କବାଦୀଙ୍କ ଠିକଣାରେ ଆକ୍ରମଣ କରୁଛି। ଅଭିଯାନ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ପଛଘୁଞ୍ଚା ଦେବ ନାହିଁ କି ଅଟକିବ ନାହିଁ। ଏହା ପୂର୍ବରୁ ଗତ ମାସରେ ଗାଜା ସିଟି କବ୍‌ଜା ଯୋଜନାକୁ ଇସ୍ରାଏଲ କ୍ୟାବିନେଟ ମଞ୍ଜୁରି ଦେଇଥିଲା। ଏହା ଅଧିନରେ ୬୦ ହଜାର ସଂରକ୍ଷିତ ସୈନିକଙ୍କୁ ଡକାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଯୋଜନା ଅନୁଯାୟୀ ଗାଜା ସହରକୁ କବ୍‌ଜା ପାଇଁ ମୋଟ ୧.୩୦ ଲକ୍ଷ ସୈନିକଙ୍କୁ ମୁତୟନ କରାଯିବ। କାର୍ଯ୍ୟରେ ଯୋଗଦେବା ପାଇଁ ସୈନିକଙ୍କୁ ଦୁଇ ସପ୍ତାହ ତଳେ ନୋଟିସ ଜାରି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଇବା ପାଇଁ ଗତ ୨ ତାରିଖରେ ନିଷ୍ପତ୍ତି ନିଆଯାଇଥିଲା। ପରେ ନଭେମ୍ବର-ଡିସେମ୍ବର ଏବଂ ଫେବୃଆରୀ-ମାର୍ଚ୍ଚରେ ଅନ୍ୟ ସୈନିକଙ୍କୁ ଡକାଯିବ। ଏହି ଅଭିଯାନର ନାମ 'ଗିଦୋନସ ଚେରିଏଟ୍ସ-ବି' ରଖାଯାଇଛି। ଏହା ସହିତ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ସଂରକ୍ଷିତ ସୈନିକଙ୍କ ସେବା ଅବଧିକୁ ୪୦-୫୦ ଦିନ ପାଇଁ ବୃଦ୍ଧି କରାଯାଇଛି।

ଏହି ଅଭିଯାନରେ ଆର୍ମି ଡିଭିଜନର ୫ଟି ଟିମ୍ ଏବଂ ୧୨ଟି ବ୍ରିଗେଡସ୍ତରୀୟ ଟିମ୍ ସାମିଲ ହେବ। ଏହା ମଧ୍ୟରେ ପଦାତିକ ବାହିନୀ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଏବଂ ସପୋର୍ଟ ୟୁନିଟ ସାମିଲ ରହିଛି। ଏହା ବ୍ୟତୀତ ଗାଜା ଡିଭିଜନର ଉତ୍ତର ଏବଂ ଦକ୍ଷିଣ ବ୍ରିଗେଡ ମଧ୍ୟ ସାମିଲ ହେଉଛି।

ଇସ୍ରାଏଲର ଆକ୍ରମଣ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଏପରି ସମୟରେ ଇସ୍ରାଏଲର ନୂଆ ଅଭିଯାନ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏବେ ଗାଜାର ୮୦ ପ୍ରତିଶତ ଅଞ୍ଚଳରେ ପାଲେଷ୍ଟିନୀୟଙ୍କ ପ୍ରବେଶକୁ ବାରଣ କରିଦିଆଯାଇଛି। ଏହି ଅଭିଯାନରେ ହମାସ କବ୍‌ଜାରେ ଥିବା ବନ୍ଦୀଙ୍କୁ ମୁକ୍ତ କରିବାକୁ ଇସ୍ରାଏଲ ଲକ୍ଷ୍ୟ ରଖିଛି। ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଇସ୍ରାଏଲ ସେନା ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ନ ଥିଲା। ଆଇଡିଏଫ ଅନୁଯାୟୀ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ପ୍ରତିଶତ ଅଞ୍ଚଳ ଦେଶ ନିୟନ୍ତ୍ରଣରେ ରହିଛି। ମାତ୍ର ୨୫ ପ୍ରତିଶତ ଅଞ୍ଚଳକୁ ଦଖଲ କରାଯାଇ ନାହିଁ। ଏଠାରେ ଇସ୍ରାଏଲ ବନ୍ଦୀଙ୍କୁ ରଖାଯାଇଥିବା ଅନୁମାନ କରାଯାଉଛି। ତେଣୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏବେ ଗାଜାରେ ହମାସ ପାଖରେ ପ୍ରାୟ ୫୦ ଜଣ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବାବେଳେ ୨୮ ଜଣ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି।

# ନିଟ୍ ଛାତ୍ରଙ୍କୁ ହତ୍ୟା କଲେ ପଶୁ ଚୋରାଚାଲାଣକାରୀ

ଗୋରଖପୁର, ୧୬।୯ (ଏଜେନ୍ସି): ଉତ୍ତର ପ୍ରଦେଶ ଗୋରଖପୁରରେ ପଶୁ ଚୋରାଚାଲାଣକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହି ସମୟରେ ଚୋରାଚାଲାଣକାରୀ ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ରଙ୍କୁ ଟାଣି ନେଇ ପିଟି ପିଟି ହତ୍ୟା କରିଦେଇଛନ୍ତି। ମୃତଦେହକୁ ଘରଠୁ ୪ କିମି ଦୂରରେ ନେଇ ଫୋପାଡ଼ିଛନ୍ତି। ସାଢ଼େ ଚାରି ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାତ୍ରଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡକୁ ପିଟି ପିଟି ନଷ୍ଟ କରିଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଣେ ଚୋରକୁ ଧରି ମଧ୍ୟ ପ୍ରବଳ ମାଡ଼ ମାରିଛନ୍ତି। ଛଡ଼ାଇବାକୁ ଆସିବାରୁ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ସୋମବାର ରାତି ୧୧ଟାରେ ଏହି ହଙ୍ଗାମା ଆରମ୍ଭ ହୋଇଥିଲା। ୧୦-୧୨ ଜଣ ପଶୁ ଚୋରାଚାଲାଣକାରୀ ପିକ୍‌ଅପରେ ପିପରାଇଚରୁ ମଓଆଚାପି ଗାଁରେ ପହଞ୍ଚି ଥିଲେ। ଏଠାରେ ଗ୍ରାମବାସୀଙ୍କ ସହ ହଙ୍ଗାମା ହେବା ପରେ ଆଗରେ ଥିବା ନିଟ୍ ଛାତ୍ର ଦୀପକଙ୍କୁ ନେଇ ପଳାଇ ଥିଲେ।

ସୂଚନା ଅନୁଯାୟୀ ଗାଁର ପ୍ରବେଶ ପଥ ନିକଟରେ ଦୁର୍ଗେଶ ପାଠକଙ୍କ ଆସବାବ ଦୋକାନ ଥିଲା। ଶୂନଶାନ ସ୍ଥାନ ଦେଖିବା ପରେ ସୋମବାର ରାତିରେ ଚୋରା ଲୁଟ୍ କରିବା ପାଇଁ ଦୋକାନ ତାଲା ଭାଙ୍ଗିବାରେ ଲାଗିଥିଲେ। ତେବେ ଦୋକାନର ଉପର ମହଲାରେ ଥିବା ଟ୍ରାଭେଲ ଅଫିସରେ ଦୁର୍ଗେଶଙ୍କ ଭଉଣୀର ପୁଅ ଶୋଇଥିଲେ। ସେ ୧୦-୧୨ ଚୋରଙ୍କୁ ଦେଖି ମାମୁଁ ଦୁର୍ଗେଶଙ୍କ ପୁଅ ଦୀପକକୁ କଲ୍ କରି ଡକାଇ ଥିଲେ। ଅନ୍ୟମାନଙ୍କୁ ଧରି ସେ ଆସୁଥିବାର ଶବ୍ଦ ଶୁଣି ଚୋର ପଳାଉ ଥିଲେ। ଗ୍ରାମବାସୀଙ୍କ ଉପରେ ଗୁଳିମାଡ଼ କରି ଆଗରେ ଥିବା ଦୀପକକୁ ସାଥିରେ ଭିଡ଼ି ନେଇଥିଲେ। ଏହି ସମୟରେ ଗ୍ରାମବାସୀ ଜଣେ ଚୋରକୁ ଧରି ନେଇ ପ୍ରବଳ ମାଡ଼ ମାରିଥିଲେ। ପୁଲିସ ପହଞ୍ଚି ଗିରଫ କରିବାକୁ ପ୍ରୟାସ କରୁଥିବାବେଳେ ଗ୍ରାମବାସୀ ଏସ୍‌ପିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ଏସ୍‌ପି ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପିପରାଇଚ ଥାନା ପ୍ରଭାରୀ ଆହତ ହୋଇଥିଲେ।

# ହିଂସା ପାଇଁ ମସ୍କଙ୍କୁ ଦାୟୀକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୧୬।୯ (ଏଜେନ୍ସି): ଆପ୍ରବାସନ ନୀତିକୁ ବିରୋଧ କରି ବ୍ରିଟେନରେ ହୋଇଥିବା ହିଂସା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆମେରିକା ବ୍ୟବସାୟୀ ଏଲନ ମସ୍କଙ୍କୁ ଦାୟୀ କରିଛନ୍ତି। ସେ ଟେସ୍‌ଲା ମାଲିକଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଉତ୍ତେଜନାପୂର୍ଣ୍ଣ ଏବଂ ବିପଜ୍ଜନକ ଭାଷଣ ପାଇଁ ଦକ୍ଷିଣ ପନ୍ଥୀ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ସମୟରେ ହିଂସା ହେଲା ବୋଲି କହିଛନ୍ତି। ଷ୍ଟାର୍ମରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ବ୍ରିଟେନ ଏକ ସହିଷ୍ଣୁ ଦେଶ। ଏଠାରେ ହିଂସାକୁ ଉସୁକାଉଥିବା ଭାଷାର କୌଣସି ସ୍ଥାନ ନାହିଁ। ସୂଚନାଯୋଗ୍ୟ ଯେ ଦେଶରେ ବେଆଇନ ପ୍ରବାସୀଙ୍କ ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଲଣ୍ଡନରେ ପ୍ରତିବାଦ ହୋଇଥିଲା। ଅନଲାଇନ୍ ମାଧ୍ୟମରେ ମସ୍କ ଏଥିରେ ଯୋଗ ଦେଇଥିଲେ। ସେ ବ୍ରିଟେନ ସଂସଦ ଭଙ୍ଗ କରିବାକୁ ଦାବି କରିଥିଲେ। ଲଢ଼େଇ କରନ୍ତୁ, ନଚେତ ମରିବେ ବୋଲି କହିଥିଲେ। ଏହା ପରେ ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୨୬ ଜଣ ପୋଲିସ ଆହତ ହୋଇଥିଲେ।

# 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ଟ୍ରମ୍ପଙ୍କ ମାନହାନୀ ମାମଲା

ୱାଶିଂଟନ, ୧୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ବଡ଼ ଅଭିଯୋଗ ଲଗାଇ ୧୫ ବିଲିୟନ ଡଲାର ତଥା ୧.୩ ଲକ୍ଷ କୋଟି ଟଙ୍କାରର ମାନହାନୀ ମାମଲା ଦାଏର କରିଛନ୍ତି। କିଛି ଦଶନ୍ଧି ହେଲା ଏହି ଖବରକାଗଜ ତାଙ୍କ ବିରୋଧରେ ଭୁଲ୍ ରିପୋର୍ଟ ପ୍ରଚାରପ୍ରସାର କରି ଛବି ଖରାପ କରୁଥିବା ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। ଏହା ମଧ୍ୟରେ ଦିବଙ୍ଗତ ସେକ୍ସ ଅପରାଧୀ ଜେଫରି ଏପଷ୍ଟିନ ସାମିଲ ଅଛନ୍ତି। ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ କହିଛନ୍ତି ଯେ ନ୍ୟୁୟର୍କ ଟାଇମ୍ସ ତାଙ୍କ ପରିବାର, ବ୍ୟବସାୟ, ରାଷ୍ଟ୍ରପତି ଏବଂ ସାରା ଦେଶ ବିରୋଧରେ ମିଛ ପ୍ରଚାରପ୍ରସାର କରୁଛି। ଏହି ଖବରକାଗଜ ଚରମପନ୍ଥୀ 'ଲେଫ୍ଟ ଡେମୋକ୍ରାଟ ପାର୍ଟି'ର ପ୍ରବକ୍ତା ପାଲଟି ଯାଇଛି। କମଳା ହ୍ୟାରିସଙ୍କ ସମର୍ଥନରେ ପ୍ରଥମ ପୃଷ୍ଠାରେ ଆଲେଖ୍ୟ ଲେଖିଥିଲା। ଏହା ଆମେରିକା ଫାଷ୍ଟ ମୁଭମେଣ୍ଟ ଏବଂ ମାଗାର ମଧ୍ୟ ବିରୋଧୀ। ଏହି ମାମଲା ଫ୍ଲୋରିଡ଼ାରେ ଦାଏର କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି।




ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଏହି ଖବରକାଗଜ ଦୀର୍ଘ ଦିନ ହେଲା ଭିଡିଓ ଏବଂ ପ୍ରମାଣପତ୍ରରେ ଜାଲିଆତି କରି ମିଥ୍ୟା ଖବରର ପ୍ରଚାରପ୍ରସାର କରୁଛି। ଏହା ବେଆଇନ। ଏହାକୁ ରୋକିବାକୁ ହେବ। ଏପରି କରିବାକୁ ଯାଉଥିବାରୁ ମୋତେ ଗର୍ବ ଲାଗୁଛି। ଟ୍ରମ୍ପ ଏବଂ ବଦ୍‌ନାମ ହୋଇଥିବା ଫାଇନାନ୍ସର ଜେଫରି ଏପଷ୍ଟିନଙ୍କ ସମ୍ପର୍କକୁ ନେଇ ନ୍ୟୁୟର୍କ ଟାଇମ୍ସ ଖବର ଛାପିବା ପରେ ଆମେରିକା ରାଷ୍ଟ୍ରପତି ଏହି ପଦକ୍ଷେପ ନେଇଛନ୍ତି। ସେ ନ୍ୟୁୟର୍କ ଟାଇମ୍ସକୁ ଆମେରିକାର ସବୁଠୁ ଖରାପ ଏବଂ ବର୍ବାଦ ହୋଇଯାଇଥିବା ଖବରକାଗଜ କହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଅଭିଯୋଗ ଉପରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ ଯେ ଏହି ଖବରକାଗଜ ଭାରତ ବିରୋଧରେ ମଧ୍ୟ ଅନେକ ମିଥ୍ୟା ଖବର ପ୍ରଚାରପ୍ରସାର କରିଥିଲା। ଭିତ୍ତିହୀନ ରିପୋର୍ଟିଂ କରି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ କରିଥିଲା। କଶ୍ମୀରରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇଥିବା ଦାବି କରିଥିଲା। ଏହା ମଧ୍ୟ ଅନେକ ସମୟରେ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧୀ ଖବର ଛାପିଥିଲା।

## ଟ୍ରମ୍ପଙ୍କ ଦାବିକୁ ଖାରଜ କଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ

# ତୃତୀୟ ପକ୍ଷର ମଧ୍ୟସ୍ଥତାକୁ କେବେ ସ୍ୱୀକାର କରିନି ଭାରତ

ଦୋହା, ୧୬।୯ (ଏଜେନ୍ସି): ପୁଣିଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପଦାରେ ପଡ଼ିଯାଇଛି। 'ଅପରେସନ ସିନ୍ଦୂର' ପରେ ଭାରତ ଏବଂ ପାକିସ୍ତାନ ସଂଘର୍ଷକୁ ଅଟକାଇଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଏଥିପାଇଁ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କୁ ମନୋନୀତ କରିବାକୁ ଟ୍ରମ୍ପ ଭାରତ ଉପରେ ଚାପ ପକାଉଛନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ମିଛ ଉପରୁ ଖୋଦ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇସାକ ଡାର୍ ପରଦା ଉଠାଇ ଦେଇଛନ୍ତି। ଏହା ସହିତ ସାରା ବିଶ୍ୱରେ ପୁଣିଥରେ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଡାର୍ ଖାରଜ କରିଦେଇଛନ୍ତି।

ଅଲଜଜିରାକୁ ମଙ୍ଗଳବାର ଦେଇଥିବା ଏକ ସାକ୍ଷାତକାରରେ ଡାର୍ ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶ ମଧ୍ୟରେ କୌଣସି ତୃତୀୟ ରାଷ୍ଟ୍ରର ମଧ୍ୟସ୍ଥତାକୁ ଭାରତ କେବେ ସ୍ୱୀକାର କରି ନାହିଁ। ଏହି ସମୟରେ ଉପସ୍ଥାପକ ତାଙ୍କୁ ସଂଘର୍ଷ ସମାଧାନ ଲାଗି ତୃତୀୟ ପକ୍ଷର ହସ୍ତକ୍ଷେପ ନିମନ୍ତେ ପାକିସ୍ତାନ ପ୍ରସ୍ତୁତ ଥିଲା କି ବୋଲି ପଚାରି ଥିଲେ। ଏହା ଉପରେ ପାକିସ୍ତାନର କୌଣସି ଆପତ୍ତି ନ ଥିଲା ବୋଲି ଡାର୍ କହିଥିଲେ। କିନ୍ତୁ ଏଥିପାଇଁ ଭାରତ ମନା କରିଦେଇଥିଲା। ସୂଚନା ଅନୁଯାୟୀ ମେ'୭ରେ ସଂଘର୍ଷ ଆରମ୍ଭ ହେବାର ତିନି ଦିନ ପରେ ୧୦ରେ ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ ଅସ୍ତ୍ରବିରତିର ସୂଚନା ଦେଇଥିଲେ। ପରେ ସେ ପ୍ରାୟ ୩୦ ଥର ଏହି ଯୁଦ୍ଧ ବନ୍ଦ କରିଥିବାର ଶ୍ରେୟ ନିଜକୁ ଦେଲେଣି। କିନ୍ତୁ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଆସିଛି। ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ଏହା ପରେ ଇସାକ ଡାର୍ ସଂଘର୍ଷର ସମାଧାନ ନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍କ ରୁବିୟୋଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମଧ୍ୟ ଭାରତ ଆଉ କାହାର ହସ୍ତକ୍ଷେପ ଚାହୁଁ ନ ଥିବା କହିଥିଲେ।

ଡାର୍ କହିଥିଲେ ଯେ ଜୁଲାଇ ୨୫ରେ ୱାଶିଂଟନରେ ରୁବିୟୋଙ୍କ ସହ ବୈଠକ ହୋଇଥିଲା। ଏଠାରେ ମଧ୍ୟ ଅନ୍ୟ କୌଣସି ଦେଶରେ ପାକିସ୍ତାନ ସହ ଆଲୋଚନା କରିବା ପାଇଁ ଭାରତ ରାଜି ହୋଇ ନ ଥିଲା।

# ୪୦ ବର୍ଷ ପରେ ପାକିସ୍ତାନରେ 'ରାବି' ବିପର୍ଯ୍ୟୟ

ଇସଲାମାବାଦ, ୧୬।୯ (ଏଜେନ୍ସି): ଦୀର୍ଘ ୪୦ ବର୍ଷ ପରେ ଭାରତରେ ପ୍ରବାହିତ ରାବି ନଦୀ ପାକିସ୍ତାନରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୀର୍ଘ ଚାରି ଦଶନ୍ଧି ପର୍ଯ୍ୟନ୍ତ ଶାନ୍ତ ରହିବା ପରେ ଏହି ନଦୀ ନିଜର ଭୟଙ୍କର ରୂପକୁ ଦେଖାଇଛି। ଚଳିତ ମୌସୁମୀର ଭୀଷଣ ବର୍ଷାରେ ଅଗଷ୍ଟରେ ରାବି ନଦୀ ପୁଣି ଫୁଲି ଉଠିଛି। ଏହା ସୀମା ସରହଦ ଡେଇଁ ପାକିସ୍ତାନର ଲାହୋରକୁ ବ୍ୟାପି ଯାଇଛି। ଏହା ଘର ଏବଂ କ୍ଷେତ ଭିତରେ ପଶି ବିପୁଳ କ୍ଷତି ଘଟାଇଛି। ଏବେ ବି ଅନେକ ଅଞ୍ଚଳ ବନ୍ୟାରେ ବୁଡି ରହିଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ପୁଣିଥରେ ଲୋକଙ୍କୁ ୪୦ ବର୍ଷ ତଳେ ହୋଇଥିବା ବିପର୍ଯ୍ୟୟର କରୁଣ ଦୃଶ୍ୟକୁ ମନେ ପକାଇ ଦେଇଛି। ପ୍ରକୃତି ସହ ଖେଳି ହେଉଥିବା ବିକାଶ କାର୍ଯ୍ୟର ଏହା କୁପରିଣତି ବୋଲି କିଛି ଲୋକ କହୁଛନ୍ତି। ଆଉ କିଛି ଲୋକେ ଏହାକୁ ରାବି ନଦୀର ଚମତ୍କାର ବୋଲି ଆଖ୍ୟା ଦେଇଛନ୍ତି। ରାବି ବୁଡେଇଲା, ଭସେଇଲା ଆଉ ପୁରୁଣା ସ୍ମୃତିକୁ ସତେଜ କରିଦେଲା ବୋଲି ପୁରୁଖା ଲୋକ କହୁଛନ୍ତି। ତେବେ ଏହି ବନ୍ୟା ପାଇଁ ପାକିସ୍ତାନ ଭାରତକୁ ଦୋଷ ଦେଉଛି। ଭାରତ ପାଣି ଅଟକାଇ ଛାଡ଼ିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

ସିନ୍ଧୁ ନଦୀ ପ୍ରଣାଳୀର ନଦୀଗୁଡ଼ିକ ପାକିସ୍ତାନ ଏବଂ ଭାରତରେ ଥିବା ପଞ୍ଜାବ ପ୍ରଦେଶର ଲୋକକଥା ଏବଂ ସଂସ୍କୃତିର ଅଂଶ ହୋଇ ରହିଛି। ବିଭାଜନକୁ ମଧ୍ୟ ନଦୀ ପରି ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଗୁରଦାସ ମାନ-ଦିଲଜିତ୍ ଦୋସାଞ୍ଜ୍ ପଞ୍ଜାବୀ ଗୀତ ଲେଖିଛନ୍ତି। ପାକିସ୍ତାନର ପଞ୍ଜାବର ରାଜଧାନୀ ଲାହୋରର ସହିତ ରାବୀ ନଦୀର ପ୍ରେମକାହାଣୀ ବହୁ ଶତାବ୍ଦୀ ପୁରୁଣା। ତେଣୁ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ରାବି ଲାଗି ଲାହୋରରେ ବନ୍ୟା ଆସିବାରୁ କେବଳ ବ୍ୟାପକ କ୍ଷତି ଘଟାଇନଥିଲା, ବରଂ ସ୍ମୃତିର ଏକ ବନ୍ୟା ମଧ୍ୟ ଆସିଥିଲା।

ସତଲେଜ୍ ଏବଂ ଚେନାବ ସହିତ ରାବି ପଞ୍ଜାବର ସବୁଠୁ ଭୟଙ୍କର ବନ୍ୟା ସୃଷ୍ଟି କରିଥିଲା। ଲାହୋରର ଅଧିବାସୀ ସେତୁ ଉପରେ ଏକାଠି ହୋଇ ପରିବାର ସହ ନଦୀ ବଢି ଦେଖୁଥିଲେ। ଚଳିତ ଥର ଉଭୟ ପଞ୍ଜାବକୁ ରାବି କ୍ରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାରତର ଗୁରୁଦାସପୁର ଏବଂ ପଠାନକୋଟ୍‌ରୁ ପାକିସ୍ତାନର ନାରୋୱାଲ, ସାହିୱାଲ, କସୁର ଏବଂ ଲାହୋର ପର୍ଯ୍ୟନ୍ତ ସହରଗୁଡିକୁ ରାବି ବୁଡାଇ ଦେଇଛି। କରତାରପୁରର ଗୁରୁଦ୍ୱାର ସାହିବକୁ ମଧ୍ୟ ବନ୍ୟାପାଣି ପ୍ରବେଶ କରିଛି।

## ବୁଡ଼େଇଲା, ଭସେଇଲା, କନ୍ଦେଇ ସତେଜ କଲା ସ୍ମୃତି

ରାବି ନଦୀ ହିମାଚଳ ପ୍ରଦେଶର ବାରା ଭଙ୍ଗାଲ ଅଞ୍ଚଳରୁ ବାହାରି ଚମ୍ବା ଉପତ୍ୟକା ଦେଇ ପଞ୍ଜାବରେ ପ୍ରବେଶ କରିଛି। ପାକିସ୍ତାନର ନାରୱାଲରେ ପ୍ରବେଶ କରିବା ପୂର୍ବରୁ ପଞ୍ଜାବର ପଠାନକୋଟ, ଅମୃତସର ଏବଂ ଗୁରୁଦାସପୁର ଜିଲ୍ଲା ଦେଇ ପ୍ରବାହିତ ହୋଇଛି। ସେଠାରୁ ଏହା ଲାହୋର ଆଡକୁ ଯାଇ ଶେଷରେ ଚେନାବ ନଦୀରେ ମିଶିଛି। ରାବି ଲାହୋରରେ ପ୍ରବେଶ କରି ଏହି ସହରର ଦୁର୍ବଳ ଭିତ୍ତିଭୂମିକୁ ବିପର୍ଯ୍ୟସ୍ତ କରିଦେଇଛି। ନଦୀବନ୍ଧ ଭାଙ୍ଗି ଯାଇଛି, ସହରୀ ଯୋଜନା ଭୁଶୁଡ଼ି ପଡ଼ିଛି ଏବଂ ସହରର ପରିବେଶଗତ ଅବହେଳା ପଦାରେ ପଡ଼ିଯାଇଛି। ରାବି ନଦୀ ବନ୍ଧ ପ୍ରକଳ୍ପକୁ ବିକାଶ ଭାବେ ଦେଖାଯାଉଥିବାବେଳେ ଏବେ ଏହା ଇତିହାସରୁ କିଛି ଶିକ୍ଷା ଗ୍ରହଣ କରିନାହିଁ ବୋଲି ଲାଗୁଛି। କାରଣ ପୂର୍ବରୁ ହୋଇଥିବା ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶେଷ ଥର ପାଇଁ ୧୯୮୮ରେ ରାବି ଯୋଗୁଁ ଲାହୋରରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏହା ପରଠାରୁ କୌଣସି ବନ୍ୟା ଆସି ନ ଥିବାରୁ ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ନ ଥିଲା। ଫଳରେ ରାବିରେ ୧୪ ଲକ୍ଷ କ୍ୟୁସେକ ଜଳ ମାଡ଼ି ଆସି ସୀମାରେ ଥିବା ୩୦ କିମିର ଲୁହା ବାଡ଼କୁ ଭସାଇ ନେଇଥିଲା। ପହଲଗାମ ଆକ୍ରମଣକୁ ନେଇ ସିନ୍ଧୁ ଚୁକ୍ତି ରଦ୍ଦ କରିବା ପରେ ଏପରି ହୋଇଛି। 'ଇଷ୍ଟର୍ଣ୍ଣ ଇଣ୍ଡସ ରିଭର ସିଷ୍ଟମ'ରେ ପ୍ରବାହିତ ହେଉଥିବା ଏହି ରାବି ନଦୀ ଆଣିଥିବା ବନ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ 'ମେମେ'ର ବନ୍ୟା ଆସିଥିଲା। ପାଣି ରୋକିବାକୁ ଭାରତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପାକିସ୍ତାନର ସିଂହ ଭାଗ କେମିତି ବୁଡିଗଲା ବୋଲି ଲୋକେ ପଚାରୁଛନ୍ତି।



## ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ

# ଆଜି ସବୁ ଏସ୍‌ପି ଅଫିସ ଘେରିବ ମହିଳା ବିଜେଡି

ଭୁବନେଶ୍ୱର,୧୬।୯(ସମିସ): ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଲୋମଟାଙ୍କୁରା ଘଟଣାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଡ଼ିଥିବା ପ୍ରମାଣିତ ହେଉଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ସହ ଏସ୍‌ପିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା' ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ



ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ରାଜ୍ୟରେ ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଇତ୍ୟାଦି ଘଟଣା ଯେପରି ଥମିବାର ନାଁ ନେଉନାହିଁ। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯିବ।


ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅପରାଧ ସୀମା ସରହଦ ଉଲ୍ଲଙ୍ଘନ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଗତ ୧୪ ମାସର ବିଜେପି ଶାସନରେ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ଭିତରୁ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟରେ ସୁରକ୍ଷା ପ୍ରଦାନ ପାଇଁ ଘୋଷଣା କରିଥିଲେ। ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ପରେ ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ପାଣିରେ ଗାର ସଦୃଶ୍ୟ ହୋଇଛି। ରାଜ୍ୟ ପୁଲିସ କର୍ତ୍ତୃପକ୍ଷ ପୁଲିସ କର୍ମଚାରୀ ଅଭାବ ରହିଛି ବୋଲି ସଫେଇ ଦେଉଛନ୍ତି। ରାଜ୍ୟର ନେତା, ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ବ୍ୟସ୍ତ ଅଛି, କିନ୍ତୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ କର୍ମଚାରୀଙ୍କ ଅଭାବ ରହିଛି ବୋଲି ଦର୍ଶାଯିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଜେଡି ନେତ୍ରୀ ମିନତି ବେହେରା କହିଥିଲେ ଯେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କଗୁଡ଼ିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ। ଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ। ଗତ ୧୪ମାସର ବିଜେପି ଶାସନରେ ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ସବୁ ଜାଣି ବି ସରକାର ନିରବ ରହିବା କ୍ଷୋଭର ବିଷୟ: ନବୀନ

## ଚାଷୀଙ୍କ ପାଇଁ ସ୍ୱର ଆହୁରି ଶାଣିତ କରିବ ବିଜେଡି

ଭୁବନେଶ୍ୱର, ୧୬।୯(ସମିସ): ସରକାର ଯେତେ ବାହାସ୍ଫୋଟ ମାରିଲେ ମଧ୍ୟ ରାଜ୍ୟରେ ସାର ସଂକଟର ସମାଧାନ ହେଉନାହିଁ। ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସରକାରୀ ଅପାରଗତାକୁ ନେଇ ବିରୋଧୀ ଦଳ ବର୍ଷୁଛନ୍ତି। ଏହି କ୍ରମରେ ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ସାର ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କେଉଁଠି ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ତ କେଉଁଠି ସାରା ରାତି ଅନିଦ୍ରା ପରେ ବି ସାର ମିଳୁ ନାହିଁ। ଚାଷ ସମୟରେ ସାର ନ ପାଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। କିନ୍ତୁ ସାର ସଙ୍କଟ ନେଇ ସବୁ ଜାଣି ବି ସରକାର ନିରବ ରହିବା ସବୁଠୁ କ୍ଷୋଭର ବିଷୟ। ଏନେଇ ବିଜୁ ଜନତା ଦଳ ଜୋରଦାର ପ୍ରତିବାଦ କରିଛି। ଚାଷୀ ଭାଇଭଉଣୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି। ସାର ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦଳ ଗଣଧାରଣା ଦେବା ସହ ରାଜ୍ୟପାଳଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛି। ଯଥାଶୀଘ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚାଷୀଙ୍କ ହକ୍ ପାଇଁ ବିଜୁ ଜନତା ଦଳର ସ୍ୱର ଆହୁରି ଶାଣିତ ହେବ ବୋଲି ନବୀନ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ୭ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୬।୯(ସମିସ): ଉପନିର୍ବାଚନ ହେବାକୁ ଥିବା ନୂଆପଡ଼ା ବିଧାନସଭାରେ ଆଉ ୫୬ଟି ନୂତନ ମତଦାନ କେନ୍ଦ୍ର ଖୋଲାଯିବ। ପୂର୍ବରୁ ମୋଟ୍ ୩୦୨ଟି ମତଦାନ କେନ୍ଦ୍ର ଥିବାବେଳେ ଏହା ୩୫୮କୁ ବୃଦ୍ଧି ପାଇଛି। ତନ୍ମଧ୍ୟରୁ ସହରାଞ୍ଚଳରେ ୩୬ଟି ଏବଂ ଗ୍ରାମାଞ୍ଚଳରେ ୩୨୨ଟି ମତଦାନ କେନ୍ଦ୍ର କରାଯାଇଛି। ଏହାସହ ୫୨ଟି କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) କରିବାକୁ ଆୟୋଗ ସୂଚନା ଦେଇଥିଲେ। ତଦନୁଯାୟୀ ଗତକାଲି ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟର ତାଲିକା ନେଇ କାହାର ଆପତ୍ତି ଥିଲେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିପାରିବେ। ସମସ୍ତ ଅଭିଯୋଗକୁ ଅକ୍ଟୋବର ୭ ତାରିଖ ମଧ୍ୟରେ ସମାଧାନ କରାଯିବ। ଏହାପରେ ୯ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ନୂଆପଡ଼ାରେ ମୋଟ୍ ୨ଲକ୍ଷ ୪୮ହଜାର ୨୫୬ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ ଥିବାବେଳେ ୧ଲକ୍ଷ ୨୬ହଜାର ୧୩୨ ମହିଳା ଓ ୨୧ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

## ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ

# ୫ ମାସ ହେବ ମିଳୁନି ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

ଭୁବନେଶ୍ୱର,୧୭।୯(ସମିସ): ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଦେଶର ରାଷ୍ଟ୍ରପତି ମଧ୍ୟ ଆଦିବାସୀ। ଏହାଫଳରେ ରାଜ୍ୟର ଆଦିବାସୀମାନଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ଆଶା ରହିଥିଲା; କିନ୍ତୁ ଆଦିବାସୀଙ୍କ ଦୁଃଖ ଦୂର ହେବା ପରିବର୍ତ୍ତେ ରାଜ୍ୟର ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ମଙ୍ଗଳବାର ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁନ୍ତା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟର ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପ୍ରାକ ମାଟ୍ରିକ ଛାତ୍ର ବୃତ୍ତିକୁ ରାଜ୍ୟ ସରକାର ଦୀର୍ଘ ୫ ମାସ ହେଲା ବନ୍ଦ କରି ରଖିଛନ୍ତି। ବୃତ୍ତି ବନ୍ଦ ହୋଇଯିବା ଫଳରେ ରାଜ୍ୟର ୫୩ ହଜାର ଗରିବ ଆଦିବାସୀ ପିଲାଙ୍କୁ ଅନେକ କଷ୍ଟ ଭୋଗିବାକୁ ପଡୁଛି। ଯଦି ସରକାର ଛାତ୍ର ଛାତ୍ରୀଙ୍କ ବୃତ୍ତି ପୁନଃଲାଗୁ ନ କରନ୍ତି, ତେବେ ନିକଟରେ ହେବାକୁ ଥିବା ବିଧାନସଭା ଅଧିବେଶନରେ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଉଚିତ ଜବାବ ମାଗିବ ବୋଲି ବିଧାୟକ ଶ୍ରୀ ସାଉଁନ୍ତା ପ୍ରକାଶ କରିଛନ୍ତି।

କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ରାଜ୍ୟରେ ୫୩ ହଜାର ଛାତ୍ର ଛାତ୍ରୀଙ୍କୁ ଆଜିକୁ ୫ମାସ ହେଲାଣି ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଏପର୍ଯ୍ୟନ୍ତ ମିଳିନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷା ବିଭାଗ ଦ୍ୱାରା ୨୮୭ ଟି ଛାତ୍ରାବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି। ସେହିଭଳି ଭାବରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ



ଓ ସଂଖ୍ୟା ଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅନୁଦାନ ବା ଛାତ୍ରବୃତ୍ତି ମିଳିଲା ନାହିଁ। ସରକାର ଛାତ୍ର ବୃତ୍ତି ସ୍ୱରୂପ ନବମ ଓ ଦଶମ ଶ୍ରେଣୀର ଛାତ୍ର ମାନଙ୍କୁ ୧୦୫୦ ଟଙ୍କା ଦେଉଥିବା ବେଳେ ଛାତ୍ରୀ ମାନଙ୍କୁ ୧୧୦୦ ଟଙ୍କା ଦେଉଛନ୍ତି। ଏହି ଅର୍ଥରାଶିକୁ ମାସକ ମଧ୍ୟରେ ସେମାନେ ଚାରି ଓଳି ସକାଳ ଜଳଖିଆ, ଦୁଇ ପହର ଭାତ, ଅପରାହ୍ନ ଜଳଖିଆ ଓ ରାତ୍ରି ଭୋଜନ କରିଥାନ୍ତି। ଏଥିରେ ମଧ୍ୟ ନିତ୍ୟ ବ୍ୟବହାର ଜିନିଷ(ସାବୁନ, ତେଲ, ପେନ୍)। ଏହି ପଞ୍ଚମାସ କାଳ ଛାତ୍ରବୃତ୍ତି ନ ଦେବା ହେତୁ ଏବେଠାରୁ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ହାତ ଟେକି ଦେଇଛନ୍ତି ବୋଲି ସେ କହିଛନ୍ତି।

ପ୍ରି-ମାଟ୍ରିକ ଛାତ୍ର ବୃତ୍ତି-ଏସଟି ଛାତ୍ର ବୃତ୍ତି କେନ୍ଦ୍ର

**ବୃତ୍ତି ଅପେକ୍ଷାରେ ୫୩ ହଜାର ଛାତ୍ରଛାତ୍ରୀ**

ସରକାର ୭୫ ପ୍ରତିଶତ ଦେଉଥିବା ବେଳେ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଛନ୍ତି। ସେହିଭଳି ଅନୁସୂଚିତ ଜାତିବର୍ଗଙ୍କ ପାଇଁ ୬୦ ପ୍ରତିଶତ ଦେଉଥିବା ବେଳେ ୪୦ ପ୍ରତିଶତ ରାଜ୍ୟ ସରକାର ଦେଉଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଦେଉଛନ୍ତି। ଏହି ଛାତ୍ର ବୃତ୍ତି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ତାଙ୍କ ଭାଗ ପ୍ରଦାନ କରିସାରିବାର ପ୍ରମାଣ ଦେବା ପରେ କେନ୍ଦ୍ର ସରକାର ତାଙ୍କ ଅଂଶଧନ ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ଆସିଥାଏ। ଉଭୟ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର ଆଦିବାସୀ ବିରୋଧୀ ବୋଲି ଏଥିରୁ ପ୍ରମାଣିତ ହୋଇଥିଲା କଂଗ୍ରେସ କହିଛି।

# ଦୁର୍ଦ୍ଦାନ୍ତ ଦୀପକକୁ ଏନ୍‌କାଉଣ୍ଟର୍

ସମ୍ବଲପୁର, ୧୬।୯ (ସମିସ): ସମ୍ବଲପୁରରେ ପୁଣି ଏନ୍‌କାଉଣ୍ଟର୍। ବିଭିନ୍ନ ଥାନାରେ ୨୧ରୁ ଉର୍ଦ୍ଧ୍ୱ ସଂଗୀନ ମାମଲାରେ ଜଡ଼ିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ଦୀପକ ମଣ୍ଡଳକୁ ଆଜି ସଂଧ୍ୟାରେ ରେଙ୍ଗାଲି ପୁଲିସ ଏନ୍‌କାଉଣ୍ଟର୍ କରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ଲାଗି ତାକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ତା' ପାଖରୁ ପୁଲିସ ୭.୬୫ ଏମ୍‌ଏମ୍ ବିଶିଷ୍ଟ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି ଓ ଗୋଟିଏ ସ୍କୁଟି ଜବତ କରିଛି।

ସୂଚନାନୁଯାୟୀ, ରମ୍ଭେଲା ଜଙ୍ଗଲ ନିକଟରେ ଦୀପକ ଥିବା ସୂଚନା ପାଇ ପୁଲିସ୍ ସେଠାରେ ଚଢ଼ଉ



(ଫାଇଲ୍ ଫଟୋ)

କରିଥିଲା। ପୁଲିସ ତାକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଦୀପକ ପ୍ରଥମେ ପୁଲିସ ଉପରକୁ ୩ରାଉଣ୍ଡ ଗୁଳି ଚଳାଇଥିଲା। ଜବାବରେ ପୁଲିସ ମଧ୍ୟ ତା' ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ଦୀପକରୁ ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଥିଲା। ପରେ ପୁଲିସ ତାକୁ କାବୁ କରିନେଇଥିଲା।

ଉଲ୍ଲେଖଯୋଗ୍ୟ, ଦୀପକ ନାଁରେ ସମ୍ବଲପୁରର ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। ଅଇଁଠାପାଲି ଥାନାରେ ୧୦ଟି ମାମଲା ଥିବାବେଳେ ବୁର୍ଲା ଥାନାରେ ୩ଟି, ଧନୁପାଲି ଥାନାରେ ୧, କ୍ଷେତରାଜପୁର ଥାନାରେ ୨ଟି, ସଦରରେ ଗୋଟାଏ ଓ ଟାଉନ ଥାନାରେ ୪ଟି ମାମଲା ରହିଛି। ଅଭିଯୁକ୍ତ ଅନେକ ସମୟରେ ଫେରାର ରହିଥିଲା। ପୁଲିସ ବାରମ୍ବାର ଚେଷ୍ଟା ପରେ ମଧ୍ୟ ଧରିବାରେ ବିଫଳ ହେଉଥିଲା।

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ

ନୂଆପଡ଼ା,୧୬।୯(ସମିସ): ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମହିଳା ମାଓବାଦୀ। ତାଙ୍କ ନାମ ଜାନସି ଉର୍ଫ ବଛେଲା ଅଟାମୀ। ସେ ନଗରୀ ଏରିଆ ମାଓ ସଂଗଠନର ସଚିବ ଥିଲେ। ଜାନସି



ମହାରାଷ୍ଟ୍ର ଗଡ଼ଚିରୋଲିର ମୂଳବାସିନ୍ଦା। ଦୀର୍ଘ ୨୦ବର୍ଷ ହେବ, ସେ ଧମତରୀ-ଗରିଆବନ୍ଧ- ନୂଆପଡ଼ା ଡିଭିଜନ କମିଟିର ସକ୍ରିୟ ସଦସ୍ୟ ଥିଲେ। ଜାନସୀ, କେନ୍ଦ୍ର କମିଟି ସଦସ୍ୟ ଚଳପତିର ଘନିଷ୍ଠ ସହଯୋଗୀ ସତ୍ୟମ ଗାବଡେଙ୍କ ସ୍ତ୍ରୀ। ଗତ ଜାନୁଆରୀ ମାଓ ଏନକାଉଣ୍ଟର୍‌ରେ ଚଳପତି ସହ ସତ୍ୟମ ଗାବଡେ ମଧ୍ୟ ନିହତ ହୋଇଥିଲା। ଜାନସିଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଜାନସୀ ମାଓ ସଂଗଠନ ଛାଡ଼ି ଗରିଆବନ୍ଧ ଏସ୍‌ପି ନିଖିଲ ରଖେଚାଙ୍କ ନିକଟରେ ଆତ୍ମସମର୍ପଣ କରିଛି।


# 'ଉତ୍କଳ'ରେ ଭୟଙ୍କର ଆର୍ଥିକ ଅନିୟମିତତା

## ୨୪୧ କୋଟି ଭରଣା ନିମନ୍ତେ ଅଡ଼ିଟ ଟିମ୍‌ର ସୁପାରିସ

ଭୁବନେଶ୍ୱର,୧୬।୯(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରୁ ହୋଇଛି ବ୍ୟାପକ ଅର୍ଥ ହରିଲୁଟ୍। ଲୁଚା ଛପାରେ ନୁହେଁ; ସମସ୍ତଙ୍କ ଜ୍ଞାତସାରରେ ଲୁଟ୍ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ଚାରଣା ଖର୍ଚ୍ଚକୁ ବାରଣା ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟ କୋଷାଗାରରୁ ଅଧିକାରୀମାନେ ମିଳିମିଶି ଟଙ୍କା ଉଠାଇ ନେଇଛନ୍ତି; ହେଲେ ଅଡିଟ୍ ସମୟରେ ଖର୍ଚ୍ଚର ହିସାବ ଦେଇ ପାରୁ ନାହାନ୍ତି। ଆବଶ୍ୟକ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରି ନ ପାରି ଅଡ଼ିଟ୍‌ରେ ଧରା ପଡ଼ିଛନ୍ତି। ୨୦୧୫-୧୬ ରୁ ୨୦୧୯-୨୦ ଆର୍ଥିକବର୍ଷ ଅର୍ଥାତ୍ ମାତ୍ର ୫ ବର୍ଷରେ ୨୪୧କୋଟିରୁ ଅଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଧରିଛି ଅଡ଼ିଟ୍ ଟିମ୍। ଏସବୁ ଅର୍ଥ ଭରଣା କରିବାକୁ ଅଡିଟ୍ ରିପୋର୍ଟରେ ସୁପାରିସ୍ କରାଯାଇଥିଲେ ମଧ୍ୟ ଅଧିକାରୀମାନେ ଅର୍ଥ ଦାଖଲ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଛନ୍ତି।

ଲୋକାଲ୍ ଫଣ୍ଡ ଅଡିଟ୍ ରିପୋର୍ଟ ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷରେ ସମୁଦାୟ ୨୦କୋଟି ୧୫ଲକ୍ଷ ୯୦ହଜାର ୬ଟଙ୍କା ହଡ଼ପ କରାଯାଇଛି। ସମୁଦାୟ ୪୪ଜଣ ଅଧିକାରୀ ଏହି ଟଙ୍କା ଆତ୍ମସାତ୍ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତନ୍ମଧ୍ୟରୁ ୨ଜଣ ଅଧିକାରୀ ତାଙ୍କଠାରୁ ଆଦାୟ ହେବାକୁ ଥିବା ଟଙ୍କା ଭରଣା କରିଛନ୍ତି। ତତ୍କାଳୀନ କୁଳସଚିବ ପ୍ରାୟ ୧୩ଲକ୍ଷ ଟଙ୍କା ଭରଣା କରିବାକୁ ଥିବାବେଳେ ୮ଜଣ ଅଧିକାରୀ ଲକ୍ଷାଧିକ ଟଙ୍କା ଫେରସ୍ତ କରିବାକୁ ସୁପାରିସ୍ ହୋଇଛି। ସେହିପରି ୨୦୧୬-୧୭ରେ ଲୁଟ୍ ଅର୍ଥ ଶହେକୋଟି ଅତିକ୍ରମ କରିଛି। ସମୁଦାୟ ୬୭ ଜଣ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ୧୦୧ କୋଟି ୫୯ଲକ୍ଷ ୮୬ହଜାର ୭୩୮ ଟଙ୍କା ଭରଣା କରିବାକୁ ଅଡ଼ିଟ୍ ଟିମ୍ ସୁପାରିସ କରିଛି। ତତ୍କାଳୀନ କୁଳସଚିବଙ୍କ ନାମରେ ୯ଲକ୍ଷରୁ ଅଧିକ ଟଙ୍କା ବକେୟା ରହିଛି, ଏପରିକି ଜଣେ ତତ୍ତ୍ୱାବଧାରକ (କେୟାରଟେକର)ଙ୍କ ଠାରୁ ୪ଲକ୍ଷ ୩୪ହଜାରରୁ ଅଧିକ ଟଙ୍କା ଭରଣା କରିବାକୁ କୁହାଯାଇଛି। କେୟାରଟେକର୍ ଏତେ ଟଙ୍କାର କାରବାର କିପରି କରୁଥିଲେ ନା ତାଙ୍କ ନାମରେ ଆଉ କେଉଁ ଅଧିକାରୀ ନେଣଦେଣ କରୁଥିଲେ ତାକୁ ନେଇ ପଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୭-୧୮ରେ ୫୨ ଜଣ ଅଧିକାରୀ ମିଳିତ ଭାବେ ୫୫କୋଟି ୮୧ଲକ୍ଷ ୨୬ହଜାର ୮୬୪ ଟଙ୍କା ହଡ଼ପ କରିଛନ୍ତି। ତନ୍ମଧ୍ୟରୁ ମାତ୍ର ୨ଜଣ କର୍ମଚାରୀ ଟଙ୍କା ଫେରସ୍ତ କରିଛନ୍ତି। ୨୦୧୮-୧୯ରେ ୪୦ ଜଣ କର୍ମଚାରୀ ୬୩କୋଟି ୫୫ଲକ୍ଷ ୭୨ହଜାର ୯୫୮ ଟଙ୍କା, ୨୦୧୯-୨୦ରେ ୭୩ଲକ୍ଷ ୭୫ହଜାର ୪୪୮ ଟଙ୍କା ହେରଫେର୍ କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଏସବୁ ଅର୍ଥ ଭରଣା କରିବାକୁ ସୁପାରିସ୍ କରିବା ସହ କେଉଁ ଅଧିକାରୀ କେତେ ଟଙ୍କା ହଡ଼ପ କରିଛନ୍ତି, ତାହାର ତାଲିକା ମଧ୍ୟ କରାଯାଇଛି।

ଅଡିଟ୍‌ରେ ତଞ୍ଚକତା ଧରା ପଡ଼ିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମୟ ଉପଯୋଗୀ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅର୍ଥ ଭରଣା କରିବା ପୂର୍ବରୁ ବହୁ ଅଧିକାରୀ ଅବସର ନେଇ ସାରିଲେଣି। କିଛି ଅଧ୍ୟାପକ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ମଧ୍ୟ ହୋଇ ସାରିଛି। ହେଲେ ସେମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରିବାକୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ସେମାନଙ୍କୁ ନୋଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରାଯାଇଥିବାରୁ ବିନା ଦ୍ୱନ୍ଦ୍ୱରେ ସେମାନେ ପେନସନ୍ ପାଉଛନ୍ତି। ସରକାରୀ ଅର୍ଥ ହେରଫେର କରିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା ଆଦାୟ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟରେ ମାତ୍ର ୫ ବର୍ଷରେ ଏତେ ପରିମାଣରେ ଟଙ୍କା ହଡ଼ପ ହେଉଥିବାରୁ କ୍ରମାଗତ ଭାବେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନ ହ୍ରାସ ପାଉଛି। ଏପରିକି ବ୍ୟାପକ ଦୁର୍ନୀତି ହିଁ ଏନ୍‌ଆଇଆର୍‌ଏଫ୍ ଓ ନାକ୍ ପରି ମାନ୍ୟତା ହ୍ରାସ ପାଇବାର ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି।


ସକାଳ
THE SAKALA



### ସଚେତନତା ସତ୍ତ୍ୱେ କମୁନି ଦୁର୍ଘଟଣା

# ସଡ଼କ ଦୁର୍ଘଟଣାରେ ୮ ମାସରେ ୯୭ ମୃତ

ରାୟଗଡ଼ା,୧୬।୯(ସମିସ): ରାୟଗଡ଼ା ଜିଲ୍ଲାରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢିଚାଲିଛି। ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ୯୭ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ରାୟଗଡ଼ା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ପ୍ରକାଶ କରୁଛି। ପ୍ରତିଦିନ ପ୍ରାୟ ସାଧାରଣରେ ୩ରୁ ୪ଟି ସଡ଼କ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଥିବା ବେଳେ ଏଥିରୁ ଅଧିକାଂଶ ମାମଲା କେବଳ ଅସାବଧାନତା ତଥା ବେପରୁଆ ଗାଡି ଚାଳନା, ହେଲମେଟ୍ ଓ ସିଟ୍ ବେଲ୍ଟ ନ ପିନ୍ଧୁଥିବାରୁ ଘଟୁଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରୁଛନ୍ତି। ଜିଲ୍ଲାରେ ରାୟଗ? ଅାଂଚଳିକ ପରିବହନ ବିଭାଗ ଓ ପୋଲିସ ବିଭାଗ ପକ୍ଷରୁ ସଡକ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଜନ ଜାଗରଣ ସଚେତନତା କାର୍ଯ୍ୟକ୍ରମ ସହ ସଡକ ସୁରକ୍ଷା ସପ୍ତାହ, ମାସ ପାଳନ କରୁଥିଲେ ମଧ୍ୟ ଦୁର୍ଘଟଣା ହାର କମିବାରେ କୌଣସି ଲକ୍ଷଣ ଦେଖାଯାଉନାହିଁ। ଚଳିତ ବର୍ଷର ଏହି ଆଠ ମାସ ସମୟସୀମା ମଧ୍ୟରେ ୧୬୩ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୭୩ ଜଣ ଗୁରୁତର ଆହାତ, ୯୨ ଜଣ ସାମାନ୍ୟ ଆହାତ ଓ ୯୭ ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୮୬ଟି ସାଂଘାତିକ ଦୁର୍ଘଟଣା ଘଟିଛି। ଜାନୁଆରୀରେ ୧୧ଜଣ, ଫେବୃଆରୀରେ ୧୪ଜଣ, ମାର୍ଚ୍ଚ ୨୦ଜଣ, ଏପ୍ରିଲରେ ୫ଜଣ, ମଇରେ ୧୬ଜଣ, ଜୁନରେ ୧୪ଜଣ, ଜୁଲାଇରେ ୮ଜଣ ଏବଂ ଅଗଷ୍ଟ ମାସରେ ୯ ଜଣ ମୋଟ



୯୭ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗତ ୨୦୨୪ ବର୍ଷରେ ଜିଲ୍ଲାରେ ମୋଟ ୨୧୪ଟି ସଡକ ଦୁର୍ଘଟଣା ମାମଲା ଘଟିଥିବା ବେଳେ ୧୦୬ ଜଣ ଗୁରୁତର ଆହାତ, ୯୨ଜଣ ସାମାନ୍ୟ ଆହାତ ଏବଂ ୧୧୯ଜଣଙ୍କ ମୃତ୍ୟୁ ହୋଇଥିବା ବିଭାଗୀୟ ତଥ୍ୟ ପ୍ରକାଶ କରୁଛି। ଏଥିରେ ୧୧୧ଟି ସାଂଘାତିକ ଦୁର୍ଘଟଣା ଘଟିଛି। ରାୟଗଡ ଜିଲ୍ଲାରେ ଦେଢ ଲକ୍ଷରୁ ଉର୍ଦ୍ଧ ଗାଡି ଚଳାଚଳ କରୁଥିବା ବେଳେ ପ୍ରତ୍ୟେକ ବର୍ଷ ଗାଡି ପଞ୍ଜୀକରଣ ସଂଖ୍ୟା ଏବଂ ପ୍ରତିଶତରେ ମଧ୍ୟ ବୃଦ୍ଧି ଘଟୁଛି। ଫଳରେ ରାୟଗଡା ଜିଲ୍ଲାର ସମସ୍ତ ସଡକପଥ ବ୍ୟସ୍ତବହୁଳ ହୋଇପଡୁଛି। ରାୟଗଡ଼ା ଦେଇ ଯାଇଥିବା ୩୨୬ନମ୍ବର ଜାତୀୟ ରାଜପଥରେ ବିଭାଗ ପକ୍ଷରୁ ଅନେକ ସ୍ଥାନରେ ରାସ୍ତା ମରାମତି କାମ ହେଉ ନ ଥିବାରୁ ଖରାପ ରାଜପଥକୁ ବ୍ୟବହାର କରି ଅନେକ ସଡକ ଦୁର୍ଘଟଣାର ଶୀକାର ହେଉଛନ୍ତି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଆବଶ୍ୟକୀୟ ସତର୍କ ସୂଚନା ଫଳକ,ଯାନବାହନ ସ୍ପିଡ୍ ଲିମିଟ ଫଳକ,ବୁଲାଣୀ,ଘାଟି ରାସ୍ତା ଫଳକ ଆଦି ବହୁଳମାତ୍ରାରେ ସଙ୍କେତ ଆକାରରେ ଲଗାଯାଉ ନ ଥିବାରୁ ଗାଡି ଚାଳକ ତାହା ଜାଣି ନ ପାରି ଦୁର୍ଘଟଣାର ଶୀକାର ହେଉଛନ୍ତି। ଗତ ଜାନୁଆରୀ ମାସରେ ଜିଲ୍ଲାସ୍ତରୀୟ ସଂସଦ କ୍ଷେତ୍ର ସଡକ ସୁରକ୍ଷା କମିଟି ବୈଠକରେ କୋରାପୁଟ ସଂସଦ ଦୁର୍ଘଟଣା ଜନୀତ ମୃତ୍ୟୁହାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଟ୍ରାଫିକ୍ ନିୟମକୁ କଡାକଡି ମାନି ଚଳିବା ପାଇଁ ବିଭିନ୍ନ ଥାନା ଅଞ୍ଚଳରେ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କ ଉପରେ ନିୟମ ଅନୁଯାୟୀ ଜୋରିମାନା ଆଦାୟ ସହ ତାଗିଦ ଓ ସଚେତନ କରିବାକୁ ସାଧାରଣରେ ଦାବି ହେଉଛି।

## ରାତ୍ରୀକାଳୀନ ଅଟୋକୁ ମିଳିବ ସ୍ୱତନ୍ତ୍ର ଲାଇସେନ୍ସ

ଜୟପୁର,୧୬।୯(ସମିସ): ଜୟପୁର ଟାଉନଥାନା ପକ୍ଷରୁ ଆମ ପୁଲିସ ବୈଠକ ଅବସରରେ ଆଜି ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ ପରିସରରେ ପୁଲିସ ପକ୍ଷରୁ ଅଟୋ ମାଲିକ ଓ ଚାଳକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଏସଡିପିଓ ପାର୍ଥ କଶ୍ୟପ ଉପସ୍ଥିତ ରହି ଅଟୋ ଚାଳକମାନେ ଦ୍ରୁତଗତିରେ ଚାଳନା ଉପରେ ନିୟନ୍ତ୍ରଣ ଏବଂ ଟ୍ରାଫିକ ନିୟମକୁ ପାଳନ କରାଯାଇ ଚଳାଚଳ କରିବାକୁ ପରାମର୍ଶ ଦେଇଥିଲେ। ଜୟପୁର ସହରରେ ଥିବା ସମସ୍ତ ଅଟୋକୁ ଟାଉନଥାନା ପୁଲିସ ପକ୍ଷରୁ ନମ୍ବର ପ୍ରଦାନ କରାଯିବ। ଉକ୍ତ ନମ୍ବରକୁ ଅଟୋ ଚାଳକ ମାନେ ଅଟୋର ସମ୍ମୁଖ ଏବଂ ପଛ ପାଖରେ ଲେଖିବେ। ସେହିପରି ରାତ୍ରିରେ ଚଳାଚଳ କରୁଥିବା ଅଟୋ ବସ୍‌ଷ୍ଟାଣ୍ଡ କିମ୍ବା ଥାନା ନିକଟରେ ରହୁଛନ୍ତି ସେମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପୁଲିସ ପକ୍ଷରୁ ଏକ ଲାଇସେନ୍ସ ପ୍ରଦାନ କରାଯିବ। ପ୍ରତିଦିନ ଅଟୋ ଡ୍ରାଇଭର ଥାନାରେ ହାଜିରା ପକାଇବା ସହ ପ୍ରତିମାସରେ ସେହି ଲାଇସନ୍ସ ନୂତନୀକରଣ କରିବେ। ସହରରେ ସନ୍ଦେହ ଜନକ ବ୍ୟକ୍ତି ବିଶେଷ ବୁଲାବୁଲି କରୁଛନ୍ତି। ଏହିପରି କୌଣସି ଅଘଟଣ ନେଇ ଆଶଙ୍କା ଦେଖାଗଲେ ଅଟୋ ଚାଳକ ମାନେ ପୁଲିସକୁ ସୂଚନା ଦେବାକୁ କୁହାଯାଇଥିଲା। ବୈ÷ଠକରେ ଟାଉନ ଥାନାର ଏସ୍‌ଆଇ ସିଦ୍ଧାନ୍ତ ବେହେରା, ଏସ୍‌ଆଇ ରୁଚିକାନ୍ତ ମହାକୁର ଉପସ୍ଥିତ ଥିବା ବେଳେ ଅଟୋ ଚାଳକ ସଂଘର ସଭାପତି ମୀନା ଦାସ ଓ ଆଇନ ପରାମର୍ଶଦାତ୍ରୀ ଚିନ୍ମୟୀ ସାହୁ ଉପସ୍ଥିତ ଥିଲେ।

## ଫଳକରେ ସୀମିତ ବଣ୍ଡା ଅଳଙ୍କାର ଓ ହସ୍ତଶିଳ୍ପ ସଂଗ୍ରହାଳୟ

ଖଇରପୁଟ,୧୬।୯(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ରେଥିବା ମୁଦୁଲିପଡ଼ା ଓ ଅଣ୍ଡରାହାଲ ପଞ୍ଚାୟତକୁନେଇ ଗଠିତ ଅଞ୍ଚଳକୁ ଜଣାଯାଏ ବଣ୍ଡାଘାଟୀ ଭାବରେ। ବସବାସ କରୁଥିବା ବଣ୍ଡା ଜନଜାତିଙ୍କ ଜୀବନଚର୍ଯ୍ୟା, ପୋଷାକ, ସାଜସଜ୍ଜା ଓ ବିଶିଷ୍ଟ ଅଳଙ୍କାର ସଦାରଣତଃ ପର୍ଯ୍ୟଟକ ଓ ଗବେଷକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ। ଦୀର୍ଘଦିନ ଧରି ଏହି ଆଦିମ ଜନଜାତିର ପାରମ୍ପରିକ ଜୀବନଶୈଳୀ ଲୋକଙ୍କୁ ଆକୃଷ୍ଟ କରିଆସୁଥିଲେ ମଧ୍ୟ, ସମୟ ସହିତ ସେଥିରେ ବଡ଼ ପରିବର୍ତ୍ତନ ଆସିଛି। ଆଜିର ବଣ୍ଡାମାନେ ପୁରୁଣା ଆଦର୍ଶ ଜୀବନ, ପୋଷାକ, ହସ୍ତଶିଳ୍ପ ଓ ସାଜସଜ୍ଜାରୁ ଅନେକ ଦୂରକୁ ସରିଆସିଛନ୍ତି। ଏହି ପାରମ୍ପରିକତାକୁ ଆଗାମୀ ପିଢ଼ୀ ପାଇଁ ସୁରକ୍ଷିତ ରଖିବା ଓ ପର୍ଯ୍ୟଟକଙ୍କୁ ପରିଚୟ କରାଇବା ଲକ୍ଷ୍ୟରେ ସରକାର ବଣ୍ଡା ଅଳଙ୍କାର ଓ ହସ୍ତଶିଳ୍ପ ସଂଗ୍ରାଳୟ ସ୍ଥାପନ କରିବାର ଯୋଜନା କରିଥିଲେ। ହେଲେ, ବାସ୍ତବରେ ସେହି ସଂଗ୍ରାଳୟର ଅସ୍ତିତ୍ୱ ଏପର୍ଯ୍ୟନ୍ତ ଫଳକରେ ସୀମିତ ହୋଇରହିଛି। ବଣ୍ଡାଘାଟୀକୁ ପ୍ରବେଶ କରିବା ପଥରେ ୧୨ କିମି ଦୂରରେ ଥିବା ଫଳକରେ 'ବଣ୍ଡା ଅଳଙ୍କାର ଓ ହସ୍ତଶିଳ୍ପ ସଂଗ୍ରାଳୟ"ବୋଲି ସ୍ପଷ୍ଟ ଉଲ୍ଲେଖ ଦେଖିବାକୁ ମିଳେ। କିନ୍ତୁ ସଂଗ୍ରାଳୟର କୌଣସି ଭୂତଳ ସ୍ଥାପନା,



କାମକାଜ କିମ୍ବା ଗଠନ କାର୍ଯ୍ୟରେ ନାମ ନିଶାନ ମିଳୁନାହିଁ। ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ କହିବା, ବର୍ଷ ବର୍ଷ ଧରି ବଣ୍ଡା ଜନଜାତିଙ୍କ ପାରମ୍ପରିକ ସାହିତ୍ୟ, ଅଳଙ୍କାର, ପୋଷାକ ଓ ହସ୍ତଶିଳ୍ପ ସତ୍ତା ହରାଇବାରେ ଲାଗିଛି। ସଂଗ୍ରାଳୟ ତିଆରି ହେଲେ, ଏହା କେବଳ ପର୍ଯ୍ୟଟନକୁ ବଢ଼ାଇବାକୁ ନୁହେଁ, ବରଂ ବଣ୍ଡାମାନଙ୍କ ସାହିତ୍ୟ ଓ ପରିଚୟକୁ ରକ୍ଷା କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଥାନ୍ତା। କିନ୍ତୁ ଏହି ସମସ୍ତ ପ୍ରଶ୍ନକୁ ନେଇ ପ୍ରଶାସନ କିମ୍ବା ସମ୍ବନ୍ଧିତ ଅଧିକାରୀମାନେ କୌଣସି କଥା କହିବାକୁ ତିଆରି ନାହାନ୍ତି। ଫଳରେ, ବଣ୍ଡା ଜନଜାତିର ଅଳଙ୍କାର ଓ ହସ୍ତଶିଳ୍ପ ସଂଗ୍ରାଳୟ କେବଳ ଫଳକରେ ସୀମିତ ହୋଇ, ବାସ୍ତବରେ ପରିକଳ୍ପନାରେ ଅଟକି ରହିଛି।

## ପୋଖରୀରେ ବୁଡ଼ି ମହିଳା ମୃତ

ବୈପାରୀଗଡ଼ା,୧୬।୯(ସମିସ): ବୈପାରୀଗୁଡା ବ୍ଲକ ମୂଷାପଦର ଠାରେ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଧଳପୁର ମୂଷାପଦର ଗାଁର ମୁତାଇ ଗଲାରୀ (୪୦)ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଗତକାଲି ମୁତାଇ ଗଲାରୀ କୌଣସି କାମରେ ଧଳପୁର ଆସିଥିଲେ ।ପରେ ସନ୍ଧ୍ୟାରେ ଧଳପୁର ଠାରୁ ମୂଷାପଦର ଅଭିମୁଖେ ନିଜ ଘରକୁ ଯାଇଥିଲେ। ହେଲେ ମୂଷାପଦର ଗାଁ ନିକଟରେ ଥିବା ପୋଖରୀରେ ଗାଧୁଆ ପାଇଁ ଯାଇ ଅସାବଧାନତା ଯୋଗୁଁ ଗୋଡ ଖସି ଗଭୀର ପାଣିରେ ବୁଡ଼ି ଯାଇଥିଲେ ।

## କୋଟସ୍ ଓ ଇଗ୍ନୋ ପକ୍ଷରୁ ସ୍ୱଚ୍ଛତା ପକ୍ଷ ନେଇ କର୍ମଶାଳା



କୋରାପୁଟ,୧୬।୯(ସମିସ): କୋରାପୁଟ ସ୍ଥିତ କୋଟସ୍ ଓ ଇଗ୍ନୋ ପକ୍ଷରୁ ସ୍ଥାନୀୟ କୋଟସ୍ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏଥିରେ ସ୍ୱଚ୍ଛତା ପରିବେଶ ଗଠନ କରିବା ନେଇ ଶପଥ ପାଠ, ରାଲି ଏବଂ ସଚେତନତା କର୍ମଶାଳା ଆଦି କାର୍ଯ୍ୟ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଗ୍ନୋର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇବା ସହ ଶପଥ ପାଠ କରାଇଥିଲେ ଏବଂ ସ୍ୱଚ୍ଛତା ଉପରେ ଜନସଚେତନତା ସୃଷ୍ଟି କରିବା ନେଇ ଏକ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ କୋଟସ ପରିସରକୁ ସଫା କରାଇ ଥିଲେ। ପରେ ସ୍ୱଛତାକୁ ବଜାୟରଖିବା ଏବଂ ଅନ୍ୟମାନଙ୍କୁ ପରାମର୍ଶ ଦେବା ନେଇ ସଂକଳ୍ପ କରାଇଥିଲେ। ଏକ ସଚେତନତା କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ପିସି ମହାପାତ୍ର, ପ୍ରଫେସର ମାଗୁଣି ମହାପାତ୍ର, ଡ. ନରେନ୍ଦ୍ର କୁମାର ରଥ , ସଂଯୋଜିକା ଡ. ସାବିତ୍ରୀ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପୀନାଥ ପ୍ରଧାନ ପରିଚାଳନା କରିଥିବା ବେଳେ ରାମକୃଷ୍ଣ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ନନ୍ଦାହାଣ୍ଡି,୧୬।୯(ସମିସ), ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଓ ଅବକାରୀ ବିଭାଗୀୟ କର୍ମଚାରୀ ମାନଙ୍କ ସହ ନବରଙ୍ଗପୁର ଥାନା , ନନ୍ଦାହାଣ୍ଡି ବ୍ଲକ, ପରାଲଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣା ପାଣିଗୁଡ଼ା ଆଦିବାସୀ ସାହିରେ ଚଢ଼ଉ କରି ପୀତବାସ ପାଇକ (୪୫) ଙ୍କ ଠାରୁ ଦେଶୀ ମଦ ଜବତ କରିଛନ୍ତି। ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଛି। ଏହି ଚଢ଼ଉରେ ରିସମା ସୁନା, ଅକ୍ରମ ଖାନ ଓ ଆକାଶ ଶବର ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କୋରୁକୋଣ୍ଡା/ବାଲିମେଳା,୧୬।୯(ସମିସ) ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲଙ୍କ ନେତୃତ୍ୱରେ ୧୨ ତମ ବାର୍ଷିକ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁଖିଲ, ଅତିରିକ୍ତ ଜିଲ୍ଲାପାଳ ମୁନା ତୁର୍କୁ, ଏନ୍‌ଏସି ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଦୋରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶେଷଦେବପ୍ରଧାନ ଅତିଥି ମାନଙ୍କ ପରିଚୟ



ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଉତ୍ସବରେ ବାଲିମେଳା ସହର ସମେତ ଜିଲ୍ଲାର ୭ ଟି ବ୍ଲକରୁ ୧୭ ବର୍ଷରୁ କମ ଏବଂ ୧୪ ବର୍ଷରୁ କମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୮ ପ୍ରକାର କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ମନୋଜ ଦେବ ପାଙ୍ଗି, ଦେବେନ୍ଦ୍ର ଦାସ, ତୁଳାମଣି ଛତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାଗିରଥି ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବିଭିନ୍ନ ବ୍ଲକର ଶିକ୍ଷାଅଧିକାରୀ, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ବାଲିମେଳା ପ୍ରେସ କ୍ଲବର ସଭାପତି ରବି ରଶ୍ମି ଗୁରୁ ପ୍ରମୁଖଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ସୁରକ୍ଷାକୁ ଦୃଷ୍ଟିରୁରଖି ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କିଛି ପୋଲିସ ଅଧିକାରୀ ଓ କର୍ମଚାରୀ ଏଠାରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

## ମଦ ଚାଲାଣ ଅଭିଯୋଗରେ ମହିଳା ଗିରଫ

ଜୟପୁର,୧୬।୯(ସମିସ): ଜୟପୁର ଢେପଗୁଡା ଅଞ୍ଚଳରେ ବେଆଇନ ଦେଶୀ ମଦ ଚଲାଣ କରୁଥିବା ଅଭିଯୋଗରେ ସ୍ଥାନୀୟ ଅଞ୍ଚଳ ମହିଳାଙ୍କୁ ଅବକାରୀ ଥାନା ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମହିଳା ମଞ୍ଜୁଳା ନାଗ (୪୦) ଦେଶୀମଦକୁ ଏକ ଗାଡି ଟ୍ୟୁବରେ ନେଇ ଯାଉଥିବା ବେଳେ ସୂଚନା ପାଇ ଅବକାରୀ ବିଭାଗ ଚଢଉ କରିବା ସହ ଅଭିଯୁକ୍ତାଙ୍କୁ ଗିରଫ କରିଥିଲେ ବୋଲି ଅବକାରୀ ବିଭାଦିୟ ଏସଆଇ ସୁବ୍ରତ ହିରନ ସୂଚନା ଦେଇଛନ୍ତି।

## ଜୋନ୍‌ସ୍ତରୀୟ ଦୌଡ଼ ଓ ଖେଳକୁଦ



କୋଷାଗୁମୁଡା,୧୬।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବାଙ୍କୁଲୀ ପଞ୍ଚାୟତ ଅଧୀନ ବାଙ୍କୁଲୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଜୋନାଲ ସ୍ତରୀୟ ଦୌଡ ଓ ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଲଛିନ୍ଦର ହାଲବା ଏବଂ ବାଙ୍କୁଲି ପଞ୍ଚାୟତର ସରପଞ୍ଚ ସତ୍ୟବ୍ରତ ଜାନି, ମଞ୍ଚାସୀନ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଗାମ୍ବର ହରିଜନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଂସ୍କୃତ ଶିକ୍ଷକ ବିଶ୍ୱଜିତ ଚଣ୍ଡ ସଭାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜମୋହନ ଭତ୍ରା, ପ୍ରଶାନ୍ତ କୁମାର ମାଝୀ , ବିପୁଲ ବଡମାଳି, ସୁନିଲ ପ୍ରଧାନ, ନରେନ୍ଦ୍ର ପୂଜାରୀ, ଅନୁରାଗ ମାଝୀ, ଶିବାନନ୍ଦ ଝାଙ୍କର, ତ୍ରିନାଥ ମାଝୀ, ସଞ୍ଜୟ ପଣ୍ଡା, ରେବତୀ କାନ୍ତ ସୌରା, ଅଶ୍ୱନୀ ସାହୁ, ଜଗବନ୍ଧୁ ବଳ, ତପନ ମହାନ୍ତ, କିଶାନ ମଲ୍ଲିକ ଏବଂ ଯୁକ୍ତ ଦୁଇ ର ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ପ୍ରତିଯୋଗୀ ଛାତ୍ର ଛାତ୍ରୀ ମାନେ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ଶେଷରେ ପାଞ୍ଚୋଟି କ୍ଲଷ୍ଟର୍ ବାଙ୍କୁଲୀ, ଏମ କାରାଗାଁ, ମୋତିଗାଁ, ତାରାଗାଁ, ଓ ଏକରୀ ର ମକ୍ସମମ ଏବଂ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଗୁଣୁପୁର,୧୬।୯(ସମିସ): ନନ୍ଦିଘୋଷ ଟିଭିର ଗୁଣପୁର ଉପଖଣ୍ଡ ପ୍ରତିନିଧି ଜନାର୍ଦ୍ଦନ ମହାପାତ୍ରଙ୍କ ବାପା ଲକ୍ଷ୍ମୀ ନୃସିଂହ ମହାପାତ୍ର(୭୫)ଙ୍କର ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପରଲୋକ ଘଟିଛି। ତାଙ୍କର ଅନ୍ତିମ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ତାଙ୍କର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ବିଦ୍ୟାଳୟରୁ ତାଲା ଖୋଲିଲେ ଗ୍ରାମବାସୀ


ବୈପାରୀଗୁଡ଼ା,୧୬।୯(ସମିସ): ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟରେ ତାଲା ଠୁଙ୍କିଲେ ଗାଁ ଲୋକେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ବିଦ୍ୟାଳୟ ଗେଟରୁ ତାଲା ଖୋଲାଗଲା । ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ କେ.ଦିସରିଗୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି । ସୂଚନା ଅନୁଯାଇ, କେ.ଦିସରିଗୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧୨୦ପିଲାଙ୍କ ପାଇଁ ୩ ଜଣ ଶିକ୍ଷକ ଅଛନ୍ତି। ଯାହାକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା ପଢ଼ନ୍ତି । ଯାହାକୁ ନେଇ ପିଲାମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଣୁ ବହୁବାର ଅଭିଯୋଗ ପରେ ମଧ୍ୟ ସମସ୍ୟା ର ସମାଧାନ ହେଲା ନାହିଁ । ଏଣୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ଆଜି ତାଲା ପକାଇଥିଲେ ଗ୍ରାମବାସୀ। ଖବର ପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତି କର୍ଡାମୀ ନିଜେ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାବୁଝି କରି ତାଲା ଖୋଲିଥିଲେ। ବିଦ୍ୟାଳୟରେ ପାଠ ପଢ଼ା ମଧ୍ୟ ସ୍ୱାଭାବିକ ହୋଇଥିଲେ। ବିଇଙ୍କ କହିବା ଅନୁଯାଇ, ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ର ସମାଧାନ ପାଇଁ ଅନୁପାତ ହାରରେ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି ଓ ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ ହୋଇଯିବ। ସେ ଆସନ୍ତା କାଲିଠାରୁ ଜଣେ ଶିକ୍ଷକ ଙ୍କୁ ଦେପୁଟେସନ ରେ ସେ ପର୍ଯ୍ୟନ୍ତ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲା। ଶେଷରେ ଗ୍ରାମ ବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଥଲେ।

## ବିଜେପିର ମିଶ୍ରଣ ପର୍ବ

ବୈପାରିଗୁଡ଼ା,୧୬।୯(ସମିସ): ବୈପାରୀଗୁଡା ବ୍ଲକର ବୋଦାପୁଟ ସମିତି ସଭ୍ୟା ବିଜେପିରେ ଯୋଗଦାନ କରିଛନ୍ତି। କୋରାପୁଟ ସ୍ଥିତ ବିଧାୟକ ରଘୁରାମ ମାଛଙ୍କ ବାସଭବନରେ ସମିତି ସଭ୍ୟା କମଳା ହରିଜନ ବିଜେପିରେ ବିଧିବଦ୍ଧ ଭାବେ ଯୋଗଦେଇଥିବା ଜଣାପଡିଛି । ଏହି ମିଶ୍ରଣ ପର୍ବ ବେଳେ ନରେନ୍ଦ୍ର କାନ୍ଦଲିଆ, ନରସିଂହ ବେହେରା, ଲୁକୁନାଥ ଖରା, ମହୁଲି ପଞ୍ଚାୟତ ସରପଞ୍ଚ ସଦା ଜାନୀ, କୁଶ ମାଝୀଙ୍କ ସହ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଉଡ଼ନ୍ତା ଚିଟି ସାପ ଉଦ୍ଧାର

ଜୟପୁର, ୧୬।୯ (ସମିସ) : ଜୟପୁର ସହରରେ ଗତକାଲି ଗୌଡସାହିରୁ ଜୈନିକ ବ୍ୟକ୍ତଙ୍କ ଗାଧୁଆ ଘରୁ ଉଡନ୍ତା ଚିଟି ସାପ ଉଦ୍ଧାର କରାଯାଇଛି। ଗୌଡ ସାହି ବାସିନ୍ଦା ଉକ୍ତ ବ୍ୟକ୍ତି ତାଙ୍କ ଗାଧୁଆ ଘରେ ଏକ ଭିନ୍ନ ରଙ୍ଗର ସାପ ରହିଥିବା ନେଇ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ସଂସ୍ଥାପକ କୃଷ୍ଣ କେବଶ ଷଡଙ୍ଗୀଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଉଦ୍ଧାରକାରୀ ଶ୍ରୀ ଷଡଙ୍ଗୀ ଏବଂ ତାଙ୍କ ସହଯୋଗୀ ଚନ୍ଦନ ଡିମିଡି ରୁବେନ ପହଞ୍ଚି ଉକ୍ତ ବିରଳ ସାପକୁ ଉଦ୍ଧାର କରିଛନ୍ତି। ଏହିପରି ଜୟପୁର ସହରରେ ଏହି ସାପ ପ୍ରଥମ ଥର ପାଇଁ ଦେଖାଦେଇଥିବା ନେଇ ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଏହି ବିରଳ ସାପକୁ ଉଦ୍ଧାର କରିବା ପରେ ସ୍ଥାନୀୟ ବନଖଣ୍ଡ ବିଭାଗର ଅଧିକାରୀ ମାନଙ୍କୁ ପ୍ରଦାନ କରିବା ସହ ସ୍ଥାନୀୟ ଏକ ଜଙ୍ଗଲରେ ଉକ୍ତ ସାପକୁ ସୁରକ୍ଷିତ ଭାବେ ଛଡ଼ାଯାଇଛି।



## ମାଓ ଡମ୍ପକୁ ଜବତ କଲେ ଯବାନ

ମାଲକାନଗିରି, ୧୬।୯(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲାରେ କୋବ୍ରା ବାଟାଲିୟନର ଯବାନ ମାନେ ପାମେଡ ଅଞ୍ଚଳରେ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ବିସ୍ଫୋରକ ସାମଗ୍ରୀ ଓ ମାଓ ସାମଗ୍ରୀ ଡମ୍ପ ଜବତ କରାଯାଇଛି। ଏହା ସହିତ ମାଓ ସଂଗଠନ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଏହା ମଧ୍ୟରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଏହି ପାମେଡ ଅଞ୍ଚଳକୁ ପୂର୍ବରୁ ମାଓବାଦୀଙ୍କ ରାଜଧାନୀ ବୋଲି କୁହାଯାଉଥିବା ବେଳେ ସୁରକ୍ଷା ବଳ ପକ୍ଷରୁ ଅଞ୍ଚଳରେ ଘନ ଘନ ଅପରେସନ ଯୋଗୁଁ ଏହି ଗଡ ଭାଙ୍ଗିବାରେ ଲାଗିଛି। ତେବେ ଆଜି ମଧ୍ୟ ଏହି ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରୁ ମାଓବାଦୀ ମାନେ ଲୁଚାଇ ରଖିଥିବା ଏହି ଡମ୍ପକୁ ଯବାନ ମାନେ ଠାବ କରିଥିଲେ। ଏହି ଡମ୍ପ ମଧ୍ୟରୁ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ବୋମା, ଜିଲେଟିନ ଷ୍ଟିକ, ମାଓ ନିତ୍ୟ ବ୍ୟବହାର ସାମଗ୍ରୀ, ବିଭିନ୍ନ ନକ୍ସା, ମାଓ ସାହିତ୍ୟ ଓ ପୁସ୍ତକ ଆଦି ଜବତ କରଯାଇଥିଲା। ଏହା ପରେ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ବଢାଇ ଦିଆଯାଇଛି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




କୋରାପୁଟ,୧୬।୯(ସମିସ): ସ୍ଥାନୀୟ ସରକାରୀ ଡିଏଭି ମହାବିଦ୍ୟାଳୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୁନୀଲ କୁମାର ଗଡନାୟକ ଅଧ୍ୟକ୍ଷତା କରି ରୋଜଗାର ପାଇଁ କେବଳ ଚାକିରି ପଛରେ ନ ଗୋଡେଇ ଉଦ୍ୟୋକ୍ତା ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ବ କ୍ଷେତ୍ର ସଂଯୋଜକ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ଦେଶରୁ ବେରୋଜଗାରି ସମାପ୍ତ କରିବାକୁ ହେଲେ ଉଦ୍ୟମିତା ମାଧ୍ୟମରେ ସ୍ୱରୋଜଗାର ସ୍ଥାପନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି କହିଥିଲେ। ରୋଜଗାର କହିଲେ ଯେ ଚାକିରୀ ମାନସିକତାକୁ ବଦଳାଇ ସ୍ୱରୋଜଗାର ଆଡକୁ ଅଗ୍ରସର ହେବାପାଇଁ ଆହ୍ୱାନ ଦେଇଥିଲେ। କୋରାପୁଟର କଫି ଚାଷୀ ସୁଜୟ ପ୍ରଧାନଙ୍କ ସଫଳ କାହାଣୀ ଶୁଣାଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ବ୍ରତୀ ହେବାପାଇଁ ଶପଥ ପାଠ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡ.ପ୍ରୀତିଧାରା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମଞ୍ଚର ଜିଲ୍ଲା ଯୁବ ସଂଯୋଜକ ତନ୍ମୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଭେଜାହାଣ୍ଡି ହଷ୍ଟେଲରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

# ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୩୮ ଛୁଇଁଲା

କୁନ୍ଦୁରା,୧୬।୯(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ପଞ୍ଚାୟତର ଭେଜାହାଣ୍ଡି ଜନଜାତି ଆବାସିକ ଛାତ୍ରୀ ନିବାସରେ ପୁଣି ୧୩ ଜଣ ଛାତ୍ରୀ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ମୋଟ ଆକ୍ରାନ୍ତ ସଂଖ୍ୟା ୩୮ କୁ ବଢିଛି। ଯାହାକୁ ନେଇ ହଷ୍ଟେଲରେ ଆତଙ୍କ ଖେଳିଯାଇଛି। ଗତକାଲି ବିଳମ୍ବିତ ରାତିରେ ୮ ଜଣ ଛାତ୍ରୀ ଆକ୍ରାନ୍ତ ହୋଇ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ହଷ୍ଟେଲକୁ ଫେରିଥିଲେ। ଆଜି ତଥା ମଙ୍ଗବାର ଦିନ ପୁଣି ଆଉ ପାଞ୍ଚ ଜଣ ଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି । ଖବର ପାଇ କୁନ୍ଦୁରା ମେଡିକାଲ ଟିମ ହଷ୍ଟେଲରେ ପହଞ୍ଚି ଏହି ୫ ଜଣକୁ ଚିକିତ୍ସା କରିଛନ୍ତି । ସେହିପରି ନବମ ଶ୍ରେଣୀର



ରଶ୍ମି ପୂଜାରୀ, ଯମୁନା ଚେରକିଆ, ପାଏଲ ଗାଦବା, ସପ୍ତମ ଶ୍ରେଣୀ ର ଲକ୍ଷ୍ମୀ ନାୟକ, ରଶ୍ମିତା ଚାଲାଣ, ଷଷ୍ଠ ଶ୍ରେଣୀର ପ୍ରମିଳା ଭୂମିଆ ଏବଂ ପଞ୍ଚମ ଶ୍ରେଣୀର ଭତ୍ରା ଗତକାଲି ବିଳମ୍ବିତ ରାତ୍ରିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇ ହଷ୍ଟେଲକୁ ଫେରିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଗତ ଏକ ସପ୍ତାହ ଧରି ଏହି ଏକ ଶହ ଶଯ୍ୟା ବିଶିଷ୍ଟ ଜନଜାତି ଆବାସିକ ବିଦ୍ୟାଳୟରେ ଝାଡା ବାନ୍ତି ଆକ୍ରାନ୍ତ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାକୁ ବସିଛି। କିନ୍ତୁ ସଠିକ କାରଣ କଣ ଏଯାବତ କିଏ ମଧ୍ୟ ଜାଣି ପାରୁନଥିବା ବେଳେ ଛୋଟ ଛୋଟ ଛାତ୍ରୀଙ୍କ ଭବିଷ୍ୟତ ଉପରେ ପଡୁଛି ପ୍ରଭାବ।

# ପିଚୁ ରାସ୍ତା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୬।୯(ସମିସ): ଦୟାନିଧିଗୁଡ଼ା ଛକଠାରୁ ଜେରଟି ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ପାଇଁ ଦାବି କରି କୋରାପୁଟ ବ୍ଲକ ମାନବାର ପଞ୍ଚାୟତର ୫ ଖଣ୍ଡ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାନବାର ସରପଞ୍ଚ ଲବ ମୁଦୁଲି, ପଦଲାମ ଟାକ୍ରି, କୃତିବାସ ଖରା, ଗୋପାଳ ଜାନି, ଭୀମ ପାଙ୍ଗି, ଡମ୍ବୁ ଜାନି, ଚଣ୍ଡାଳ ବେନିଆ, ଶଶି ଖରା ରାଧିକା ଖିଲ, ରୋଦମା ଖିଲ, ପଦ୍ମା ପାଙ୍ଗି ପ୍ରମୁଖଙ୍କ ନେତୃତ୍ୱରେ ଜରଟି, ଛଡାପଦର, ଲାଟିଗୁଡ଼ା, ସଙ୍ଗାବାଡ଼ି ଏବଂ ଲକ୍ଷ୍ମିପଦର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୟନିଧିଗୁଡ଼ା ଛକ ଠାରୁ ଜରଟି ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ରାସ୍ତାରେ ବଡ଼ ବଡ଼ ପଥର ଓ ମାଟି ଥିବାରୁ ଯାତାୟାତରେ ସମସ୍ୟା ରହୁଛି। ଉପରୋକ୍ତ ୫ ଖଣ୍ଡ ଗ୍ରାମର ଲୋକେ ପ୍ରତିଦିନ ବିଭିନ୍ନ କାମରେ କୋରାପୁଟ ସହର ଉପରେ ନିର୍ଭର କରି ଥାଆନ୍ତି। ପିଲାଙ୍କ ପାଠ ପଢା ଠାରୁ ରୋଗୀ ଓ ଗର୍ଭବତୀ ମାନଙ୍କୁ ହସ୍ପିଟାଲ ନେବାକୁ ହେଲେ ଏହି ଗୋଟିଏ ରାସ୍ତା ରହିଛି। କିନ୍ତୁ ଅନେକ ସମୟରେ ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ କିମ୍ବା ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ଗାଁରେ ପହଞ୍ଚି ପାରେ ନାହିଁ ତେଣୁ ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୁହା ହେବାର ନଜିର ରହିଛି। ଏହା ପୁର୍ବରୁ ଅନେକ ଥର ପିଚୁ ରାସ୍ତା ପାଇଁ ଦାବୀ କରା ଯାଇଛି କିନ୍ତୁ କିଛି ହେଲା ନାହିଁ। ତେଣୁ ୫ ଖଣ୍ଡ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି।



## ରେଳଧାରଣାରୁ ମୃତଦେହ ଉଦ୍ଧାର ଘଟଣାରେ ଜଣେ ଅଟକ

କୋରାପୁଟ,୧୬।୯(ସମିସ): କୋରାପୁଟ ରାୟଗଡ଼ା ରେଳ ଲାଇନ୍ ସୁନାବେଡ଼ା ଥାନା ଅନ୍ତର୍ଗତ ମୋହନପଡା ଗ୍ରାମ ନିକଟରେ ସୋମବାର ସକାଳେ ମୃତଦେହ ଉଦ୍ଧାର ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକ ମୃତକଙ୍କ ପୁତୁରା ଧନୁର୍ଜୟ ମାଝି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମୃତ ଗଙ୍ଗାଧର ଗାଁରେ ଦିଶାରି ଭାବେ ପୂଜାପାଠ କରୁଥିଲେ। ଗତ କିଛି ମାସ ମଧ୍ୟରେ ଧନୁର୍ଜୟଙ୍କ ଘରେ ବିଭିନ୍ନ ସମସ୍ୟା ଦେଖା ଦେବାରୁ ଦାଦା ଗଙ୍ଗାଧର ଗୁଣି କରିଥିବା ସନ୍ଦେହ କରି ସେ ତାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତେବେ ପୁଲିସ ଧନୁର୍ଜୟକୁ ଅଟକ ରଖି ପଚରାଉଚରା କରୁଥିବାବେଳେ ହତ୍ୟାର କାରଣ ଗୁଣି ନା ଜମିଜମା ବିବାଦ ତାକୁ ନେଇ ଖୋଳତାଡ କରୁଛି। ସୂଚନା ଥାଉକି ଗତ ଶନିବାର ଠାରୁ ଗଙ୍ଗାଧର ନିଖୋଜ ଥିଲେ। ସୋମବାର ସକାଳେ ଗ୍ରାମ ନିକଟ ରେଳ ଧାରଣା କଡ଼ରେ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର, ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ମିଶ୍ର, ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଗୁରୁତର ପୁଅର ମୃତ୍ୟୁ

ଜୟପୁର , ୧୬।୯ (ସମିସ) : ଜୟପୁର ସଦରଥାନା ବାରିଣିପୁଟ ପୁଲିସ ଫାଣ୍ଡି ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ବୁଲାଣି ନିକଟରେ ଟ୍ରକ୍ ଦୋକାନ ଭିତରକୁ ମାଡ଼ିଯିବା ଘଟଣାରେ ଦୋକାନ ଗୃହ ଭିତରେ ରହିଥିବା ଜଣେ ମହିଳା ଲକ୍ଷ୍ମୀ(୬୫) ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ରବି ସ୍ୱାଇଁ (୩୫) ଗୁରୁତର ଭାବେ ଆହତ ହୋଇ ବିଶାଖପାଟଣାରେ ଚିକିତ୍ସିତ ହେଉଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାନର ନ ଆସିବାରୁ ବିଶାଖାପଟଣା ଚିକିତ୍ସାଳୟ ଫେରାଇ ଦେଇଥିଲେ। ଆଜି ଆମ୍ବୁଲେନ୍ସ ଯୋଗେ ଜୟପୁର ଅଣାଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ସଦରଥାନା ପୁଲିସ ମୃତକଙ୍କ ଶବକୁ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି ଏବଂ ତାଙ୍କର ଅନ୍ତେଷ୍ଟିକ୍ରିୟା ଆଜି ସମ୍ପନ୍ନ ହୋଇଛି। ଏହି ମାମଲାରେ ଟ୍ରକ ଚାଳନା କରୁଥିବା ହେଲପର ରାମ ଖିଲ ଏବଂ ପାଶ୍ୱର୍ରେ ବସିଥିବା ଡ୍ରାଇଭର ଧନୀ ଟାକ୍ରୀଙ୍କୁ ଗତକାଲି ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ପ୍ରକାଶ ଯେ, ଗତ ରବିବାର ଅପରାହ୍ନରେ ଜୟପୁରରୁ ଏକ ମାଲବାହୀ ଟ୍ରକ କୋରାପୁଟ ପଟକୁ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବା ଯୋଗୁଁ ବାରିଣିପୁଟ ଠାରେ ୩ଟି ଦୋକାନ ଭିତରେ ଟ୍ରକ ଧସେଇ ପଶିଥିଲା।

## ବେଆଇନ କାଠ ଜବତ ; ଗାଡ଼ି ସହ ଦୁଇ ଗିରଫ




ନନ୍ଦପୁର,୧୬।୯ (ସମିସ): ନନ୍ଦପୁର ଥାନା ଅନ୍ତର୍ଗତ କୁମ୍ଭାର କୁମାର ଗନ୍ଦନା ଗ୍ରାମ ପଞ୍ଚାୟତର ହାଟ ଶୁକୁ ଗ୍ରାମ ନିକଟରେ ବେଆଇନ ଭାବେ ଜଙ୍ଗଲରୁ ଟ୍ରକ୍‌ରେ କାଠ ବୋଝେଇ ହେଉଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଞ୍ଜର ସୁଶାନ୍ତ କୁମାର ଦଳେଇ, ଡେପୁଟି ରେଞ୍ଜର ତ୍ରିପତି ପଣ୍ଡା, ବନପାଳ ଗୋପୀନାଥ ପାଙ୍ଗି, ବନରକ୍ଷୀ ସୋନାଲି କେରକେଟା, ପୂର୍ବ ଖରା, ଚନ୍ଦ୍ର ମୁଣ୍ଡା ଗାଡିଆ, ହରିଚନ୍ଦ୍ର ସୀସା ପ୍ରମୁଖ ଘଟଣା ସ୍ଥଳରେ ସେମାନଙ୍କୁ କାବୁ କରିଥିଲେ। ଘଟଣା ସ୍ଥଳରୁ ଗାଡି ଜବତ କରିବା ସହ ଡ୍ରାଇଭର ଓ ହେଲପରକୁ ଗିରଫ କରାଯାଇଛି। ସେପଟେ ସ୍ଥାନୀୟ କାଠ ମାଫିଆ ବନ ବିଭାଗ ଅଧିକାରୀ ଆସିବା ଜାଣି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଚାଲାଣ ପାଇଁ ରହିଥିବା ଟ୍ରକ୍‌କୁ ଜବତ କରିବା ଦୁଇ ଜଣ ଡ୍ରାଇଭର କମଳ ଦାସ, ହେଲପର ରାଜେସ ମହିଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଜଣାପଡିଛି। ଜବତ କାଠର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି । ସୂଚନା ଦେଇ ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗି କହିଛନ୍ତି, ସ୍ଥାନୀୟ କାଠ ମାଫିଆମାନଙ୍କୁ ଖୋଜା ଚାଲିଛି। ତଦନ୍ତ ପରେ ସବୁ ପଦାକୁ ଆସିବା ବୋଲି ସେ କହିଛନ୍ତି।

## କାଠଗାଡ଼ି ଜବତ: ୨ ଗିରଫ

ସେମିଳିଗୁଡା, ୧୬।୯ (ସମିସ): କୋରାପୁଟ ଜିଲା ସେମିଳିଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ କାଠ ବୋଝେଇ ଟ୍ରକ ଜବତ କରାଯାଇ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମିଳିଗୁଡା ବନାଞ୍ଚଳ ଅଧୁକାରୀ ସୁଶାନ୍ତ କୁମାର ଦଳାଇ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ନନ୍ଦପୁର ଥାନା ଅନ୍ତର୍ଗତ କୁମାର ଗନ୍ଦଣାରୁ ଟ୍ରକ( ସିଜି୦୪ ପିଇ ୫୦୭୫) ଯୋଗେ ଜାମ୍ବୁ, ମହାଲିମ୍ବ କାଠ ରାୟପୁରକୁ ଚାଲାଣ ହେଉଥିବା ଖବର ପାଇ ବନାଞ୍ଚଳ ଅଧୁକାରୀ ସୁଶାନ୍ତ କୁମାର ଦଳାଇ ନେତୃତ୍ୱରେ ଡେପୁଟି ରେଞ୍ଜର ତ୍ରିପତି ପଣ୍ଡା, ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗୀ ଓ ବନ କର୍ମଚାରୀ ହାଟସୁକୁ ନିକଟରେ ଚଢ଼ଉ କରିଥିଲେ। କାଠ ସହ ଟ୍ରକ୍ ଜବତ କରାଯିବା ସହ ଛତିଶଗଡ ରାୟପୁରର ଡ୍ରାଇଭର କମଳ ଦାସ ଓ ହେଲପର ରାଜେଶ ମହାମହାଲିଙ୍କୁ ଗିରଫ କରାଯାଇଛି। ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କିଛିବର୍ଷ ହେବ ଏହି ଅଞ୍ଚଳରୁ ବିନା କାଗଜପତ୍ରରେ ବହୁ ମୂଲ୍ୟବାନ କାଠ ଚାଲାଣ ହେଉଥିବାରୁ ଗଛ ଲୋପ ପାଇବାରେ ଲାଗିଛି। ଏଥିରେ ଏକ ବଡ଼ ର‌୍ୟାକେଟ କାମ କରୁଥିବା ଅଭିଯୋଗ ହୋଇଛି।

## ସରସ୍ୱତୀ ବିଦ୍ୟାମନ୍ଦିରର ଅଭିଭାବକ ସମ୍ମିଳନୀ

ସେମିଳିଗୁଡ଼ା/ଦାମନଯୋଡି, ୧୬।୯ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନିକଟସ୍ଥ ମାଥାଲପୁଟ ସରସ୍ୱତୀ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀରେ ମୂଖ୍ୟ ଅତିଥି ଭାବରେ ଦାମନଯୋଡି ନାଲ୍‌କୋର ସରସ୍ୱତୀ ବିଦ୍ୟାମନ୍ଦିରର ସମ୍ପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଅଭିଭାବକମାନଙ୍କୁ ଶିଶୁର ଭବିଷ୍ୟତ ଗଠନରେ ଯତ୍ନବାନ ହେବାପାଇଁ ପରାମର୍ଶ ଦେଇଥିଲେ। ମୂଖ୍ୟବକ୍ତା ଭାବରେ ସମାଜସେବୀ, ଲିଭ ଫର ଅଦର୍ସର ସାଧାରଣ ସମ୍ପାଦିକା,ପୂର୍ବତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗଦେଇ ଶିଶୁର ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶରେ ପିତାମାତାଙ୍କ ଭୂମିକା ଉପରେ କହିଥିଲେ। ବିଦ୍ୟାମନ୍ଦିରର ସଭାପତି ସଦାନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଶୋୟୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ, ଅଭିଭାବକ,ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେବା ସହ ସହଯୋଗ କରିଥିଲେ।

## 'ଜିଲ୍ଲାରେ ଲାଗିବ ଔଷଧୀୟ, ଛାୟା ପ୍ରଦାନକାରୀ ବୃକ୍ଷ'

ନବରଙ୍ଗପୁର,୧୬।୯(ସମିସ) : "ଏକ ପେଡ ମା' କେ ନାମ" ଅଭିଯାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସବୁ ବର୍ଗର ଲୋକେ, ସରକାରୀ ବିଭାଗ ସାମିଲ ହେବେ। ସବୁ ପଞ୍ଚାୟତରେ ଚାରାରୋପଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ସଫଳ ରୂପାୟନ କରିବା ନେଇ ମଙ୍ଗଳବାର ଜିଲ୍ଲାପାଳ ଡମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସିଡିଓ, ଡିଏଫ୍‌ଓ, ଉଦ୍ୟାନ ଉପ ନିର୍ଦ୍ଦେଶକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପିଏ,ଆଇଟିଡିଏ, ଡିଡ଼ବ୍ଲୁଓ, ଜିଲ୍ଲା ଶିକ୍ଷା ଅଧିକାରୀ, ଡିଏସଡବ୍ଲୁଓ, ମେଗା ଉଠା ଜଳସେଚନ ଯନ୍ତ୍ରୀ, ଡିଆଇପିଆର୍‌ଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ରାଜ ଚାଉଁରିଆ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

କୋଷାଗୁମୁଡ଼ା, ୧୬।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷର ଅଭିଭାବକ ସମ୍ମିଳନୀ ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମୀ ମୁଖ୍ୟ ଡ.ରବି ନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ବିବେକ କୁମାର ମହାଲିକ, ଦାମୋଦର ସାହୁ, ଅଖିଳ କୁମାର ଭଟ୍ଟ, ପଞ୍ଚାନନ ଦୂରିଆ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଆସନ୍ତା ବାର୍ଷିକ ପରୀକ୍ଷାରେ କିଭଳି ଭାବରେ ଉତ୍ତମ ପ୍ରଦର୍ଶନ କରି ନିଜର, ନିଜ ବାପା ମା ତଥା ଅନୁଷ୍ଠାନର ଗୌରବ ବୃଦ୍ଧି କରିବା ପାଇଁ ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କୁ ଆହ୍ୱାନ ଦେଇଥଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୀମାଞ୍ଚଳ ପଟ୍ଟନାୟକ, ସସ୍ମିତା ପ୍ରଧାନ ,ଦେବକୀ ଦିଶାରି, ଈଶ୍ୱର ମାଝୀ, ଯାଦବ ମହାନ୍ତି, ବାବୁଲା ନାୟକ, ରାକେଶ କୁମାର ମହାଲିକ, ଶୈଳବାଳା ରାଉତଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥଲେ।

## ନବନିର୍ମାଣ ଠିକା ଶ୍ରମିକ ସଂଘର ପ୍ରତିଷ୍ଠା ଦିବସ

ଦାମନଯୋଡି,୧୬।୯(ସମିସ): ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ ପ୍ରକଳ୍ପରେ କାର୍ଯ୍ୟରତ ନବ ନିର୍ମାଣ ଠିକା ଶ୍ରମିକ ସଂଘର ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ କରିଛି। ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ସେକ୍ଟର-୨ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ ସଂଜୟ କୁମାର ପଟ୍ଟନାୟକ ଯୋଗଦାନ କରିଥିଲେ। ସଂଘର ସଭାପତି ସୁବାସ ଖରାଙ୍କ ସମେତ ନାରାୟଣ ଶତପଥୀ, ତପନ ବେହେରା, ପାର୍ବତୀ ଶ୍ରୀହରିଆ, ଲକ୍ଷ୍ମୀ ଗୁଣ୍ଠା ଓ ସମସ୍ତ ସଦସ୍ୟଗଣ ଉପସ୍ଥିତ ଥିଲେ। ଠିକା ଶ୍ରମିକମାନଙ୍କର ବିଭିନ୍ନ ସୁବିଧା ପ୍ରାପ୍ୟ, ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ସହିତ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଉପଦେଷ୍ଟା ଚୈତନ୍ୟ ହନ୍ତାଳ, ନାଲ୍‌କୋର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜର୍ଜ ତୁରୁପ ସଂଯୋଜନା କରିଥିଲେ।

## ନବରଙ୍ଗପୁରରେ ଦ୍ୱି ଭାଷୀ ଚଳଚ୍ଚିତ୍ରର ସୁଟିଂ

ନବରଙ୍ଗପୁର,୧୬।୯(ସମିସ): ଦୀପ୍ ଶାନ୍ ଫିଲ୍ମ ପ୍ରଯୋଜିତ ଏବଂ ସାଇ ଫିଲ୍ମ ନିବେଦିତ ଏସ୍‌ଏଫ୍ -୮୦୦ ନାମକ ଫିଲ୍ମର ସୁଟିଂ ନବରଙ୍ଗପୁର ସଦର ମହକୁମାର ସାମନ୍ତରାୟ ସାହି ସ୍ଥିତ ସାମନ୍ତରାୟ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସୁଟିଂରେ ଅବିଭକ୍ତ କୋରାପୁଟ ଜିଲ୍ଲା ଚଳଚ୍ଚିତ୍ର ବିକାଶ ନିଗମର ସହ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲାର ପ୍ରତିଷ୍ଠିତ ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଫିଲ୍ମର ରଚନା, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରିଚିତ ନିର୍ଦ୍ଦେଶକ ଆମର ମିଶ୍ର ଦେଉଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଅଭୟ ମିଶ୍ର ଏବଂ ସୁଶିଲ ଦଳେଇ ଦେଇଛନ୍ତି। ଏହି ଚଳଚ୍ଚିତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ପ୍ରତିଷ୍ଠିତ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ଏକା କାଳୀନ ଓଡ଼ିଆ ଓ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି। ଏହା ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ସିନେମା ହଲ ରେ ମୁକ୍ତିଲାଭ କରିବ। ଏହା ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ନବରଙ୍ଗପୁରର ତ୍ରିଶକ୍ତି ସିନେ କମ୍ବାଇନ୍ସ ପକ୍ଷରୁ ଚଳଚ୍ଚିତ୍ରର ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

## 'ହସତେ ରୁଆ ଗ୍ରୁପ୍' ପକ୍ଷରୁ ପ୍ରତିଯୋଗୀ ସମ୍ମାନିତ




ନବରଙ୍ଗପୁର,୧୬।୯(ସମିସ): ନବରଙ୍ଗପୁର ସ୍ଥିତ ଟେକ୍ନୋ ଗୁରୁକୁଳ ସ୍କୁଲରେ ହସ୍ତେରୁଆ ଗ୍ରୁପ ପକ୍ଷରୁ ଜିଲ୍ଲାର ଜନ୍ମାଷ୍ଟମୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ସହିତ ପ୍ରଶଂସାପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଗ୍ରୁପର ପ୍ରତିଷ୍ଠାତା ରାମନାଥ ତ୍ରିପାଠୀ ୨୦୨୨ରୁ ମସିହାରୁ ପ୍ରତିବର୍ଷ ଏହି ପ୍ରତିଯୋଗିତା ପାଳନ କରିଆସୁଛି। ଏହା ଏକ ଫେସବୁକ ଗ୍ରୁପ୍ ଏବଂ ଏଥିରେ ୧ ଲକ୍ଷ ୧୭ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ଏହି ଗ୍ରୁପର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ହସ ମାଧ୍ୟମରେ ଲୋକଙ୍କ ଦୁଃଖ ଦୂର କରିବା। କିନ୍ତୁ ବର୍ତମାନ ହସ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚାରାରୋପଣ ଏବଂ ରକ୍ତଦାନ ଭଳି ଅନେକ କାର୍ଯ୍ୟକ୍ରମ କରିଆସୁଛନ୍ତି ବୋଲି ସୂଚନା ଦେବା ସହିତ ସ୍କୁଲର ପ୍ରିନ୍ସିପାଲ ସଂଗ୍ରାମ ନାୟକଙ୍କୁ ତାଙ୍କରି ସହଯୋଗିତା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶିକ୍ଷକ ଜଗଦୀଶ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚୌଧୁରୀ ଯୋଗ ଦେଇଥିଲେ। ଶେଷରେ ହରି ଶଙ୍କର ସାବତ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦିଲୀପ କୁମାର ପାଣିଗ୍ରାହୀ ଓ ସହଯୋଗ କରିଥିଲେ ସୌମ୍ୟା ମହାପାତ୍ର, ବିଜୟ କୁମାର ମିଶ୍ର , ଦିଲୀପ କୁମାର ବଡ଼ତ୍ୟା। କାର୍ଯ୍ୟକ୍ରମ ଶେଷରେ ସୁପରିଚିତ ଯାଦୁଗର ହେମନ୍ତ କୁମାର ପାତ୍ର ଯାଦୁର କଳା କୌଶଳ ଦେଖାଇ ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ।

## ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ



ପୋଡ଼ାଗଡ଼, ୧୬।୯ (ସମିସ): କୋରାପୁଟ ଅତିଥି ଭବନ ଠାରେ ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଙ୍ଘ ତରଫରୁ ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ରାଜ୍ୟ ସଂଘରୁ ଆସିଥିବା ସଭାପତି ଜୟନ୍ତୀ ଲାଲ ସାହୁ, ସମ୍ପାଦକ ହନେସ ବାଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ଉପସ୍ଥିତ ରହି ନୂତନ ସଂଘ ଗଠନ କରାଯାଇଥିଲା। ଏହି ନୂତନ ସଂଘରେ ସଭାପତି ଭାବେ ଶରତ କନ୍ଧପାନ, କାର୍ଯ୍ୟକାରୀ ସଭାପତି ଭାବେ ଚୋଳଗଙ୍ଗ ବିଶୋଇ ଉପସଭାପତି ଭାବେ ନାରାୟଣ ରାୟ, ସହ ସମ୍ପାଦକ ଭାବେ କୈଳାସ ବିଶୋଇ, କୋଷାଧକ୍ଷ ଭାବେ ଧନିଆ ବେନିଆ ଏବଂ ମହାସଚିବ ଭାବେ ଗୋପାଳ କୃଷ୍ଣ ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

କୋରାପୁଟ,୧୬।୯(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ କୋରାପୁଟ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ରୁ ଅଧିକ ଅଭିଯୋଗ ପହଞ୍ଚି ଥିବାବେଳେ ସମସ୍ତ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ କୋରାପୁଟ ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିର୍ନ କାର୍ଯ୍ୟ ଉପରେ ଆଲୋଚନା ଓ ସମୀକ୍ଷା କରା ଯାଇଥିଲା। ବ୍ଲକ ଅଧକ୍ଷା ନମିତା ମାଝୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଉପାଧାକ୍ଷ ଶିବ ଗୋଲରି ପ୍ରମୁଖ ଉପସ୍ଥିତ ଥିବା ବେଳେ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଗ୍ରାମବାସୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଓଜୋନ୍ ଦିବସ ପାଳିତ

ସୁନାବେଡା,୧୬।୯ (ସମିସ): ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ଠାରେ ଆଜି ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଉକ୍ତ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ, ଓଜୋନ୍ ସ୍ତର କିପରି ନଷ୍ଟ ହୋଇଛି ଏବଂ ଆମ ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ଆଇସିଏଆରର ମୁଖ୍ୟ ଡ ରାମଜୟମ ଯୋଗଦେଇ ଓଜୋନ୍ ସ୍ତରକୁ କିପରି ମାନବ ସମାଜ ନିଜର ସତର୍କତା ଦ୍ୱାରା ଏବଂ ଦାୟିତ୍ୱବୋଧତା ଦ୍ୱାରା କ୍ଷୟରୁ ରକ୍ଷା କରିପାରିବେ ଆଲୋଚନା କରିଥିଲେ। ଆମ କଲେଜ ଆମ ଗୌରବ ସଂଯୋଜିକା ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଯୋଗଦାନ କରି ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ସଚେତନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ୱାଇଆରସି କାଉନ୍‌ସିଲର ସୁଶ୍ରୀ ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବିନୁ ପ୍ରଧାନ ଏବଂ ରୁକ୍ସାନା ବେଗମ ମଧ୍ୟ ଉକ୍ତ ସଭାରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଉକ୍ତ ସଭାରେ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ସଫଳ କରିଥିଲେ। ଛାତ୍ରୀମାନେ ଭବିଷ୍ୟତରେ ଓଜୋନ୍‌ସ୍ତରର ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ।

## ସହରରେ ବଢୁଛି ମଦ୍ୟପଙ୍କ ସଂଖ୍ୟା

ଉମରକୋଟ, ୧୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ବଢୁଛି ମଦ୍ୟପଙ୍କ ସଂଖ୍ୟା । ମଦ ଦୋକାନୀ ଙ୍କ ପାଇଁ ଯେତିକି ସର୍ବନିମ୍ନ କୋଟା ଧାର୍ଯ୍ୟ କରାଯାଉଛି, ସେମାନେ ତାହାର ଦୁଇ ଗୁଣରୁ ଅଧିକ ମଦ ଉଠାଉଛନ୍ତି। ଉମରକୋଟ ପୌରପରିଷଦ ଠାରେ ଯୁବପିଢି ମାନଙ୍କ ମଧ୍ୟରେ ମଦ୍ୟପାନ ବୃଦ୍ଧି ପାଇବା ଉଦ୍‌ବେଗର କାରଣ ହୋଇପଡିଛି। ସେହିଭଳି ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ଯୁବପିଢି ଅଧିକ ମଦ୍ୟପାନ କରୁଛନ୍ତି। ଉମରକୋଟ ସହରଠାରେ ମଦ ବିକ୍ରି କ୍ରମାଗତ ଭାବେ ବଢି ଚାଲିଛି। ମଦ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଯେତିକି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ରହିଛି ତାର ଦୁଇ ଗୁଣା ଅଧିକ ମଦଦୋକାନ ସହର ମଧ୍ୟରେ ରହିଛି ଓ ବିକ୍ରି କରାଯାଉଛି। ମଦ କାରବାର ବଢିବା ସହିତ ଉମରକୋଟ ମଦ ଦୋକାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଛି। ଗୋଟିଏ ପଟେ ଅପରାଧ ଓ ଦୁର୍ଘଟଣା ପଛର ସବୁଠୁ ବଡ଼ କାରଣ ମଦ୍ୟପାନ ରହିଥିବା ବେଳେ ଏଭଳି ସ୍ଥିତି ଉମରକୋଟ ସହର କୁ ଯେଉଁ ଦିଗକୁ ଟାଣି ନେଉଛି, ତାହା ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି। ଉମରକୋଟ ସହର ଠାରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଛି। ନିଶା ସେବନକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ହାତ ପାହାନ୍ତାରେ ମଦ ଓ ଗଞ୍ଜେଇ ଭଳି ନିଶାଦ୍ରବ୍ୟ ସହଜରେ ମିଳି ଯାଉଥିବାରୁ ମାରାତ୍ମକ ନିଶା କବଳରେ ପଡିଲେଣି ଆଜିର ଯୁବପିଢ଼ି। ଅଧିକାଂଶ ଯୁବଗୋଷ୍ଠୀ ମଦ, ଗଞ୍ଜେଇ, କଫ୍ ସିରପ, ନିଶା ବଟିକା ଓ କରେକ୍ସ କାରବାର ଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ବିଗିଡ଼ିବାକୁ ଲାଗିଲାଣି। ସନ୍ଧ୍ୟା ହେଲେ ବିଭିନ୍ନ ଛକ ଦୈନିକ ବଜାର ପିଣ୍ଡି, ପାର୍କ , ଷ୍ଟାଡିୟମ, ଠାରେ ନିଶାଖୋର ଙ୍କ ଅଖଡ଼ାସ୍ଥଳୀ ପାଲଟିଥିବା ବେଳେ ପ୍ରଶାସନର ନିଷ୍କ୍ରିୟତା ପାଇଁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ବେଳ ଥାଉ ଥାଉ ସତର୍କ ନ ହେବେ ଆଗକୁ ପରିସ୍ଥିତି ଜଟିଳ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। କେତେକ ଅସ୍ଥାୟୀ ବିଦେଶୀ ମଦ ଦୋକାନ ନକଲି ମଦ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହୋଉଛି। ବିଶ୍ୱ ତମାଖୁ ବର୍ଜନ ଓ ନିଶା ନିବାରଣ ଦିବସ ଆସିଲେ ସଭା ସମିତି ରାଲି ଆଦି ଗୋଟିଏ ଦିନ ପାଳନ କରାଯାଇଥାଏ। ହେଲେ ପରେ ସବୁ ବନ୍ଦ ହୋଇଯିବା ସହ ପୂର୍ବ ଭଳି ନିଶା କାରବାର ଜାରି ରହୁଛି।।

● ଶାଗୁଆନ କାଠ ଜବତ

## ଟ୍ରାକ୍ଟରକୁ ଛାଡି ଦେବାରୁ ଅସନ୍ତୋଷ



ଚନ୍ଦାହାଣ୍ଡି,୧୬।୯(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ପାଟଖଲିଆ ପଞ୍ଚାୟତ ଅନ୍ତର୍ଗତ ରାଜକୋଟ ଗାଁରେ ଶାଗୁଆନ ଗଛ ଚୋରା ଚାଲାଣ ଭଳି ଘଟଣା ସାମ୍ନାକୁ ଆସିଛି। ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ସ୍ଥାନୀୟ ନର୍ସରୀରୁ ଶାଗୁଆନ ଗଛ କାଟି ଏକ ଟ୍ରାକ୍ଟର ଯୋଗେ କାଠ ଚୋରା ଚାଲାଣ କରୁଥିଲେ। ରାଜକୋଟ ଠାରୁ ଗୌରଝରିଆ ରାସ୍ତାରେ ବର୍ଷା ହୋଇ ରାସ୍ତା କାଦୁଅ ହୋଇଥିବା କାରଣରୁ ରାସ୍ତାରେ ଟ୍ରାକ୍ଟରଟି ଫସି ଯାଇଥିଲା। ଯେତେ ଚେଷ୍ଟା କରିଥିଲେ ବି ଟ୍ରାକ୍ଟରଟି ସେଠାରୁ ବାହାରି ନଥିଲା। ଦୁର୍ବୃତ୍ତମାନେ ବାଧ୍ୟ ହୋଇ ଟ୍ରାକ୍ଟରରୁ ଶାଗୁଆନ ଗଛକୁ କାଢି ସେଠାରେ ଛାଡି ପଳାଇଥିଲେ। ଘଟଣା ପରେ ଧୀରେ ଧୀରେ ଏହା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିଲା। କୌଣସି ସୂତ୍ରରୁ ଖବର ପାଇ ସୋମବାର ଦିନ ବନ ବିଭାଗ କର୍ମଚାରୀ ମାନେ ରାଜକୋଟ ଗାଁକୁ ଯାଇ ଶାଗୁଆନ ଗଛ ଜବତ କରିଥିଲେ। ବନ ବିଭାଗର ଅଧିକାରୀମାନେ ଏହି ଅବୈଧ କାର୍ଯ୍ୟକୁ ରୋକିବା ପାଇଁ ଯଥେଷ୍ଟ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ବଳା ସମାନର କିଛି ଶାଗୁଆନ ଗଛ ଆଜି ଜବତ ହୋଇଛି। କେଉଁ ଗାଡ଼ିରେ ଏହା ଚାଲାଣ ହେଉଥିଲା ସେ ସମ୍ପର୍କରେ ଅଧିକ ତଦନ୍ତ ପରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି। ତେବେ ଶାଗୁଆନ କାଠ ଜବତ କରି ଚାଲାଣ କରୁଥିବା ଟ୍ରାକ୍ଟରକୁ କିପରି ବନ ବିଭାଗ ଛାଡିଦେଇଛି ସେନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଫୁଲଭଟା ରାସ୍ତା ମରାମତି ଦାବି

## ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ


କୁନ୍ଦୁରା,୧୬।୯(ସମିସ):



କୁନ୍ଦୁରା ବ୍ଲକ ଅନ୍ତର୍ଗତ ଫୁଲଭଟା ପଞ୍ଚାୟତବାସୀ ଜୟପୁର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ, ଫୁଲଭଟା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ସଦରମହକୁମାକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା ଅବସ୍ଥା ଅତି ଶୋଚନୀୟ। ପୋକନାଗୁଡ଼ା ଛକଠାରୁ ପଡେଇକୁଣ୍ଡ ପର୍ଯ୍ୟନ୍ତ ରାସ୍ତା ମରାମତି ସହ ଘାଟ କଟିଙ୍ଗ ଅତି ଆବଶ୍ୟକ। ଏହି ଦୟନୀୟ ରାସ୍ତା ଯୋଗୁଁ ଫୋଲଭଟା ପଞ୍ଚାୟତର ଉନ୍ନତି ହୋଇପାରୁ ନାହିଁ। ଏକମାତ୍ର ରାସ୍ତାରେ ଗମନାଗମନରେ ବାଧା ସୃଷ୍ଟି ହେବା ସହ ପିଡିଏସ ସାମଗ୍ରୀ ବଣ୍ଟନ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଲକ୍ଷ୍ମୀବସ ସେବା ଏବଂ ଉଚ୍ଚ ଶିକ୍ଷା ପାଇଁ ବ୍ଲକ ସଦର ମହକୁମା ଯିବା ପାଇଁ ବାଧକ ସାଜିଛି ଘାଟି ରାସ୍ତା। ଏଣୁ ଦାବିପତ୍ର ଦେବା ସମୟରେ ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରୀ ମଲ୍ଲିକ, ରାଜେଶ ଗୁରୁ, ଗୁପ୍ତ ସାନ୍ତା, ସୁକ୍ର କାର୍ଷିକା, ସଦା ମୁଦୁଲି, ଯଦୁ ସାନ୍ତା, ବ୍ରଜ ସାନ୍ତା, ସୁବୁଧି ସାନ୍ତା, ମଙ୍ଗଳୁ ଜାନି ଓ ଜଗତ ମାଝୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପାଠପଢ଼ାର ଅନୁଭୂତି ତିକ୍ତ ହୋଇପାରେ, କିନ୍ତୁ ଏହାର ଫଳ ମଧୁର।
-ଆରିଷ୍ଟୋଟଲ୍

## ମାଧୁରୀର ଲୁହ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗତ ସୋମବାରେ ଏକ ରାୟ ଆସିଛି, ଯାହା ଅନେକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ, ଅଥଚ ଭାବାବେଗ ସମ୍ପର୍କିତ ଏକାଧିକ ପ୍ରଶ୍ନ ଉତ୍ଥାପନକାରୀ। ମାନବ ସ୍ୱାର୍ଥ-ପରିବେଶ-ପଶୁ ଅଧିକାର ସମ୍ବନ୍ଧିତ ଏହି ରାୟଟି ମଧ ଖବରର ଗହଳି ଭିତରେ ଲୁଚି ଯାଇଥା'ନ୍ତା କିମ୍ବା ସେତେ ଗୁରୁତ୍ୱ ପାଇ ନ ଥା'ନ୍ତା, ଯଦି ତାହା ତା'ପରଦିନ(ମଙ୍ଗଳବାର) ହିଁ ମୁଖ୍ୟସ୍ରୋତ ମୁଦ୍ରିତ ଖବରକାଗଜର ପ୍ରଥମ ପୃଷ୍ଠାର ଅର୍ଦ୍ଧାଧିକ ମଣ୍ଡନ କରି ନ ଥା'ନ୍ତା। ବସ୍ତୁତଃ ବିଜ୍ଞାପନଧର୍ମୀ ଏହି ଦେୟଯୁକ୍ତ ଖବରଟି ପ୍ରକାଶ ପାଇବା ପରେ ହିଁ ଅଧିକାଂଶ ପାଠକ ପ୍ରସଙ୍ଗର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଛନ୍ତି। ପ୍ରସଙ୍ଗଟି ସାଧାରଣ ଲାଗୁଥିଲେ ମଧ କୋଟିକୋଟି ଟଙ୍କା ବ୍ୟୟରେ ଖବର-ବିଜ୍ଞାପନ ଆକାରରେ ରାୟଟିର ବିସ୍ତୃତ ବିବରଣୀ ପ୍ରକାଶିତ ହେବା ପଛରେ ଯେ ଏହାର ଅସାଧାରଣତା ଲୁଚି ରହିଛି, ତାହା ଅନସ୍ୱୀକାର୍ଯ୍ୟ।

ଗତ ଜୁଲାଇ ମାସରେ ସାମାଜିକ ଗଣମାଧ୍ୟମରେ ଏକ ରିଲ୍ସ(ସୂଚନା) ପ୍ରସାରିତ ହୋଇଥିଲା, ଯେଉଁଥିରେ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲା ଅଧୀନସ୍ଥ ଶିରୋଲ୍ ତାଲୁକାର ନନ୍ଦିନୀ ଗ୍ରାମରେ ଥିବା ଏକ ଜୈନ ମଠରେ ବହୁବର୍ଷ ଧରି ରହିଆସୁଥିବା ମହାଦେବୀ (ଡାକନାମ ମାଧୁରୀ) ନାମ୍ନୀ ହାତୀକୁ ବଳପୂର୍ବକ ଜନୈକ ବିଶିଷ୍ଟ ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଣୀ ଉଦ୍ଧାର କେନ୍ଦ୍ର(ଅଭୟାରଣ୍ୟ)କୁ ନିଆଯାଉଥିବାର ଦୃଶ୍ୟ ସହିତ ଆଶ୍ରମବାସୀଙ୍କ ବିବଶତା, ଅନ୍ତେବାସୀଙ୍କ ମାଧୁରୀ ପ୍ରତି ସମବେଦନା ଜନିତ ଲୁହ ଓ କୋହର ଦୃଶ୍ୟ ଭରି ରହିଥିଲା। ସବୁଠାରୁ ହୃଦୟବିଦାରକ ଥିଲା ମାଧୁରୀର ଆଖିରୁ ଅନବରତ ଝରୁଥିବା ଲୁହ। ଘଟଣା ପଛର ପୃଷ୍ଠଭୂମି ଥିଲା ଏହିପରି - ମାଧୁରୀର ଚିକିତ୍ସା ଓ ଯତ୍ନ ଜରୁରୀ ଦର୍ଶାଇ ଏକ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବମ୍ବେ ଉଚ୍ଚ ନ୍ୟାୟାଳୟ ମାଧୁରୀକୁ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ମଧ କାଏମ୍ ରଖିଥିଲେ।

ମାଧୁରୀ ଅଞ୍ଚଳବାସୀଙ୍କ ଏତେ ପ୍ରିୟ ଥିଲା ଯେ ସମ୍ପୃକ୍ତ ଶିଳ୍ପପତିଙ୍କ ସମସ୍ତ ବ୍ୟବସାୟିକ ସଂସ୍ଥା ସହିତ ଆଖପାଖ ତିନି ଗ୍ରାମବାସୀ ଅସହଯୋଗ କରିବା ସହିତ ୩୦ ହଜାର ଲୋକ ୪୫ କିମି ବ୍ୟାପୀ ମାନବ ଶୃଙ୍ଖଳ ଓ ନିରବ ପଦଯାତ୍ରା କରିଥିଲେ। ମାତ୍ର ଚାରିଦିନ ମଧରେ ଦେଢ଼ ଲକ୍ଷ ମୋବାଇଲ୍ ଫୋନ୍ ଗ୍ରାହକ ସମ୍ପୃକ୍ତ ସଂସ୍ଥାର ସେବାରୁ ଓହରି ଆସିଥିଲେ। ଏହାପରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ଅବୈଧ ଦର୍ଶାଇ ତା'ର କାର୍ଯ୍ୟକଳାପ ଉପରେ କଟକଣା ଜାରି କରିବାକୁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏପରିକି ପଶୁ ଅଧିକାର ପାଇଁ ଲଢୁଥିବା ସମ୍ପୃକ୍ତ ଆମେରିକୀୟ ବେସରକାରୀ ସଂସ୍ଥା ବିପୁଳ ଅର୍ଥଲୋଭରେ ମାଧୁରୀକୁ ସ୍ଥାନାନ୍ତର କରିବା ପାଇଁ ମସୁଧା କରିଥିବା ଅଭିଯୋଗ ଆସିଥିଲା ଏବଂ ସଂସ୍ଥାର ଭାରତୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ମଧ ଜନମତ ସୃଷ୍ଟି ହୋଇଥିଲା। ମାଧୁରୀକୁ ପୁଣି ଆଶ୍ରମକୁ ଫେରାଇ ଆଣିବା ଲାଗି୨ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇଥିଲା।

ଘଟଣା ସମ୍ପର୍କରେ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) ଗଠନ କରିଥିଲେ। ଏସ୍ଆଇଟିର ରିପୋର୍ଟ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ଅଭୟାରଣ୍ୟର ପ୍ରତିଷ୍ଠା, କାର୍ଯ୍ୟକଳାପ ଓ ଲକ୍ଷ୍ୟକୁ ତ୍ରୁଟିଶୂନ୍ୟ ଓ ସର୍ବଆଇନ ସମ୍ମତ ଦର୍ଶାଇଛନ୍ତି। ତେଣୁ ସ୍ୱାଭାବିକ ଭାବେ ସମ୍ପୃକ୍ତ ଶିଳ୍ପପତି ନିଜ ଉପରେ ଆସିଥିବା ଅଭିଯୋଗର ବହୁ ପ୍ରଶ୍ନବାଣରୁ ମୁକ୍ତ ହେବାର ଆନନ୍ଦ ଗଣମାଧମ ଜରିଆରେ ପ୍ରକାଶ କରିଛନ୍ତି।

ସମ୍ପୃକ୍ତ ପଶୁ ଅଧିକାର ସଂଗଠନର ଅଭିଯୋଗ ଅନୁଯାୟୀ ମାଧୁରୀକୁ ଅତି ଅମାନବୀୟ ଭାବେ ୨୦୧୨ରୁ ୨୦୨୩ ମଧରେ ମହାରାଷ୍ଟ୍ରରୁ ତେଲେଙ୍ଗାନାକୁ ବିନା ବିଭାଗୀୟ ଅନୁମତିରେ ୧୩ ଥର ବ୍ୟବସାୟିକ ଉଦ୍ଦେଶ୍ୟରେ ଚଲାଇ ଚଲାଇ ନିଆଯାଇଛି। ୨୦୧୭ରେ ମାଧୁରୀ ଗୁରୁତର ହେବା ପରେ ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ୨୦୨୩ ଜାନୁଆରୀ ମାସରେ ତେଲେଙ୍ଗାନାର ଜଙ୍ଗଲ ବିଭାଗ ବନ୍ୟଜନ୍ତୁ(ସୁରକ୍ଷା) ଆଇନ୍ ୧୯୭୨ ଅନୁଯାୟୀ ସମ୍ପୃକ୍ତ ଜୈନ ମଠ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲା। ସମ୍ପୃକ୍ତ ବେସରକାରୀ ସଂସ୍ଥା ମାଧୁରୀର ଗୁରୁତର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ୨୦୨୩ ଅକ୍ଟୋବର ମାସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆଗରେ ଅଭିଯୋଗ ପରେ ୨୦୨୩ ଅଗଷ୍ଟରେ ଏକ ଡାକ୍ତରୀ ଦଳ ପରୀକ୍ଷା କରି ମାଧୁରୀର ପାଦ ଓ ଗୋଡ଼ରେ ଘା' ହୋଇଥିବା ଏବଂ ସେ ମାନସିକ ଅବସାଦ ଭିତରେ ଥିବା ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ମାଧୁରୀର ଚିକିତ୍ସା ପାଇଁ କର୍ତ୍ତୃପକ୍ଷ ଆଶ୍ରମକୁ ତିନିମାସ ସମୟ ଦେଇଥିଲେ। ନଭେମ୍ବର ୨୦୨୪ରେ ପୁନଃ ଯାଞ୍ଚ ବେଳେ ଜଣାପଡ଼ିଲା ଯେ ଆଶ୍ରମ ପକ୍ଷରୁ ମାଧୁରୀର ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବହେଳା ପ୍ରଦର୍ଶନ କରାଯାଇଛି। ସେହି ସମୟ ମଧରେ ମାଧୁରୀକୁ ଦୁଇଦୁଇ ଥର ସ୍ଥାନାନ୍ତର କରାଯାଇଥିଲେ ମଧ ପୁଣି ମୂଳ ଆଶ୍ରମକୁ ଫେରାଇ ଅଣାଯାଇଥିଲା। ଶେଷରେ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀର ସ୍ଥାନାନ୍ତର ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ।

ଯଦି ଡାକ୍ତରୀ ଦଳ ଓ ଏସ୍ଆଇଟି ରିପୋର୍ଟ ଆଧାରରେ ସମ୍ପୂର୍ଣ୍ଣ ଘଟଣାକୁ ତର୍ଜମା କରାଯାଏ ତେବେ ସାମାଜିକ ଗଣମାଧମରେ ମାଧୁରୀ ପ୍ରତି ସମ୍ବେଦନଶୀଳତା ଆଳରେ ସମ୍ପୃକ୍ତ ଶିଳ୍ପପତିଙ୍କ ବିରୋଧରେ କେବଳ ଏକ ଉଚ୍ଚାଟ ସୃଷ୍ଟି କରାଯାଇଥିଲା ବୋଲି କୁହାଯାଇପାରେ। ଅପରପକ୍ଷରେ ଯଦି ସାମାଜିକ ଗଣମାଧମରେ ପ୍ରକାଶିତ ଖବରକୁ ବିଶ୍ୱାସକୁ ନିଆଯାଏ ତେବେ ଆମ ବ୍ୟବସ୍ଥାରେ ଅର୍ଥ ଓ ପ୍ରତିପତ୍ତିର ପ୍ରଭାବକୁ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ, ପ୍ରତିପତ୍ତି ଓ ଛଦ୍ମ ଭାବାବେଗର ପ୍ରଚାରପ୍ରସାରର ଏହି ଲୁଚକାଳି ଖେଳରେ ବିଚରା ମାଧୁରୀ କିନ୍ତୁ ମୋହରା ହୋଇସାରିଛି। ତା' ଆଖିରୁ ଝରୁଥିବା ଲୁହ ଆଶ୍ରମରୁ ବିଦାୟ ଜନିତ ଭାବପ୍ରବଣତା କିମ୍ବା ଶ୍ରମକ୍ଳାନ୍ତ ଜନିତ ଦୁଃଖ ଲାଘବର ଆନନ୍ଦାଶ୍ରୁ ତାହା ବୁଝିବାର ଶକ୍ତି ମଣିଷର ନାହିଁ। ଅର୍ଥ ଓ ପ୍ରତିପତ୍ତି ଆଗରେ ଭାବପ୍ରବଣତା ବିବଶ ହୋଇଛି ନା ଭକ୍ତି, ପରମ୍ପରାର ରୁଢ଼ିବାଦରେ ପଶୁମନର ଭାବ ବୁଝିବାରେ ଅବହେଳା ହୋଇଛି ତା'ର ଉତ୍ତର ଖୋଜି ପାଇବା ଆମ ବ୍ୟବସ୍ଥାରେ ନାହିଁ। ବାସ୍ତବତା ଓ ଛଳନାକୁ ବୁଝିପାରୁଥିବା ମାଧୁରୀ ହିଁ କହିପାରନ୍ତା ତା' କୋହ ଓ ଲୁହ ପଛର କାରଣ ଓ କାହାଣୀ। ●

## 'ଜେନ୍ ଜେଡ୍'ଙ୍କ ଈପ୍‌ସିତ ବିଶ୍ୱ

ଡ. ବିମଳ ଷଡ଼ଙ୍ଗୀ

୨୦୨୫ମସିହା ସେପ୍ଟେମ୍ବର ମାସର ପ୍ରାରମ୍ଭରେ ନେପାଳରେ ଶାସକ ବିରୋଧୀ ହିଂସାତ୍ମକ ଆନ୍ଦୋଳନରେ 'ଜେନ୍ ଜେଡ୍'ଙ୍କ ଭୂମିକା ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଛି। ତେବେ ଏ 'ଜେନ୍ ଜେଡ୍' କିଏ ଓ ସେମାନେ କାହିଁକି ଏପରି ପଦକ୍ଷେପ ନେଲେ ତାହା ଆଲୋଚନାସାପେକ୍ଷ। ବିଶ୍ୱରେ ୧୯୯୭-୨୦୧୨ମସିହା ମଧରେ ଜନ୍ମିତ ଯୁବବର୍ଗଙ୍କୁ 'ଜେନ୍ ଜେଡ୍' ବା 'ଜେଡ୍ ଜେନେରେସନ' କୁହାଯାଉଛି। ସେହି ସମୟରେ ଜନ୍ମିତ ପିଲାମାନେ ବହୁତ ସଂବେଦନଶୀଳ ଓ ଇଣ୍ଟରନେଟ ବ୍ୟବହାରରେ କୁଶଳୀ। ସେମାନେ ଏପରି ଏକଯୁଗରେ ଜନ୍ମିତ, ଯାହା ସେମାନଙ୍କୁ ପ୍ରତିକ୍ଷଣରେ ଇଣ୍ଟରନେଟ, କୃତ୍ରିମ ବୁଦ୍ଧିମତ୍ତା ଆଦି ବିକଶିତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସଶକ୍ତ କରିଥାଏ। ସେମାନେ ମୁଖ୍ୟତଃ ସାମାଜିକ ଗଣମାଧମ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି, ବେକାରୀ, ବେରୋଜଗାରୀ, ସମାଜର ଅସମାନତା ଏବଂ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକୁ ଅତି କମସମୟରେ ଖୁବ ନିକଟରୁ ଅନୁଭବ କରନ୍ତି। ସେଥିପାଇଁ ସେମାନେ ଏକ ସ୍ୱଚ୍ଛ, ନିରପେକ୍ଷ ଓ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ଦୃଢ଼ ଆଶା ରଖିଥିବା ଏକ ପିଢ଼ି ଭାବରେ ପରିଚିତ।

୧୯୯୦ଦଶକ ପୂର୍ବରୁ ଯେତେବେଳେ ସାମାଜିକ ଗଣମାଧମ ବୋଲି କିଛି ନ ଥିଲା, ସେତେବେଳେ କୌଣସି ଘଟଣା ବା ଦୁର୍ଘଟଣାକୁ ଆମେମାନେ ବହୁତ ପରେ ଜାଣିବାକୁ ପାଉଥିଲେ। ମାତ୍ର 'ଜେନ୍ ଜେଡ୍' ବର୍ଗର ପିଲାମାନେ ଖୁବକମ୍ ସମୟ ମଧରେ ସାରା ବିଶ୍ୱ କିପରି ପରିଚାଳିତ ହେଉଛି ତାହା ଜାଣିବାକୁ ସକ୍ଷମ ହେଉଛନ୍ତି। ଯାହାଫଳରେ ଅତିଶୀଘ୍ର ପ୍ରତ୍ୟେକ କାର୍ଯ୍ୟକୁ ତୁଳନା କରିବାକୁ ସେମାନେ ପଛାଉନାହାନ୍ତି। କେଉଁମାନେ ଅନ୍ୟାୟ କରି ଟଙ୍କା ଠୁଳ କରୁଛନ୍ତି, କେଉଁମାନେ ଶିକ୍ଷା ବ୍ୟବସାୟ ନାମରେ ସାରା ଦେଶକୁ ଲୁଟି ଦେଶର ଭବିଷ୍ୟତଙ୍କୁ ବିନା ଶିକ୍ଷାରେ ଖାଲି ସାର୍ଟିଫିକେଟ ବିକୁଛନ୍ତି, କେଉଁମାନେ ସ୍ୱାସ୍ଥ୍ୟ ବ୍ୟବସାୟରେ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରୁଛନ୍ତି, କେଉଁମାନେ ଜାଲିଆତି କରି କିଣା ପିଏଚଡି ଡିଗ୍ରୀ ସହିତ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ହୋଇଛନ୍ତି, ଜାଲ ସାର୍ଟିଫିକେଟ ଧାରଣ କରି ଶିକ୍ଷକତା କରୁଛନ୍ତି, କେଉଁମାନେ ଜନତାଙ୍କ ଟଙ୍କାରେ ବିଦେଶ ବୁଲି, ନିଜ ପିଲାଙ୍କୁ ବିଦେଶରେ ପାଠ ପଢ଼ାଇ ଭଲ ଚାକିରି ହାତେଇବାକୁ ସକ୍ଷମ ହେଉଛନ୍ତି, କେଉଁମାନେ ଭ୍ରଷ୍ଟାଚାର ଲିପ୍ତ ହୋଇ ନିଜ ପରିବାରକୁ ଭଲରେ ରଖୁଛନ୍ତି, ଅଥଚ ସାଧାରଣ ବ୍ୟକ୍ତି ଅନାହାରରେ ମରୁଛନ୍ତି, କେଉଁମାନେ ଦେଶର ଖଣି ଖାଦାନ ଲୁଟ କରୁଛନ୍ତି ଆଦି ସମ୍ବାଦ ତୀବ୍ର ଅସନ୍ତୁଷ୍ଟ ଓ ବିବ୍ରତ କରୁଛି ଏବଂ ବେଳେ ବେଳେ ତାହା ବିସ୍ଫୋରକର ରୂପ ନେଉଛି। ନେପାଳରେ ଏବେ ତାହା ହିଁ ଘଟିଛି।

ପୂର୍ବ ପିଢ଼ି ଅପେକ୍ଷା 'ଜେନ୍ ଜେଡ୍' ଅଧିକ ଶିକ୍ଷିତ ଓ ସଚେତନ। ବିଶ୍ୱ ଜଳବାୟୁ ଆନ୍ଦୋଳନରେ ଗ୍ରେଟା ଥନବର୍ଗଙ୍କ ପରି ଅଭିଯାନ ସେମାନଙ୍କୁ ଏକ ସ୍ୱଚ୍ଛ ବିଶ୍ୱସୃଷ୍ଟି ପାଇଁ ଦୃଢ଼ ଭାବରେ ପ୍ରଭାବିତ କରିଛି। ସେମାନେ କେବଳ ଅଭିଯୋଗ କରନ୍ତି ନାହିଁ ସଚେତନତା ବୃଦ୍ଧି କରିବା, ଅଭିଯାନ ଆୟୋଜନ କରିବା ଏବଂ ପରିବର୍ତ୍ତନ ପାଇଁ ଚାପ ପକାଇବା ପାଇଁ ସାମାଜିକ ଗଣମାଧମ ଓ ନବସୃଜନର ବ୍ୟବହାର କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ପ୍ରଯୁକ୍ତିବିଦ୍ୟା ସହିତ ଏକ ସ୍ୱଚ୍ଛ ଓ ଅଧିକ ନୈତିକ ସମାଜର ଗଠନ ସମ୍ଭବ। ସେଥିପାଇଁ ଯେତେବେଳେ ନେପାଳରେ ସାମାଜିକ ଗଣମାଧମକୁ ବନ୍ଦ କରାଯାଇଥିଲା ସେତେବେଳେ ସେମାନେ ଭାବିଥିଲେ ଯେ ସେମାନଙ୍କ ସ୍ୱରକୁ ଚାପିବାର ଉଦ୍ୟମ ହୋଇଛି।

ଅରପପକ୍ଷରେ ଯେତେବେଳେ ସେମାନେ ଅନୁଭବ କରିବେ ଯେ ଆଜିର ମାତ୍ରାଧିକ ସାମାଜିକ ଗଣମାଧମ ସେମାନଙ୍କ ଜୀବନପ୍ରତି ବିପଦ, ସେତେବେଳେ ନୂଆ ରୂପରେ ବିଦ୍ରୋହ ଆସିପାରେ। ଯେପରି ନେପାଳ ସରକାର ଗୋଟିଏ କିମ୍ବା ଦୁଇ ଦିନ ମଧରେ ସାମାଜିକ ଗଣମାଧମ ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ ଏବଂ ଭାବିଥିଲେ 'ଜେନ୍ ଜେଡ୍' ଗୋଷ୍ଠୀ ଶାନ୍ତ ହୋଇଯିବେ। ମାତ୍ର ତାହା ହୋଇନଥିଲା। କାରଣ ଅଧିକାଂଶ ନେପାଳୀ ଯୁବକ ଓ ଯୁବତୀ ଯେତେବେଳେ କୌଣସି ରୋଜଗାର ମାଧମ ପାଇବାକୁ ଏବଂ ବଞ୍ଚିବାକୁ ସଂଘର୍ଷ କରିବା ସହିତ ଘୋର ଆର୍ଥିକ ସଙ୍କଟରେ କାଳାତିପାତ କରୁଥିଲେ, ସେତେବେଳେ ଧନୀ ଓ ଆର୍ଥିକ ସମ୍ବଳ ଥିବା ପିତାମାତାଙ୍କ, ବିଶେଷକରି ଚଳଚ୍ଚିତ୍ର, ସଙ୍ଗୀତ, ରାଜନୀତି କିମ୍ବା ବ୍ୟବସାୟ ଭଳି ଶିଳ୍ପର ମାଲିକମାନଙ୍କ ସନ୍ତାନସନ୍ତତିମାନେ ଖୁବ ଅୟସରେ ଜୀବନ ବିତାଉଥିଲେ। ଏ ସବୁ ମଧ 'ଜେନ୍ ଜେଡ୍' ବର୍ଗ ସାମାଜିକ ଗଣମାଧମ ଜରିଆରେ ଜାଣିପାରୁଥିଲେ। ତେଣୁ ସାମାଜିକ ଗଣମାଧମ ନିଷେଧକୁ 'ଜେନ୍ ଜେଡ୍' ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଦୁର୍ନୀତି ଓ ଅସମାନତାକୁ ପ୍ରକାଶ କରିବାର କ୍ଷମତା ଉପରେ ଆକ୍ରମଣ ଭାବରେ ଦେଖିଥିଲେ। ଯାହାଫଳରେ ସେମାନଙ୍କ ମନରେ କ୍ରୋଧ ଜାତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ତାହା ଗଣଆନ୍ଦୋଳନରେ ପରିଣତ ହୋଇଥିଲା।

ବାଂଲାଦେଶ, ଶ୍ରୀଲଙ୍କା ପରେ ନେପାଳର ଘଟଣା ବର୍ତ୍ତମାନ ସମୟର ଭ୍ରଷ୍ଟାଚାର, ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ପରିବେଶ ସମସ୍ୟା, ବେରୋଜଗାରୀ, ବେକାରୀ, ପୋଷଣ ବିହୀନ ଖାଦ୍ୟର ଅଭାବ ଆଦି ସାମାଜିକ ବ୍ୟବାସ୍ଥା ବିରୁଦ୍ଧରେ 'ଜେନ୍ ଜେଡ୍' ଯୁବପିଢ଼ିଙ୍କ ଏକ ଯୁଦ୍ଧ କହିଲେ ଭୁଲ ହେବନାହିଁ। ଯଦି କେହି ଦୁର୍ନୀତିକୁ ସମାଧାନ କରିବା ପରିବର୍ତ୍ତେ କ୍ରୋଧକୁ ଚୁପ୍ କରିବାକୁ ଚେଷ୍ଟା କରନ୍ତି ତା'ହେଲେ ନେପାଳ ଅବସ୍ଥା ଅନ୍ୟରାଷ୍ଟ୍ରରେ ହୋଇପାରେ ବୋଲି ସେମାନେ ସାରା ବିଶ୍ୱକୁ ଏକ ବାର୍ତ୍ତା ମାଧମରେ ଚେତାଇ ଦେଇଛନ୍ତି। ବୃଦ୍ଧି ପାଉଥିବା ପ୍ରଦୂଷଣ ସ୍ତର, ପ୍ଲାଷ୍ଟିକର ଅଧିକ ବ୍ୟବହାର, ବେକାରୀ, ପୋଷଣଯୁକ୍ତ ଖାଦ୍ୟର ଅଭାବ, ଦରଦାମ ବୃଦ୍ଧି, ଶିକ୍ଷାର ଘରୋଇକରଣ, ବ୍ୟୟବହୁଳ ସ୍ୱାସ୍ଥ୍ୟସେବା, ଦୁର୍ନୀତି, ଖଣି ଖଦାନ ମାଧମରେ ଦେଶର ଅର୍ଥ ଲୁଟ ଏବଂ ପରିବେଶଗତ ସମସ୍ୟା ସହିତ ଅଳ୍ପସଂଖ୍ୟକ ଖଳବ୍ୟକ୍ତିଙ୍କର ପରିବାର ରାଜକୋଷ ଲୁଟ୍ କରି ଅୟସରେ ଜୀବନଯାପନ ସେମାନଙ୍କ ଭବିଷ୍ୟତକୁ ସିଧାସଳଖ ପ୍ରଭାବିତ କରିଥିଲା। ସେମାନେ କେବଳ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ମଧ ଏକ ସ୍ୱଚ୍ଛ ପରିବେଶ ଓ ସମାଜ ଚାହିଁଥିଲେ।

'ଜେନ୍ ଜେଡ୍' ସାମାଜିକ ବ୍ୟବସ୍ଥା ଏବଂ ସ୍ୱଚ୍ଛତାର ଅଭାବ ଥିବା ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ ବ୍ୟଗ୍ର ରହିଥା'ନ୍ତି। ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ସମାଜର ଅର୍ଥ ହେଉଛି ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ପ୍ରତିଷ୍ଠାନରେ ନିରପେକ୍ଷତା। ଏହି କାରଣରୁ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନ ଏବଂ ଦାୟିତ୍ୱ ପାଇଁ ଦାବି ନେପାଳରେ ଛାତ୍ରଛାତ୍ରୀ, ଯୁବକମାନେ ବୟସ୍କଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ଜେନ୍ ଜେଡ୍' ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ସମାଧାନ-ମୁଖୀ। ଯେଉଁ ବ୍ୟକ୍ତି ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ ଉପକରଣ ବାବଦରେ ଜ୍ଞାନୀ ଏବଂ ସେଗୁଡ଼ିକୁ ସହଜରେ ବ୍ୟବହାର କରିପାରେ, ନୂଆ-ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିପାରେ ଏବଂ ଯେଉଁ ବ୍ୟକ୍ତି ସମସ୍ୟାରେ ବୁଡ଼ିରହିବା ଅପେକ୍ଷା ସମାଧାନ ଖୋଜିବାକୁ ଧ୍ୟାନ ଦେଇଥାଏ ସେମାନେ ହିଁ ପରିବର୍ତ୍ତନ ଆଣିପାରିବେ।

'ଜେନ୍ ଜେଡ୍' କେବଳ ଅଭିଯୋଗ କରନ୍ତି ନାହିଁ ଉପାୟ ମଧ ଦେଇଥା'ନ୍ତି। ଆବର୍ଜନାର ପୃଥକୀକରଣ ଅଭିଯାନ ହେଉ, ସମାଜ ସଚେତନତା କାର୍ଯ୍ୟକ୍ରମ ହେଉ କିମ୍ବା ଅନଲାଇନର ବ୍ୟବହାର ହେଉ, ସବୁକ୍ଷେତ୍ରରେ ସମସ୍ୟା ସମାଧାନରେ ସେମାନେ ପାରଙ୍ଗମ। ସେମାନେ ବିଶ୍ୱାସ କରିଥିଲେ ଯେ ପ୍ରଯୁକ୍ତିବିଦ୍ୟା ପ୍ରକୃତ ପରିବର୍ତ୍ତନ ଆଣିପାରେ, ଏକ ସୁସ୍ଥ ସମାଜ ଗଢ଼ିବାରେ ସହାୟକ ହୋଇପାରେ। କିନ୍ତୁ ବର୍ତ୍ତମାନର ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟିକ, ରାଜନୈତିକ, ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ଯେପରି ଭାବରେ ଦ୍ରୁତ ଅବକ୍ଷୟ ଘଟିଚାଲିଛି, ତାହାକୁ ସେମାନେ ଖୁବ ସମ୍ବେଦନଶୀଳ ଭାବରେ ପର୍ଯ୍ୟବେକ୍ଷଣ କରୁଛନ୍ତି। ସମୟ ପୂର୍ବରୁ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଉତ୍ତମ ଶିକ୍ଷାବ୍ୟବସ୍ଥା, ସୁଲଭ ସ୍ୱାସ୍ଥ୍ୟ ସେବା, ପ୍ରଦୂଷଣ ମୁକ୍ତ ପରିବେଶ, ରୋଜଗାର ମାଧମ, ସମାଜବାଦୀ କାର୍ଯ୍ୟକ୍ରମ, ପୋଷଣ ଯୁକ୍ତ ଖାଦ୍ୟବ୍ୟବସ୍ଥା, ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଆଦି ପ୍ରଚଳିତ ନହେଲେ ଖୁବ ଶୀଘ୍ର ସାରା ବିଶ୍ୱରେ ଏକ ନୂତନ ସମୀକରଣ ସୃଷ୍ଟି ହେବ, ଯାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। କାରଣ ବିଶ୍ୱର ଭବିଷ୍ୟତର ମାଲିକ 'ଜେନ୍ ଜେଡ୍' ପିଢ଼ି। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ଡିଜିଟାଲ୍ ସହାନୁଭୂତି

ଡ. ସନ୍ତୋଷ କୁମାର ବିଶ୍ୱାଳ

ଏହା କହିବା ପାଇଁ ପର୍ଯ୍ୟାପ୍ତ ଯେ ସାରାବିଶ୍ୱକୁ ଏବେ ସହାନୁଭୂତି ଓ ଆରୋଗ୍ୟର ଆବଶ୍ୟକତା ଅଛି। ବିଶ୍ୱ ଏବେ ବିଭାଜନ, ଦ୍ୱନ୍ଦ୍ୱ ଓ ସଂଘର୍ଷ ଦେଇ ଗତି କରୁଛି, ଯାହା ବୁଝାମଣା ଓ କରୁଣାର ଅଭାବରୁ ସୃଷ୍ଟି ହୋଇଛି। ୟୁକ୍ରେନରେ ରୁଷିଆ ଆକ୍ରମଣ ହେଉ କିମ୍ବା ନୂଆଦିଲ୍ଲୀର ଅନେକ ସ୍କୁଲକୁ ସମ୍ପ୍ରତି ବୋମା ଧମକ କିମ୍ବା ଦିଲ୍ଲୀରେ ବୁଲା କୁକୁରଙ୍କ ଉପରେ ଭାରତର ସୁପ୍ରିମକୋର୍ଟଙ୍କ ରାୟ। ଏସବୁ ଘଟଣା ଏହି ବର୍ଷରେ ଘଟିଛି।

ନୂଆଦିଲ୍ଲୀରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧରେ ଚତୁର୍ଥ ଥର ପାଇଁ ଅନେକ ସ୍କୁଲକୁ ବୋମା ଧମକ ଦିଆଯାଇଥିଲା, ଯାହା ଫଳରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସତର୍କତା ଏବଂ ସୁରକ୍ଷା ବୃଦ୍ଧି କରାଯାଇଥିଲା। ଯଦିଓ ବୋମା ଧମକ ଏକ ମିଥ୍ୟା ସତର୍କତା ବୋଲି ଜଣାପଡ଼ିଥିଲା, ଆଇନ ପ୍ରବର୍ତ୍ତନ ଏବଂ ଜନ ସୁରକ୍ଷା ଅଧିକାରୀମାନେ ପ୍ରତ୍ୟେକ ବୋମା ଧମକ ଉପରେ ତତ୍ପରତାର ସହିତ କାର୍ଯ୍ୟ କରିଥିଲେ। ଏହି ଧମକଗୁଡ଼ିକୁ ନେଇ ସର୍ବସ୍ତରୀୟ ନିନ୍ଦା ପ୍ରକାଶ ହୋଇଛି ଏବଂ ଏହା ଜାତୀୟ ମନୋବିକାଶର ଆକାର ନେଇ ସୋସିଆଲ ମିଡିଆରେ ସହାନୁଭୂତି ପ୍ରକାଶ କରୁଥିବା ପୋଷ୍ଟରେ ଭରି ରହିଛି।

ନେଟିଜେନ୍‌ମାନେ ସୋସିଆଲ ମିଡିଆ ମାଧମରେ ସେମାନଙ୍କର ଭାବନା ପ୍ରକାଶ କରୁଛନ୍ତି। ଅଧିକାଂଶ କ୍ରୋଧ ଓ ସହାନୁଭୂତି ପ୍ରକାଶ କରୁଛି, ଯାହା ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସାମୂହିକ ପ୍ରତିକ୍ରିୟାକୁ ଆକାର ଦେଇଛି। ସଂଘର୍ଷକୁ ସାବଧାନତାର ସହିତ ପରିଚାଳନା କରିବାର ଅଭ୍ୟାସ, ଡିଜିଟାଲ୍ କ୍ଳାନ୍ତି ବିଷୟରେ ସଚେତନତା ଏବଂ ଡିଜିଟାଲ୍ ସମ୍ପ୍ରେଷଣରେ ନିଜ ପ୍ରତି ସହାନୁଭୂତି ଏହି ସବୁକିଛି ଡିଜିଟାଲ୍ ସହାନୁଭୂତିକୁ ସମର୍ଥନ କରିବାର ସର୍ବୋତ୍ତମ ମାନକ ବୋଲି ଗ୍ରହଣ କରାଯାଇଛି। ଏହା ଡିଜିଟାଲ୍ ମିଡିଆ ସାକ୍ଷରତାର ଆବଶ୍ୟକତାକୁ ସ୍ପଷ୍ଟ କରେ। ଡିଜିଟାଲ୍ ସହାନୁଭୂତି ଓ ସମ୍ମିଶ୍ରଣ ସଂସ୍କୃତି ସହିତ ଜଡ଼ିତ, ଯାହା ଲୋକମାନଙ୍କର ମାଧମ ସହିତ ସମ୍ପର୍କରେ ଏକ ପରିବର୍ତ୍ତନକୁ ପ୍ରକାଶ କରେ। ସମବେଦନା ଖୋଜିବା ପାଇଁ ସୋସିଆଲ ମିଡିଆର ବୃଦ୍ଧି ମଧରେ ଆଧୁନିକ ଜୀବନଶୈଳୀ ଆମକୁ ଆମ ଡିଜିଟାଲ ଜୀବନରେ ଡିଜିଟାଲ ସହାନୁଭୂତି ଖୋଜିବାକୁ ବାଧ୍ୟ କରିଛି। ଦିଲ୍ଲୀର ବୁଲା କୁକୁର ନୀତି ପରିବର୍ତ୍ତନ ପରେ, ଡିଜିଟାଲ୍ ସହାନୁଭୂତି ନୂଆ ଦୃଷ୍ଟିକୋଣ ସହିତ ପ୍ରମୁଖ ହୋଇଥିଲା। ଡିଜିଟାଲ ଦୃଶ୍ୟରେ କିଛି ରାଜନେତାଙ୍କ ମତ ବିଭାଜିତ ହୋଇଥିଲା। ନେଟିଜେନମାନେ ସାର୍ବଜନୀନ ସୁରକ୍ଷା ଏବଂ ପଶୁକଲ୍ୟାଣର ଆଲୋଚନାରେ ନିୟୋଜିତ ଥିଲେ।

ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ସମାନ ପ୍ରକାରର ସମବେଦନା ଦେଖାଯାଇଛି। ଏହି ବର୍ଷ ଆରମ୍ଭରେ ବେଙ୍ଗାଲୁରୁର ଜଣେ ପିତା ଏବଂ ୟୁଆଣ୍ଡଆଇର ସହପ୍ରତିଷ୍ଠାତା ଅଜିତ ଶିବରାମ, ଯିଏ ଶିକ୍ଷା ଓ ଅବହେଳିତ ପିଲାମାନଙ୍କ ପ୍ରତି ତାଙ୍କର ସମର୍ପଣ ପାଇଁ ଜଣାଶୁଣା, ଲିଙ୍କଡିନ୍‌ରେ ଏକ ପୋଷ୍ଟ ଲେଖିଥିଲେ ଯେ ଭାରତରେ ଝିଅମାନଙ୍କୁ ପାଳନ ପୋଷଣ କରିବା ଏକ କ୍ରାନ୍ତିକାରୀ କାର୍ଯ୍ୟ। ଯେତେବେଳେ ମହାକୁମ୍ଭ ସାରା ବିଶ୍ୱରେ ଭକ୍ତ, ଦାର୍ଶନିକ ଓ ଗବେଷକଙ୍କ ଭିଡ଼ ଜମିଥିଲା, ସେତେବେଳେ ଆଇଆଇଟି ବମ୍ବେର ପୂର୍ବତନ ଛାତ୍ର ଅଭୟ ସିଂହ, ଯିଏ ବାୟୁମଣ୍ଡଳ ଇଞ୍ଜିନିୟରିଂରେ ନିଜ କ୍ୟାରିଅରକୁ ଛାଡ଼ି ଆଧ୍ୟାତ୍ମିକତାକୁ ଅନୁସରଣ କରିଛନ୍ତି, ତାଙ୍କର ବ୍ୟକ୍ତିଗତ ସଂଘର୍ଷ ଓ ସାଧନା ପଥଗୁଡ଼ିକୁ ସେୟାର କରିଥିଲେ, ଯାହା ସୋସିଆଲ ମିଡିଆ ଉପଭୋକ୍ତାମାନଙ୍କ ମଧରେ ସହାନୁଭୂତିପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଥିଲା।

ଯେତେବେଳେ ଆମର କାର୍ଯ୍ୟ ସମ୍ପର୍କ ସ୍କ୍ରିନ୍ ଦ୍ୱାରା ମଧ୍ୟସ୍ଥତାରେ ପରିଣତ ହୁଏ, ବ୍ୟକ୍ତିବିଶେଷମାନେ ସଚେତନ ଭାବରେ ନିଜର କାର୍ଯ୍ୟସ୍ଥଳରେ ସହକର୍ମୀମାନଙ୍କ ପାଇଁ ସହାନୁଭୂତି ପ୍ରକାଶ କରିବା ଦରକାର। ଆମେ ଏପରି ଏକ ଯୁଗରେ ଅଛୁ, ଯେଉଁଠାରେ ବୈଷୟିକ ଦକ୍ଷତା ଆବଶ୍ୟକ। କିନ୍ତୁ ସେମାନେ ନିଜେ ପର୍ଯ୍ୟାପ୍ତ ନୁହେଁ। ଭାବପ୍ରବଣ ବୁଦ୍ଧିମତ୍ତା, ବିଶେଷକରି ଡିଜିଟାଲ୍ ସହାନୁଭୂତି ପ୍ରଭାବଶାଳୀ ନେତୃତ୍ୱ ପାଇଁ ଏକ ମୁଖ୍ୟ କୌଶଳ ହୋଇଛି। କୋଭିଡ୍ ସମୟରେ ଏହିପ୍ରକାରର ସହାନୁଭୂତି ଖୁବ୍ ପ୍ରକାଶ ପାଇଥିଲା, ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଭାବପ୍ରବଣ ସଂଯୋଗ, ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ ଏକ ମଧ୍ୟସ୍ଥତା ସ୍ଥାନରେ ପରିଣତ ହୋଇଥିଲା।

ଭୌଗୋଳିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କାରଣଗୁଡ଼ିକୁ ବିଚାର କରି ଡିଜିଟାଲ୍ ସହାନୁଭୂତିର ଅନ୍ତର୍ଦୃଷ୍ଟି, ପ୍ରକାଶନ ଓ ଅଭ୍ୟାସ ଭିନ୍ନ ହୁଏ। ଏହା ସ୍ପଷ୍ଟ ଭାବରେ ଗ୍ଲୋବାଲ୍ ଉତ୍ତର ଓ ଗ୍ଲୋବାଲ୍ ଦକ୍ଷିଣ ମଧରେ ଏକ ଦ୍ୱିଭାଜନ ସୃଷ୍ଟି କରେ। ଗ୍ଲୋବାଲ୍ ଉତ୍ତରରେ, ଡିଜିଟାଲ୍ ସହାନୁଭୂତି ଏକ ବ୍ୟକ୍ତିଗତ ପ୍ରକୃତିର ଥାଏ, ଯାହାର ବୃହତ ସାମାଜିକ ପ୍ରଭାବ ଥାଏ। ପ୍ରତିପକ୍ଷରେ, ଗ୍ଲୋବାଲ୍ ଦକ୍ଷିଣରେ ଏପରି ସହାନୁଭୂତି ସାଧାରଣତଃ ସମୁଦାୟକେନ୍ଦ୍ରିତ ଥାଏ, ଯାହା ପ୍ରଧାନତଃ ତତ୍କାଳିକ ଆବଶ୍ୟକତା ପୂରଣ ପାଇଁ ଏବଂ ପ୍ରାୟତଃ ଭିତ୍ତିଭୂମି ଚ୍ୟାଲେଞ୍ଜ ଏବଂ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ସୃଷ୍ଟି ହୋଇଥିବା ବାଧା ହୁଏ।

ଭାରତରେ ଡିଜିଟାଲ୍ ସହାନୁଭୂତି ଏବେ ବି ପ୍ରାରମ୍ଭିକ ଅବସ୍ଥାରେ ଅଛି। ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ମାନବୀୟ ସମ୍ପର୍କ ଓ ସମ୍ବେଦନଶୀଳତାକୁ ରକ୍ଷା କରିବା ପ୍ରାଥମିକତା ପାଇବା ଆବଶ୍ୟକ। ସେହି ସମୟରେ ଡିଜିଟାଲ୍ ବିଭାଜନକୁ ସମାଧାନ କରିବା, ସମାବେଶୀ ଓ ସୁରକ୍ଷିତ ସ୍ଥଳକୁ ପୁନଃକଳ୍ପନା କରିବା, ସାମାଜିକ ଉପକାର ପାଇଁ ଡିଜିଟାଲ୍ ସହାନୁଭୂତିକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତଃସଂସ୍କୃତି ସହାନୁଭୂତିକୁ ବୃଦ୍ଧି କରିବା ଆବଶ୍ୟକ ହୋଇଛି। ●

(ସହଯୋଗୀ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ)

ଭୁବନେଶ୍ୱର, ମୋ: ୮୩୩୧୮୧୪୫୮୨

## ବିଦୁର ଛତା-ମୂଳକ ଚୌରା ମଠ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମହାଭାରତ ଯୁଦ୍ଧ ପୂର୍ବରୁ ଶେଷପ୍ରୟାସ ସ୍ୱରୂପ ଶ୍ରୀକୃଷ୍ଣ ଶାନ୍ତିଦୂତ ଭାବେ ହସ୍ତିନା ଦରବାରକୁ ଯାଇଥିବା ବେଳେ ମହାତ୍ମା ବିଦୁରଙ୍କ ଘରେ ବିନା ଡାକରାରେ ଅତିଥି ହୋଇ ଖାଇବାକୁ ପହଞ୍ଚି ଗଲେ। ବିଦୁର ଥିଲେ ସମ୍ପର୍କରେ ରାଜା ଧୃତରାଷ୍ଟ୍ରଙ୍କ ଭାଇ ଓ ହସ୍ତିନା ଦରବାରର ମହାମନ୍ତ୍ରୀ। ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରୁଥିଲେ ମଧ ସେ ରାଜକୋଷରୁ ପାରିଶ୍ରମିକ ବାବଦରେ କଡ଼ାଏ କଉଡ଼ି ଗ୍ରହଣ କରୁ ନ ଥିଲେ। ତେଣୁ ଅଭାବ ଅନଟନ ଭିତରେ ତାଙ୍କର ଜୀବନ ବିତୁଥିଲା। ଦ୍ୱାରକାଧୀଶଙ୍କ ପରି ଜଣେ ରାଜକୀୟ ଅତିଥିଙ୍କ ସତ୍କାରରେ ବିଦୁର ପତିପତ୍ନୀ ଅତ୍ୟନ୍ତ ଭକ୍ତି ସହକାରେ ତିନୋଟି ଖୁଦପିଠା ପରଶି ଦେଲେ। ଖୁଦପିଠା ଖାଇ ଶ୍ରୀକୃଷ୍ଣ ପରମ ତୃପ୍ତିଲାଭ କଲେ। ସେ ପିଠାର ସ୍ୱାଦରେ ମୁଗ୍ଧ ହୋଇ ବାରମ୍ବାର ଖାଇବା ପାଇଁ ତାଙ୍କ ମନରେ ଅଭିଳାଷ ସୃଷ୍ଟି ହେଲା। ଭକ୍ତ ବିଦୁର ମଧ ଶ୍ରୀକୃଷ୍ଣଙ୍କ ସନ୍ତୋଷ ଭାବ ଦେଖି ବାରମ୍ବାର ସେ ପିଠା ଖୁଆଇବା ପାଇଁ ଅଭିଳାଷ ପୋଷଣ କଲେ।

ଦ୍ୱାପର ଯୁଗର ଅବସାନ ପରେ ଶ୍ରୀକୃଷ୍ଣ କଳି ଯୁଗରେ ଜଗନ୍ନାଥ ରୂପେ ନୀଳାଚଳରେ ଆବିର୍ଭୂତ ହେଲେ। ମହାତ୍ମା ବିଦୁର ତାଙ୍କର ପୂର୍ବଇଚ୍ଛା ଚରିତାର୍ଥ କରିବା ପାଇଁ ପୁଣି ଥରେ ନର ଦେହ ଧରି ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହେଲେ। ସେ ସ୍ୱର୍ଗଦ୍ୱାର ନିକଟରେ ଏକ ଚଉରା ପାଖରେ ଗୋଟିଏ ଛତା ତଳେ ବାସ କଲେ ଏବଂ ତିନୋଟି ଖୁଦପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କଲେ। ମହାପ୍ରଭୁ ଏ ପ୍ରକାର ମଉକାକୁ ଅପେକ୍ଷା କରିଥିଲେ। ତେଣୁ ସେ ବିଦୁରଙ୍କ ପାଖକୁ ଯାଇ ଖୁଦ ପିଠା ଭୋଜନ କରିବାକୁ ଲାଗିଲେ। ଏ ପଟେ ମହାପ୍ରଭୁଙ୍କ ମଣୋହି ପାଇଁ ସେବକମାନେ ଛପନଭୋଗ ବାଢ଼ିଲେ। କିନ୍ତୁ ସେତେବେଳେ ପ୍ରଭୁ ଶ୍ରୀମନ୍ଦିରରେ ଅନୁପସ୍ଥିତ ଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ। କୌଣସି କାରଣରୁ ପ୍ରସାଦ ଅଶୁଦ୍ଧ ହୋଇଛି ବୋଲି ବିଚାର କରି ସେବକମାନେ ସେ ପ୍ରସାଦକୁ ପୋତି ଦେଇ ପୁଣି ନିଷ୍ଠାର ସହ ପ୍ରସାଦ ପ୍ରସ୍ତୁତ କଲେ। ପୁଣି ଥରେ ଧୂପ ବସିଲେ ମଧ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ନାହିଁ। କଥାଟା ରାଜାଙ୍କ କାନକୁ ଗଲା। ପଣ୍ଡିତମାନଙ୍କ ସହ ବିଚାରବିମର୍ଶ ପରେ ମଧ ସେମାନେ କୌଣସି ନିର୍ଣ୍ଣୟରେ ପହଞ୍ଚି ପାରିଲେ ନାହିଁ।

ଶ୍ରୀକ୍ଷେତ୍ରରେ ମୁଳକ ଦାସ ନାମରେ ଜଣେ ପରମ ଭକ୍ତ ସନ୍ନ୍ୟାସୀ ବାସ କରୁଥିଲେ। ମହାପ୍ରସାଦ ବିନା ସେ ଅନ୍ୟ କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲେ। ଠାକୁର ଚଳୁରେ ଦର୍ଶନ ଦେଉ ନ ଥିବାରୁ ଖାଇବା ପାଇଁ ତାଙ୍କୁ ମହାପ୍ରସାଦ ମିଳିଲା ନାହିଁ। ଉପବାସ ରହି ସେ ଶଯ୍ୟାଶାୟୀ ହୋଇଗଲେ। ଦିନେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ। ମୁଳକ ସ୍ୱପ୍ନରେ ଦେଖିଲେ ଯେ ସମୁଦ୍ର କୂଳରେ ଏକ ଛତା ତଳେ ବିଦୁରଙ୍କ ଦ୍ୱାରା ପ୍ରସ୍ତୁତ ତିନୋଟି ଖୁଦ ମହାପ୍ରଭୁ ପରମ ସନ୍ତୋଷରେ ଭୋଜନ କରୁଥିଲେ। ତେଣୁ ସେ ଚଳୁରେ ଦର୍ଶନ ଦେଉ ନ ଥିଲେ। ତା'ପର ଦିନ ମୁଳକ ଦାସ ମନ୍ଦିର ଯାଇ ସେବକମାନଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ବଡ଼ପଣ୍ଡାଙ୍କ ନେତୃତ୍ୱରେ କିଛି ସେବକ ସମୁଦ୍ର କୂଳକୁ ଯାଇ ଚଉରା ଆଡୁଆଳରେ ରହି ସମସ୍ତ କଥା ନିଜ ଆଖିରେ ଦେଖିଲେ ଏବଂ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭ କରି କୃତ୍ୟକୃତ୍ୟ ହେଲେ।

ତା' ପରଦିନ ବଡ଼ପଣ୍ଡା ଓ ପରିଚ୍ଛାମାନଙ୍କ ନିର୍ଦ୍ଦେଶରେ ସୁଆରମାନେ ବିଦୁରଙ୍କ ଖୁଦପିଠା ଅନୁରୂପ ତିନୋଟି ଖୁଦପିଠା ପ୍ରସ୍ତୁତ କରି ଧୂପରେ ସମର୍ପଣ କଲେ। ଆଶ୍ଚର୍ଯ୍ୟର ବିଷୟ ଯେ ଖୁଦ ପିଠା ପାଇଲା ପରେ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ଏବଂ ମନ୍ଦିରର ନୀତିକାନ୍ତି ପୂର୍ବପରି ଚାଲିଲା। ରାଜା ଏ ଖବର ପାଇ ମହାତ୍ମା ବିଦୁରଙ୍କୁ ଦର୍ଶନ କରିବା ପାଇଁ ସମୁଦ୍ର କୂଳରେ ପହଞ୍ଚିଲେ। କିନ୍ତୁ ସେତେବେଳକୁ ଭକ୍ତ ବିଦୁର ଅନ୍ତର୍ହିତ ହୋଇ ଯାଇଥିଲେ। ସନ୍ନ୍ୟାସୀ ମୁଳକ ଦାସ ଏହି ସତ୍ୟ ଉଦ୍‌ଘାଟନ କରି ଥିବାରୁ ରାଜା ତାଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ସେ ଯାଗାକୁ ତାଙ୍କୁ ଆଶ୍ରମ କରିବା ପାଇଁ ଦାନ କରିଦେଲେ।

ମୁଳକ ଦାସ ଜଣେ ସିଦ୍ଧ ସାଧକ ଥିଲେ। ସେ ମହାତ୍ମା ବିଦୁରଙ୍କ ଭକ୍ତିର ପରାକାଷ୍ଠା ଜାଣିଥିଲେ। ତେଣୁ ସେ ରାଜା ପ୍ରଦତ୍ତ ଜମିରେ ଏକ ମଠ ନିର୍ମାଣ କରି ତା'ର ନାମ 'ବିଦୁର ଛତା ମଠ' ରଖିଲେ। ସେ ମଧ ବିଦୁରଙ୍କ ସ୍ମୃତିରକ୍ଷା କରି ଦୈନିକ ତିନୋଟି ଖୁଦ ପିଠା ତିଆରି କରି ମହାପ୍ରଭୁଙ୍କ ସମର୍ପଣ କରିବାକୁ ଲାଗିଲେ। ମଠଟି ସନ୍ଥ ମୁଳକ ଦାସ ନିର୍ମାଣ କରିଥିବାରୁ କ୍ଷେତ୍ରବାସୀମାନେ ସେ ମଠକୁ 'ମୁଳକ ଚୌରା ମଠ' ବୋଲି କହିବାକୁ ଲାଗିଲେ। ସେହିଦିନଠାରୁ ମଠଟି ଦୁଇଟି ନାମରେ ପରିଚିତ ହେଲା - ବିଦୁର ଛତା ମଠ ଓ ମୁଳକ ଚୌରା ମଠ। ଆଜି ମଧ ମଠରେ ପ୍ରସ୍ତୁତ ଏବଂ ମହାପ୍ରଭୁଙ୍କୁ ସମର୍ପିତ ଖୁଦ ରୋଟିର ପ୍ରସାଦ ପାଇ ଭକ୍ତମାନେ ତୃପ୍ତ ହେଉଛନ୍ତି। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପରାଧ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀଙ୍କ ଖଣି ପ୍ରତିନିଧି ନିଯୁକ୍ତ

- ନିଯୁକ୍ତିର ବୈଧତା ଓ ଔଚିତ୍ୟକୁ ନେଇ ଉଠିଲା ପ୍ରଶ୍ନ
- ଦଳରେ ବଢୁଛି ଅସନ୍ତୋଷ; ଖଣି ଶ୍ରମିକଙ୍କ ରୋଷ
- ବାଧାପ୍ରାପ୍ତ ହୋଇପାରେ ଖଣିଜ ସାମଗ୍ରୀ ପରିବହନ

ଭୁବନେଶ୍ୱର୧୬/୯ (ସମିସ): ସାଧାରଣତଃ ବିଧାୟକ, ସାଂସଦମାନେ ସେମାନଙ୍କ ନିର୍ବାଚନ କ୍ଷେତ୍ର ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା, ଅନୁଧ୍ୟାନ ଆଦି ନିମନ୍ତେ ପ୍ରତିନିଧି ନିଯୁକ୍ତି ଦେଇଥାଆନ୍ତି । ବ୍ଲକ, ପୌର ପରିଷଦ ଓ ଜିଲ୍ଲା ପରିଷଦ ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ଏହି ପ୍ରତିନିଧିମାନେ ସମ୍ପୃକ୍ତ ସାଂସଦ ବା ବିଧାୟକଙ୍କ ପ୍ରତିନିଧିତ୍ୱ କରିଥାଆନ୍ତି। ମାତ୍ର ସୁନ୍ଦରଗଡ଼ ଜିଲ୍ଲାରେ ଏବେ ଦେଖିବାକୁ ମିଳିଛି ଏକ ଭିନ୍ନ ଘଟଣା । ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଖଣ୍ଡାଧାର କୁର୍ମିତରା ଖଣି ନିମନ୍ତେ ବରସୁଆଁର ବାଗୁନ ଗାଗରାଇ ନାମକ ଜଣେ ବ୍ୟକ୍ତିଙ୍କୁ ନିଜ ପ୍ରତିନିଧି ଭାବରେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଖଣି ନିଗମ ରିଜିଓନାଲ ମ୍ୟାନେଜର ପି.କେ.ନାୟକଙ୍କୁ ଶ୍ରୀ ଓରାମଙ୍କ ସ୍ୱାକ୍ଷର ଥିବା ଏହି ଚିଠିଟି ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। କୌତୂହଳର କଥା ହେଉଛି ଏପରି ପ୍ରତିନିଧି ନିଯୁକ୍ତିର ଯୌକ୍ତିକତା ଓ ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ସରକାରଙ୍କ କୌଣସି ଖଣିରେ କୌଣସି ସାଂସଦ ବା ବିଧାୟକଙ୍କ ପ୍ରତିନିଧି ନିଯୁକ୍ତି ସମ୍ଭବତଃ ଏହା ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି।

ସାଂସଦ ଓ ବିଧାୟକମାନେ ସ୍ଥାନୀୟ ପ୍ରତିନିଧି ନିଯୁକ୍ତି ସଂକ୍ରାନ୍ତ ନିୟମକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥାଏ । ଏହା ସତ୍ତ୍ୱେ ଏହା ଏକ ପ୍ରଚଳିତ ବ୍ୟବସ୍ଥାରେ ପରିଣତ ହୋଇଛି ଏବଂ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଂସଦ ବା ବିଧାୟକଙ୍କ ନିକଟରେ ସୂଚନା ପହଞ୍ଚାଇବା ଏପରି ପ୍ରତିନିଧି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଏ । ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଖଣିରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ପ୍ରତିନିଧି ନିଯୁକ୍ତିର ଆଧାରର ଔଚିତ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି । ଚିଠିରେ କୁହାଯାଇଛି ଯେ ତାଙ୍କ ପ୍ରତିନିଧି ବାଗୁନ୍ ଗଗ୍ରାଇ ସାଂସଦଙ୍କ ପକ୍ଷରୁ ଖଣିର ବିଭିନ୍ନ କଥା ବୁଝାବୁଝି କରିବେ, ଅଫିସରମାନଙ୍କ ସହ କଥା ହେବେ । ଖଣି ପରିଚାଳନା ବୈଠକରେ ସଂସଦଙ୍କ ପକ୍ଷରୁ ଯୋଗ ଦେଇ ନିଜ ପରାମର୍ଶ ଦେବେ। ଅନ୍ୟପକ୍ଷରେ ଖଣ୍ଡାଧାର କୁର୍ମିତରା ଖଣିରେ ପ୍ରତିନିଧି ରୂପେ ବାଗୁନ୍ ଗଗ୍ରାଇଙ୍କୁ କେନ୍ଦ୍ରମନ୍ତ୍ରୀ ବାଛିବା ଓ ନିଜ ସରକାରୀ ଲେଟରପ୍ୟାଡ୍‌ରେ ଓମ୍‌ସି ରିଜିଓନାଲ ମ୍ୟାନେଜରଙ୍କୁ ଚିଠି ଲେଖିବା ସୁନ୍ଦରଗଡ଼ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି ।


JUAL ORAM
MINISTER OF TRIBAL AFFAIRS
GOVERNMENT OF INDIA
SHASTRI BHAWAN, NEW DELHI-110001

Dear Sir,

I hereby authorize Shri Bagun Gagrai, residing At/Po-Barsuan, Ps-Lahunipara, Dist- Sundargarh, Odisha, as my Representative of Khandadhar Kurmitra Mines (OMC) to look after matters on my behalf as authorized representative.

He is authorized to interact with all officials on various activities and attend all the meetings and make recommend / suggestion on my behalf as my representative.

With Regards,

Yours sincerely,
(JUAL ORAM)

Shri P.K. Nayak,
Regional Manager, OMC,
At/Po-Koira, Dist-Sundargarh,
Odisha.

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ରୂପେ ନିଯୁକ୍ତି ପତ୍ର ପାଇବା ପରେ ବାଗୁନ୍ ଗଗ୍ରାଇଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ବିଜେପି ନେତା ଓ ଖଣି ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଲହୁଣୀପଡ଼ା ସହ ଜିଲ୍ଲାର ବିଭିନ୍ନ ଥାନାରେ ବିଭିନ୍ନ ସଙ୍ଗୀନ ଓ ସାଂଘାତିକ ଅପରାଧ ମାମଲା ରୁଜୁ ହୋଇଥିବା ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ରମନ୍ତ୍ରୀ ନିଜ ପ୍ରତିନିଧି ନିଯୁକ୍ତି ଦେବାକୁ ଅନେକ ନାପସନ୍ଦ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ହେବା ପରେ ଖଣିରେ ନିଜର ପତିଆରା ଜାହିର କରିବା ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି ବାଗୁନ୍। ଖଣିରୁ ଖଣିଜ ସାମଗ୍ରୀ ପରିବହନ ନିମନ୍ତେ ନିଯୁକ୍ତ ଠିକାଦାରଙ୍କୁ ଚିଠି ଲେଖି ବିଭିନ୍ନ ଦାବି ପୂରଣ ପାଇଁ ଚେତାବନୀ ଦେଇଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଓ ଖଣିରୁ ଖଣିଜ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

## ପାଇପ ପିଇବା ପାଣି ଉପଯୋଗୀ ନୁହେଁ ଘଟଣା
# କିଏ ସତ କହୁଛି?

- ଜନସ୍ୱାସ୍ଥ୍ୟ ବିଭାଗ ଚିଠି ଭାଇରାଲ ପରେ ରାତିରାତି ପାଣି ଶୁଦ୍ଧ ହୋଇଗଲା
- ଜିଲ୍ଲା ପ୍ରଶାସନର ପ୍ରତିକ୍ରିୟାକୁ ନେଇ ସବୁଠି ଚର୍ଚ୍ଚା

ସମ୍ବଲପୁର,୧୬।୯(ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଞ୍ଚଳରେ ୱାଟକୋ ଯୋଗାଉଥିବା ପାଇପ ପାଣି ପିଇବାଯୋଗ୍ୟ ନୁହେଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୱାଟକୋକୁ ମିଳିଥିବା ଚିଠି ଗତକାଲି ଭାଇରାଲ ହୋଇଥିଲା। ଚିଠି ଭାଇରାଲ ପରେ ଜିଲ୍ଲା ପ୍ରଶାସନର ନିଜର ଭାବମୂର୍ତ୍ତିକୁ ବଜାଇ ରଖିବା ପାଇଁ ରାତାରାତି ଏହି ପାଣି ଶୁଦ୍ଧ ବୋଲି କହିଥିଲେ। ଏହା ଆଜି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଜନସ୍ୱାସ୍ଥ୍ୟ ସଂଗ୍ରହ କରିଥିବା ପାଣିର ନମୁନା ବିଶୋଧନାଗାରର ନୁହେଁ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ସେ କହିଛନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ସଂଗ୍ରହ କରିଥିବା ପାଣି ବିଶୋଧନାଗାରକୁ ଯାଉଥିବା ପାଣି। ବିଶୋଧନାଗାରରେ ଫିଲ୍ଟର ହେବା ପରର ପାଣି ସଂଗ୍ରହ କରାଯାଇନାହିଁ।



ବିଶୋଧନାଗାରକୁ ସିଧାସଳଖ ଯାଉଥିବା ପାଣିକୁ ସଂଗ୍ରହ କରି ଏହି ରିପୋର୍ଟ ପ୍ରକାଶ ପାଇଥିଲା। ଗତକାଲି ମିଳିତ ଟିମ ପରୀକ୍ଷା ପରେ ମହାନଗର ନିଗମର ପାଣି ଶୁଦ୍ଧ ରହିଛି। ଏହା ପିଇବା ଯୋଗ୍ୟ ବୋଲି ସେ କହିଛନ୍ତି।

ପାଣି ନମୁନା ସଂଗ୍ରହ କରିବାର ଏକ ନିର୍ଦ୍ଦିଷ୍ଟ ନିୟମ ରହିଛି। ପ୍ରତି ମାସରେ ଜନସ୍ୱାସ୍ଥ୍ୟ ବିଭାଗ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରୁଛି। କିଭଳି ଭାବେ ବାହାର ପାଣି ସଂଗ୍ରହ କରି ପରୀକ୍ଷା କରି ରିପୋର୍ଟ ପ୍ରକାଶ କରିଛି, ତାହା ଚର୍ଚ୍ଚାର ବିଷୟ ସାଜିଛି। ତେଣୁ, ଏଠି ପ୍ରଶ୍ନ ଉଠୁଛି କିଏ ସତ କହୁଛି? ଜନସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଭାଇରାଲ ପରେ ରାତାରାତି ପାଣି ଶୁଦ୍ଧ ହୋଇଗଲା।

ସୂଚନା ଅନୁସାରେ ଜନସ୍ୱାସ୍ଥ୍ୟ ବିଭାଗ ପାଣିର ଗୁଣବତ୍ତା ଠିକ ନଥିବା ନେଇ ୱାଟକୋକୁ ଚିଠି କରିଥିଲା। ଲୋକେ ପିଉଥିବା ପାଇପ ପାଣି ବ୍ୟବହାର କଲେ ଜଣ୍ଡିସ, ଡାଇରିଆ ଭଳି ରୋଗରେ ଆକ୍ରାନ୍ତ ହେବା ନେଇ ଅବଗତ କରାଇଥିଲା। ହେଲେ ଚିଠି ଭାଇରାଲ ପରେ ଜିଲ୍ଲା ପ୍ରଶାସନ ତରବରିଆ ଭାବେ ନିଜର ତତ୍ପରତା ଦେଖାଇଛି। ଗତ ରାତିରେ ଜନସ୍ୱାସ୍ଥ୍ୟ ବିଭାଗ, ୱାଟକୋ, ଜିଲ୍ଲା ପ୍ରଶାସନର କର୍ମଚାରୀ ମିଳିତ ଭାବେ ମାନେଶ୍ୱର ବିଶୋଧନଗାର ପରିଦର୍ଶନ କରିଥିବା ଚିଠିରେ ପ୍ରକାଶ ରହିଛି। ଗତକାଲି ୭.୪୫ରୁ ୮.୧୫ ଭିତରେ ମାନେଶ୍ୱର ବିଶୋଧନାଗାରରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଥିଲା। ପାଇପରେ ଆସୁଥିବା ପାଣି ଶୁଦ୍ଧ ଥିବା ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ରାତିରେ ଚିଠି ସାର୍ବଜନୀନ କରାଯାଇଥିଲା।

## ବଜ୍ରପାତରେ ଯୁବକ ମୃତ

ବଡ଼ସାହି,୧୬।୯(ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ମାଙ୍ଗଗଡ଼ିଆ ଗ୍ରାମର ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ହେଲେ, ଗ୍ରାମର ସ୍ୱର୍ଗତ ଧନିରାମ ମୁର୍ମୁଙ୍କ ପୁଅ ଲସ (୪୫)। ଆଜି ଅପରାହ୍ଣରେ ସେ କ୍ଷେତରୁ ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# କର୍ମଚାରୀଙ୍କ ଧାରଣା; ଆମ ବସ୍ ସେବା ଠପ୍

ବ୍ରହ୍ମପୁର,୧୬।୯(ସମିସ): 'ଆମ ବସ ସେବା'ରେ କାର୍ଯ୍ୟରତ ଡ୍ରାଇଭରମାନେ ୭ଦଫା ଦାବି ନେଇ ହଳଦିଆପଦର ବସ ଟର୍ମିନାଲରେ ଧାରଣା ଦେବା ସହ କାର୍ଯ୍ୟବନ୍ଦ କରିଛନ୍ତି। ବସ୍ ପରିଚାଳନା କରୁଥିବା ସିଆର୍‌ୟୁଟି (କ୍ରୁଟ) ସଂସ୍ଥା ପକ୍ଷରୁ କାର୍ଯ୍ୟରତ ଡ୍ରାଇଭରଙ୍କ ସଠିକ ସମୟରେ ଇପିଏଫ୍ ଓ ଇଏସ୍‌ଆଇ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ମାସିକ ୪ଦିନ ଛୁଟି, ଡ୍ରାଇଭରଙ୍କ ପରିବାରକୁ ମାଗଣା ବସ୍ ସେବା, ଏପ୍ରିଲ୍‌ଠାରୁ ଦରମା ଦୈନିକ ମଜୁରୀ ୬୧୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ବର୍ତ୍ତମାନ ୬୦୨ ଟଙ୍କା ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ଅଭିଯୋଗ ସମେତ ୭ ଦଫା ଦାବି ନେଇ ବସ୍ ଚଳାଚଳ ବନ୍ଦ ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଡ୍ରାଇଭରମାନେ କହିଛନ୍ତି। ବନ୍ଦ ଫଳରେ ସହର ସମେତ ଏହାର ଆଖପାଖ ଅଞ୍ଚଳକୁ ୬ଟି ରୁଟରେ ଚଳପ୍ରଚଳ କରୁଥିବା ୧୯ଟି ବସ୍ ହଳଦିଆପଦର ଟର୍ମିନାଲରେ ପଡ଼ି ରହିଛି। ଫଳରେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାକୁ ଅପେକ୍ଷା କରି ରହିଥିବା ଶତାଧିକ ଯାତ୍ରୀ ହନ୍ତସନ୍ତ ହୋଇଥିଲେ।



# ପାଇପ୍ ଲାଇନରୁ ଗ୍ୟାସ ଲିକ୍



ସମ୍ବଲପୁର,୧୬।୯(ସମିସ): ମାଟି ତଳୁ ବାହାରୁଛି ଗ୍ୟାସ। ଗହଳି ଛକ ଉପରେ ମାଟି ତଳୁ ଅନବରତ ଗ୍ୟାସ ଲିକ ହେଉଛି। ସୂଚନାନୁସାରେ, ସମ୍ବଲପୁର ସହରର ଅଇଁଠାପାଲି ଛକ ନିକଟରେ ପାଇପ ଲାଇନ୍‌ରୁ ଗ୍ୟାସ ଲିକ୍ ହେଉଛି। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଛି। କେଉଁ ଗ୍ୟାସ, କାହିକି ବାହାରୁଛି, ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାକୁ ଏଡାଇବା ପରେ ଅଗ୍ନିଶମ ପକ୍ଷରୁ ଉକ୍ତ ସ୍ଥାନକୁ କାହାକୁ ଛଡ଼ାଯାଉନାହି। ପାଖରେ ଅଗ୍ନିନିର୍ବାପକ ଗ୍ୟାସ ରହିଛି। ଖବର ଲେଖିବା ପର୍ଯ୍ୟନ୍ତ କାରଣ ଅସ୍ୱଷ୍ଟ ରହିଛି। କିଛି ସମୟ ପୂର୍ବରୁ ଉକ୍ତ ସ୍ଥାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ଫର୍ମପୂରଣ ୨୦ରୁ

କଟକ,୧୬।୯(ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଏକକ ଓଡ଼ିଆ ଓ ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଭାଷା ପରୀକ୍ଷା ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବ। ଏ ନେଇ ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ନଭେମ୍ବର୧୯ରେ ଏହି ଦୁଇ ପରୀକ୍ଷା ଅନୁଷ୍ଠିତ ହେବ। ଯେଉଁ ପ୍ରାର୍ଥୀମାନେ ଦ୍ୱିତୀୟ ଏକକ ବିଷୟ (ଦଶମ ଶ୍ରେଣୀ) ପରୀକ୍ଷା, ୨୦୨୫ ଓଡ଼ିଆରେ ଏବଂ ଦ୍ୱିତୀୟ ଅର୍ଦ୍ଧବାର୍ଷିକ (ଅଷ୍ଟମ ଶ୍ରେଣୀ) ଭାଷା ପରୀକ୍ଷା, ୨୦୨୫ ଦେବାକୁ ଚାହାଁନ୍ତି, ସେମାନେ ୨୦ତାରିଖରୁ ବୋର୍ଡ ୱେବସାଇଟକୁ ଯାଇ ଆବେଦନ ଫର୍ମ ଏବଂ ନିର୍ଦ୍ଦେଶାବଳୀ ଡାଉନଲୋଡ୍ କରିପାରିବେ। ଆବଶ୍ୟକୀୟ ଫି ସହିତ ସମସ୍ତ ଦୃଷ୍ଟିରୁ ପୂରଣ ହୋଇଥିବା ଆବେଦନ ଫର୍ମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଏବଂ ସମ୍ବଲପୁରରେ ଅବସ୍ଥିତ ବୋର୍ଡର ସମ୍ପୃକ୍ତ ଜୋନାଲ କାର୍ଯ୍ୟାଳୟରେ ଜମା କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅକ୍ଟୋବର ୫ସୁଦ୍ଧା ଦାଖଲ ହେଉଥିବା ଫର୍ମ ପାଇଁ ଜରିମାନା ପଡିବ ନାହିଁ । ସେହିଭଳି ଅକ୍ଟୋବର୫ ପରେ ତଥା ଅକ୍ଟୋବର ୧୦ସୁଦ୍ଧା ଦାଖଲ ଫର୍ମକୁ ଜରିମାନା ସହ ଦାଖଲ କରାଯିବ ।


**OFFICE OF THE NODAL PRINCIPAL, KORAPUT**
**AT ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore, Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone: 7978897651 E-mail: principalomavjeypore@gmail.com

Letter No. 008/25 Date: 16-09-2025

**EMPANELMENT OF PART TIME CONTRACTUAL TEACHER PGT (CHEMISTRY)**

It is hereby notified that a Walk-in-Interview will be conducted for one post of PGT (CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26.The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website: **https://koraput.odisha.gov.in/notice/recruitment/archive-recruitment** (published on 25 March 2025). Deserving candidates will have to be physically present along with the prescribed filled-in application form along with all self-attested copies of relevant documents on 19 September 2025, 11 AM at OAV, Machhara, near Koraput Town.

**Current Vacancies:** PGT (CHEMISTRY) – 01

(By order of Collector & DM, Koraput)

Sd/- **Principal, OMAV, Jeypore &**
Nodal Principal, OAVs. Koraput



**ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା**
C-1096 **OFFICE OF THE MUNICIPAL COUNCIL : BHAWANIPATNA**
Bhawanipatna, Dist- Kalahandi, Pin-766001, Odisha, Phone No- (06670) 230424 Mail- eobptm@yahoo.com

**No. 277 /BPM.** **Date: 16-09-2025**

Sealed tenders are invited from eligible, experienced, and authorized vendors for the supply, installation, commissioning, and maintenance of Outdoor Full Colour LED Display Panels with a content management system as per the technical specifications, scope of work, and terms and conditions provided in this document.. Quotationer's having up to date GST Registration Copy/PAN Card Copy / Registration Copy for Supplying, fitting and fixing outdoor LED Display Board. The material should be installed at Bhawanipatna Municipality as per the specification mentioned in BOQ & Technical Specification.

| Sl. No | Title of Project | EMD | Time for completion of Projects | Tender Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing of outdoor LED Display Board alongwith allied works at Bhawanipatna Municipality | Rs. 10000/- | One Month | Rs. 6000/- |

The Bid documents to be downloaded from the official Website of Kalahandi District www.kalahandi.gov.in & Bhawanipatna Municipality Website www.bhawanipatnamunicipality.in from dt. 16.09.2025 to 26.09.2025. The quotation shall be submit in the address of Executive Officer, Bhawanipatna Municipality, Dist-Kalahandi, Pin-766001. Last date of receipt of bid is 5.30 PM, on 26.09.2025 through speed post/ registered post only . Bhawanipatna Municipality will in no way be responsible for any delay in receipt of the Bid documents. Authority reserves &lright to reject any or all quotations without assigning any reason thereof.

OIPR-13100/11/0014/2526
Sd/- Executive Officer
Bhawanipatna Municipality



**AFFIDAVIT**
By Virtue of an affidavit sworn before Executive Magistrate, Khordha Dtd. 18/08/2025. I Jagannath Sarangi, Address- Baniatangi, Po.- Bajapur, Ps.- Khordha Sadar, Odisha, Pin-752060 declare that Ihave changed the Name of my son from **Ronan Sarangi** to **Rohan Sarangi**. Henceforth he shall be known as **Rohan Sarangi** for all purposes.

**AFFIDAVIT**
By virtue of an affidavit No.732 dated. 06/09/2025, before Notary Public, Bangalore Metropolitant Area, Karnataka, that I have changed my name from **Sujay Panda** (Old Name) to **Sujay Arun Panda** (New name) **DOB: 22/03/2002,** S/o- Arun Panda, residing at: Immanuel English School, Jhinkarguda, Tankua, Jeypore, Dist- Koraput, Odisha, Pin-764003, India. Henceforth, I shall be known as **Sujay Arun Panda** (new name) for all future purposes.

**AFFIDAVIT**
I, Susanta Kumar Rautaray S/o Sasi Rautray, Resident of Vill/PO-Sunakhala, PS- Nachuni, Dist-Khorda, Odisha, declare by this affidavit No.1823 dtd 08.09.2025 that now onwards I shall be known as **SUSANT KUMAR RAUTRAY** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Berhampur, Dist- Ganjam, dated- 17/06/2025. I, **Tarun Kumar Sethy,** Address: Retang Colony, Jatani, Dist- Khorda, Odisha, PIN- 752050 declare that I have changed my name from **Tarun Kumar Swain to Tarun Kumar Sethy.** Henceforth, I shall be known as **Tarun Kumar Sethy** (new name), S/o Sombaru Sethy for all future purposes.
**Tarun Kumar Sethy**

**AFFIDAVIT**
By virtue of an affidavit before the Notary Public. Jeypore, on dt.15.08.2025. **I, Arun Panda** S/o - Ponuel Panda, At-Immanuel English School, Jhinkarguda, Po-Tankua, Ps- Jeypore Sadar, Dist-Koraput (Odisha) declare by this affidavit no.991 that, as per Aadhar card, my actual name is Arun Panda. But in my son Sujay Arun Panda's 10th certificate my name has been wrongly mentioned as Arun Ponuel Panda instead of Arun Panda. Both names belongs to one and same person. Henceforth. I shall be known as **Arun Panda** for all future Purposes.

**AFFIDAVIT**
I DOKI SANDHYARANI PATRO, W/o- DOKI HARI KRISHNA, resident of Jagat Janani Road, V.I.P Lane, Po./Ps.- Jeypore, Dt.- Koraput- 764001, Odisha declare by this Affidavit No.3674, Dated- 08/09/2025, that now onwards I shall be known as **DOKI SANDHYARANI** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Puri, No- 2733 on dated 01-05-2025 I, **DINDAYAL DAS,** S/o Ramakanta Mahalik resident of Village At.- Matittota 5th lane, PO/PS- Puri, Dist- Puri, State- Odisha, Pin- 752001, declare that I have changed my name from **DEBENDRA MAHALIK** (Old name) to **DINDAYAL DAS** (New name), Henceforth, I shall be known as **DINDAYAL DAS** for all purposes.
Sd-( **DINDAYAL DAS**)

**AFFIDAVIT**
I Satish Kumar Behera residing At/Po-Bodhanga, PS- Nischintakoili, Dist-Cuttack, Odisha-754207 have changed the name of my son from "Ivaan Kumar"to "Ivaan Kartikesh" vide affidavit sworn before Executive Magistrate, Bhubaneswar dated 10.09.25. Henceforth, he shall be known as "Ivaan Kartikesh" for all purposes.
**Sd/- Ivaan Kartikesh**

**NOTICE**
By virtue of an affidavit sworn before E.M Danagadi, Dtd - 04.09.2025 I Azad Khan D.O.B - 06.04.2001, Vill- Jagannathsahi, Nizigarh, Po/Ps - Sukinda, Dist - Jajpur declare that I have changed my name from Manoj Khan D.O.B- 20.06.1999 to Azad Khan D.O.B - 06.04.2001. Henceforth I shall be known as Azad Khan D.O.B - 06.04.2001 for all purposes.
**Sd/- Azad Khan**

**AFFIDAVIT**
I Ashok Kumar Dash, S/o- Radha Krishna Dash resident of Qtr. no. B/153, Sector-1, Nalco Township, Po./Ps.- Damanjodi, Dist.- Koraput, PIN- 763008, by virtue of an affidavit no.330 dated 08/09/2025 sworn before the Executive Magistrate Semiliguda delcare that, I have changed my name from **Ashok Kumar Das** to **Ashok Kumar Dash**. Henceforth, I shall be known as **Ashok Kumar Dash** for all future purposes.

**AFFIDAVIT**
By Virtue of an affidavit sworn before Executive Magistrate, Khordha Dtd. 18/08/2025. I Balabhadra Sarangi, Address- Rairang, Po.- Bajapur, Ps.- Khordha Sadar, Odisha, Pin-752060 declare that, I have changed the Name of my daughter from **Nandini Sarangd** to **Nandini Sarangi**. Henceforth, she shall be known as **Nandini Sarangi** for all purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 22/07/2025. I, **Sanjeev Kumar Jain** (new name), formerly called as Sanjib Jain, S/o- Anand Kumar Jain, permanent resident of At/Po/Ps- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my name from **Sanjib Jain** (old name) to **Sanjeev Kumar Jain** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sanjeev Kumar Jain** (new name).
**Sanjeev Kumar Jain**

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide CF. No. 6 on dtd. 15/09/2025. I, **LIPUN PRUSTY,** S/o- Laxmidhar Prusty, permanent resident of At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin-752026, currently residing At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin- 752026 declare that my name have changed from **Lipuni Prusty** to **Lipun Prusty.** Henceforth, I shall be known as **LIPUN PRUSTY** for all purposes.
**LIPUN PRUSTY**

**AFFIDAVIT**
By virtue of an affidavit no 4164 Swarn before the notary public swampatna on date 15/09/2025. I **Purnima Munda,** aged 19 years, D/O- Chhotray Munda, Resident of At- Ghatabalijodi, Po- Dumuria, Ps- Ghatagaon, Dist- Keonjhar, Odisha my name & date of birth in H.S.C is mentioned **Purnima Munda** & dtd-**25/10/2006** but in Aadhar Card is incorrectly mentioned as **Purnami Munda** & date of birth **01/01/2006.** Henceforth, I shall be known as **Purnima Munda,** D/o- Chhotray Munda & the date of birth **25/10/2006** for all future purposes.
**Purnima Munda**

**AFFIDAVIT**
I, Mohammad Shabbir, aged about 68 years, S/o- Late Ahamad Raza Khan, resident of At- Flat No. G-404, G-block, Akansha Apartment, Ward No-09, Tifra, Abhilasha Parisar, Bilaspur, Dist- Bilaspur, Pin- 495001, Chhatisgarh declare by this affidavit No.1920, dtd- 15.09.2025, that now onwards I shall be known as **MOHAMMAD SHABBIR KHAN** for all future purposes.

**AFFIDAVIT**
By virtue of an affidavit sworn before the Notary Public, Bhubaneswar on dated- 15/09/2025. I, **Pramod Kumar Parida,** S/o- Late Kelu Charan Parida, Address: Plot No. 202/203, Paikanagar, Ps- Nayapalli, Bhubaneswar, Dist- Khordha, PIN- 751003, Odisha declare that I have changed my name from **Pramod Parida** To **Pramod Kumar Parida.** Henceforth, I shall be known as **Pramod Kumar Parida** (new name) for all future purposes.
**Pramod Kumar Parida**

**AFFIDAVIT**
I **Bikrama Keshari Behera** father of Rajesh Behera (No **6495419M, Rank- Hav/Ash),** resident of **Village- Badapal, Teh- Kujang, Dist- Jagatsinghpur, State - Odisha Pin- 754140**. I have changed my name from **Bikrama Keshari Behera to Bikram Keshari Behera** vide affidavit No-2438, on dated 08/09/2025 before The Executive Magistrate, Kujang, Jagatsinghpur, Odisha. Henceforth, I shall be known as **Bikram Keshari Behera** tor all purpose.
**Bikram Keshari Behera**

**AFFIDAVIT**
By virtue of an affidavit No. 2744 sworn before the Executive Magistrate, Khordha on dated- 03/09/2025. I **Rasmita Pradhan,** age 45 yrs, W/o- Dillip Kumar Pradhan, resident of At- Balipatana, Po- Kunjuri, Ps-Khordha Sadar, Dist- Khordha, Odisha, Pin- 752056, declare that as per certificate of my son's central board of secondary education, Roll No- 12178882 & name mentioned **Subhrajit Pradhan** but in Aadhar Card bearing No- 6660 2865 7285 name was **Sriman Subhrajit Pradhan** instead of Subhrajit Pradhan. Henceforth, **Subhrajit Pradhan** and **Sriman Subhrajit Pradhan** is one and same parson for all future purposes.
**Rasmita Pradhan**

**AFFIDAVIT**
I, Pradip Kumar Das, S/o- Raghunath Das, resident of Sayadpur, Narua, Dist- Jajpur, Pin- 755027, Odisha declared by this affidavit No. 746, dtd- 16/09/2025 that now onwards I shall be known as **PRADEEP KUMAR DAS** for all future purposes.



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

**କାର୍ଯ୍ୟର ନାମ :** ନିର୍ଗୁଣ୍ଡି-ବାରଙ୍ଗ (22 କି.ମି.), ଖୋର୍ଦ୍ଧା ରୋଡ୍-ବିଜୟନଗରମ (363 କି.ମି.) ଏବଂ ଭଦ୍ରକ-ବିଜୟନଗରମ ସେକ୍ସନ (385 କି.ମି.) ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) : EPC ମୋଡ୍‌ରେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 539 (CH. 402521 M ଠାରେ ବିରୂପା ନଦୀ ଉପରେ 16 X 30.5 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 544 (CH. 406305 M ଠାରେ ମହାନଦୀ ନଦୀ ଉପରେ 32 X 65.84 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 553 (CH. 411589 M ଠାରେ କାଠଯୋଡ଼ି ନଦୀ ଉପରେ 18 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 557 (CH. 414607 M ଠାରେ କୁଆଖାଇ ନଦୀ ଉପରେ 20 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର) ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 135539.12 ଲକ୍ଷ, EMD : ₹ 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.11.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-107/CI/25-26

## ମିଳିଥିବା ମୋବାଇଲ୍ ଫେରାଇଲେ ଯୁବକ

ଟିକିରି,୧୬।୯ (ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଜଗନ୍ନାଥ ମନ୍ଦିର ନିକଟରେ ଏକ ଦାମୀ ମୋବାଇଲ ଫୋନ ପାଇ ଫେରାଇଲେ ଯୁବକ। ଅଗ୍ନିଭୈରବଙ୍କ ଯାତ୍ରା ପାଇଁ ମିନାବଜାର ଚାଲିଥିବା ବେଳେ ବୁଲିବାକୁ ଆସି ମୋବାଇଲ ଫୋନ ପାଇବା ପରେ 'ସକାଳ' ଟିକିରି ପ୍ରତିନିଧି ହୃଷିକେଶ ସାହୁଙ୍କୁ ଯୋଗାଯୋଗ କରିଥିଲେ। ସେ ଆସି ସମସ୍ତଙ୍କୁ ଯୋଗାଯୋଗ କରୁଥିବା ସମୟର ମୋବାଇଲ ହଜାଇଥିବା ଯୁବକ ଟିକିରି ଥାନାରେ ଅଭିଯୋଗ କରିଥିଲେ। ଟିକିରି ପୁଲିସ ଆସି ଅନୁସନ୍ଧାନ କରୁଥିବା ବେଳେ ଟିକିରି ଥାନାକୁ ଆସି ହଜାଇ ଥିବା ଯୁବକକୁ ମୋବାଇଲ୍ ଫୋନ୍ ଫେରାଇଲେ। ମୋବାଇଲ ହଜାଇଥିବା ଯୁବକ ହେଉଛନ୍ତି ଉଷାପଡ଼ା ଗ୍ରାମର ଶ୍ରୀକାନ୍ତ ବିଡିକା। ମହାନତା ଦେଖାଇ ଥିବା ଯୁବକ ଜଣକ ହେଉଛନ୍ତି ନୟାଗଡ଼ ଜିଲ୍ଲା ବେଗୁନିଆପାଟଣା ଗ୍ରାମର ଦଣ୍ଡପାଣି ରାଉତଙ୍କ ପୁଅ ସନ୍ତସ କୁମାର ରାଉତ।

## ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପକୁ ନେଇ ପ୍ରତିଯୋଗିତା

ଜୟପୁର,୧୬।୯ (ସମିସ): ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିବା କୋରାପୁଟ, ନବରଙ୍ଗପୁର, ରାୟଗଡା ଏବଂ ମାଲକାନଗିରି ଜିଲ୍ଲାର ୪ଟି ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରସ୍ତୁତ ପ୍ରକଳ୍ପକୁ ନେଇ ଦୁଇଦିନିଆ ପ୍ରତିଯୋଗିତା ଆଜି ଉଦ୍ଭିଦ ବିଜ୍ଞାନର ସମ୍ମିଳନୀ କକ୍ଷ ଠାରେ ଶୁଭାରମ୍ଭ ହୋଇଛି। ମୁଖ୍ୟତଃ ବାଣିଜ୍ୟ, ରସାୟନିକ ବିଜ୍ଞାନ ଏବଂ ଓଡିଆ ବିଭାଗରକୁ ନେଇ ରାଜ୍ୟ ସ୍ତରରେ ନୂତନ ଏବଂ ଷ୍ଟାର୍ଟ ଅପ ପ୍ରତିଯୋଗିତାରେ ଆଜି ପ୍ରଥମ ଦିବସରେ ବିଶ୍ୱବିଦ୍ୟାଳୟ ଅଧିନରେ ରହିଥିବା ୯ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସେମାନଙ୍କ ପ୍ରସ୍ତୁତ ପ୍ରକଳ୍ପ ଗୁଡିକ ପ୍ରଦର୍ଶନ ସହ ଏହାକୁ ନେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହିପରି ଏହାକୁ ତଦାରଖ ଏବଂ ମୂଲ୍ୟାୟନ କରୁଥିବା ବିଶ୍ୱବିଦ୍ୟାଳୟର ଆନ୍ତଃ ସଦସ୍ୟ ଭାବେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଦେବଦତ୍ତ ଇନ୍ଦୋରିଆ, ଓଡିଆ ବିଭାଗର ଡ. ଅରୁଣ କୁମାର ରାଜ, ରସାୟନିକ ବିଜ୍ଞାନର ମୁଖ୍ୟ ସୁଜିତ କୁମାର ଦେହୁରୀ ଏବଂ ବାହ୍ୟ ବିଶେଷଜ୍ଞ ଭାବେ ଔଦଗିକ ହେମଙ୍କ ଅଗ୍ରୱାଲ ଯୋଗଦେଇ ପ୍ରକଳ୍ପ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହିପରି ଶ୍ରେଷ୍ଠ ପ୍ରକଳ୍ପ ଗୁଡିତ ମୂଲ୍ୟାୟନ ପରେ ରାଜ୍ୟ ସ୍ତରରେ ଚୟନ କରାଯିବ।

## ଦଶହରା ଉତ୍ସବକୁ ଜୟପୁର ରାଣୀଙ୍କୁ ନିମନ୍ତ୍ରଣ

ଜୟପୁର,୧୬।୯ (ସମିସ): ମୂଳାଷ୍ଟମୀରେ ମା'ଭଗବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଦେବୀଙ୍କ ଆଜ୍ଞାମାଳ ଅନୁଯାୟୀ ନିମନ୍ତ୍ରଣ ଶୁଭାରମ୍ଭ ହୋଇଛି। ଦଶହରା ପୂଜା କମିଟିର ଅଧକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଆଜ୍ଞାମାଳ ଆଣିବା ପରେ ଆଜି ଜୟପୁର ରାଜପ୍ରସାଦକୁ ଯାଇ ରାଜପରିବାର ସାନବୋହୂ ତଥା ରାଣୀ ଶାରୀକା ଦେବୀଙ୍କୁ ଦଶହରା ପୂଜା ଏବଂ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ବିଧାୟକ ଶ୍ରୀ ବାହିନୀପତି ଗୋଟା ନଡିଆ, କୋଦଳୀ, ମିଠା, ପାଟଶାଢୀ, ଦେବୀ ଭଗବତୀ ପୂଜାଫୁଲ ପ୍ରଭୃତି ନେଇ ରାଣୀ ସାରୀକା ଦେବୀଙ୍କୁ ନିମନ୍ତ୍ରଣ ସ୍ୱରୁପ ପ୍ରଦାନ କରିଥିଲେ। ଏହିପରି ଦଶହରା ଦିବସରେ ସଂଧାରେ ରାବଣପୋଡିରେ ସାମିଲ ହେବେ ବୋଲି ରାଣୀ ସାରୀକ ଦେବୀ ପ୍ରତିଶୃତି ଦେଇଥିଲେ। ପ୍ରଥମେ ରାଜା ନହର ପରିସରରେ ରାଜପରିବାର ଇଷ୍ଟଦେବୀ କନକ ଦୁର୍ଗା ମନ୍ଦିରରରେ ପୂଜାର୍ଚ୍ଚନା କରିବା ପରେ ରାଣୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ କରିବା ସମୟରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ମଦନ ମୋହନ ନାୟକ, ବିନୋଦ ମହାପାତ୍ର, ନିହାର ବିଷୋୟୀ, ନବକୃଷ୍ଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ କରିବାକୁ ବିଷମ କଟକ ବିଡିଓଙ୍କ ସଚେତନତା

ବିଷମକଟକ,୧୬।୯ (ସମିସ): ସରକାରଙ୍କ ତରଫରୁ ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଗୃହ ଯୋଗାଇ ଦିଆଯାଉଛି। ହେଲେ ହିତାଧିକାରୀ ମାନେ ପ୍ରଥମ କିସ୍ତି ଟଙ୍କା ପାଇବା ପରେ ଘର ନିର୍ମାଣ ଦିଗରେ ଆଗ୍ରହ ଦେଖାଉନାହାନ୍ତି। ତେଣୁ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ବ୍ଲକର ସମସ୍ତ ହିତାଧିକାରୀ ଯେପରି ନିଜ ନିଜ ଘର ନିର୍ଦ୍ଧାରିତ ସମୟମଧ୍ୟରେ ସମ୍ପୂର୍ଣ୍ଣ କରିବେ, ସେଥିନିମନ୍ତେ ଏକ ବ୍ଲକସ୍ତରୀୟ ଟିମ୍ ଗଠନ କରିଛନ୍ତି। ବ୍ଲକ୍ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ ନୋଡାଲ ଅଫିସର ଭାବେ ଏହି ଟିମ୍‌ର ନେତୃତ୍ୱ ନେଇଥିବା ବେଳେ ପ୍ରତ୍ୟେକ ଦିନ ବ୍ଲକ ୱାରିରେ ସଚେତନତା କାର୍ଯ୍ୟକ୍ରମ ମାନ କରୁଛନ୍ତି। ଏହି ମର୍ମରେ ଆଜି ବେଥିଆପଡା ଗ୍ରାମପଞ୍ଚାୟତକୁ ଯାଇ ସହକାରୀ ଯନ୍ତ୍ରୀଙ୍କ ସମେତ କନିଷ୍ଠ ଯନ୍ତ୍ରୀ ବିବି ବେହେରାଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ଜିଲାକାରା, ଏଡିଇଓ ମାଝୀ ଗୌତମୀ, ସରପଞ୍ଚ ବନିତା ବିଡ଼ିକା, ସମିତି ସଭ୍ୟ ନାଗେଶ୍ୱର ହୁଇକା ପ୍ରମୁଖ ଘର ଘର ଯାଇ ପଚାରି ବୁଝିଥିଲେ। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ହିତାଧିକାରୀଙ୍କୁ କେଟାଗୋରୀ ଏ ତାଲିକାରେ ରଖିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏଥି ନିମନ୍ତେ ବ୍ଲକର ସମସ୍ତ କର୍ମଚାରୀ ଙ୍କ ସହଯୋଗ ଲୋଡିଛନ୍ତି।

## 'ମା' ପାଇଁ ଗଛଟିଏ' ସଚେତନତା ଶୋଭାଯାତ୍ରା

କୋରୁକୋଣ୍ଡା,୧୬।୯ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ବନ ବିଭାଗ ପକ୍ଷରୁ ସୋମବାର ଅପରାହ୍ନରେ କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ସୋମନାଥପୁର ପଞ୍ଚାୟତର ଆପନମାଳା ଗ୍ରାମଠାରେ ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ମା' ପାଇଁ ଗଛଟିଏ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶୋଭାଯାତ୍ରାରେ ଆପନମାଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଳି ଓ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀଙ୍କ ସହ ସ୍ଥାନୀୟ ଗ୍ରାମବାସୀମାନେ ଏହି ସଚେତନତା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାଟି ଆପନମାଳା ସ୍କୁଲ ସମ୍ମୁଖରୁ ବାହାରି ଆଖ ପାଖ ଅଞ୍ଚଳରେ ଥିବା ଗ୍ରାମ ପରୀକ୍ରମା କରିବା ସହ ସମସ୍ତେ ହାତରେ ପ୍ଲାଙ୍କ କାର୍ଡ ଧରି ଗଛର ମହତ୍ୱ ଓ ଉପକାରିତା ସମ୍ପର୍କିତ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବାଲିମେଳା ବନାଞ୍ଚଳ ପକ୍ଷରୁ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ସମସ୍ତ ପଞ୍ଚାୟତ ମାନଙ୍କରେ ଗତ ୫ ତାରିଖ ଠାରୁ ଚାରା ଯୋଗାଇ ଦିଆଯିବା ସହିତ ଏ ନେଇ ଅଞ୍ଚଳବାସୀଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଛି। ଆସନ୍ତା ୧୭ ତାରିଖ ଦିନ ବନ ବିଭାଗ ପକ୍ଷରୁ ସମସ୍ତ ସ୍ଥାନରେ ସମୂହ ଚାରା ରୋପଣ କାର୍ଯ୍ୟକ୍ରମ ବୋଲି ବାଲିମେଳା ବନାଞ୍ଚଳ ଅଧିକାରୀ ଶ୍ରୀମତୀ କଅଁର କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ବନରକ୍ଷୀ ପ୍ରଶାନ୍ତ ରାଉତ, ସୁପ୍ରଭା ଦାସ, ସୁଜାତା ମଣ୍ଡଳ, ସନ୍ତୋଷ କୁମାରଙ୍କ ସମେତ ପାରା କର୍ମଚାରୀ ସନିଆ ବାଘ, ଦାମ ଖରା, ମଙ୍ଗଳା ସୁଆଡି, ବିଶ୍ୱନାଥ ଗୋଲରୀ, ଗୋବର୍ଦ୍ଧନ ପାଡାଲ, ମେଘନାଥଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ମଧ୍ୟାହ୍ନଭୋଜନ ପ୍ରଦାନରେ ଅନିୟମିତତା

# ଖାଲି ପେଟରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ!



କାକିରିଗୁମା,୧୬।୯ (ସମିସ): ରାଜ୍ୟରେ ସମସ୍ତ ସରକାରୀ ବିଦ୍ୟାଳୟରେ ଦିନ ୧ଟା ସମୟରେ ମଧ୍ୟାହ୍ନଭୋଜନ ଯୋଗାଇବାର ବ୍ୟବସ୍ଥା ରହିଛି। ଦିନ ଅନୁସାରେ ବିଭିନ୍ନ ପ୍ରକାର ପୃଷ୍ଟୀକର ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦେବାର ବ୍ୟବସ୍ଥା ରହିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତୁନୁପାର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମଧ୍ୟାହ୍ନଭୋଜନ ପ୍ରଧାନ ମିଳୁନଥିବାରୁ କୁନିକୁନି ଛାତ୍ରଛାତ୍ରୀ ଭୋକ ଉପବାସରେ ଥାଳ ଧରି ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଇବାକୁ ଅପେକ୍ଷା କରି ନିରାଶା ହେଉଥିବା ଦେଖିବାକୁ ମିଳୁଛି। ବିଶେଷ ସୂତ୍ରରୁ ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ ତରବରିଆ ଭାବରେ ଦିନ ଅଢେଇଟା ବେଳେ ମଧ୍ୟାହ୍ନ ଭୋଜନ ବାଣ୍ଟିବା ଆରମ୍ଭ କରିଥିଲେ। ତାହା ପୁଣି ଅଣ୍ଡା ତରକାରୀ ବଦଳରେ ଆଳୁ ଝୋଳ ଓ ଚେପା ଛଡା ହୋଇନଥିବା ଅଣ୍ଡା। ଅଧିକାଂଶ ଦିନ ମଧ୍ୟାହ୍ନଭୋଜନ ଦିନ ୨ଟା ପରେ ଦିଆଯାଉଥିବା ଅଭିଯୋଗ ହେଉଛି। ସେପ୍ଟେମ୍ବର ୮ ତାରିଖ ଦିନ ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଦିଆ ନଯିବାରୁ ଛାତ୍ରଛାତ୍ରୀ ଖାଲି ପେଟରେ କ୍ଲାସ ରୁମ୍‌କୁ ଯାଇଥିଲେ। ଏହି ବିଦ୍ୟାଳୟରେ ଅଧିକାଂଶ ଛାତ୍ର ଛାତ୍ରୀ ଆଦିବାସୀ ଓ ଅନୁସୂଚିତ ଜନଜାତିର। ମଧ୍ୟାହ୍ନ ଭୋଜନ ପ୍ରଦାନରେ ଅନିୟମିତତା ଓ ତରକାରୀରେ ପେଜ ପକାଇ ଏବଂ ଡାଲି ର ପେଜ ପକାଇ ଖାଦ୍ୟ ପ୍ରସ୍ତୁତି କରି ଖାଇବାକୁ ଦିଆଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱପ୍ରଭା ସାହୁଙ୍କୁ ପଚାରିବାର ବିଳମ୍ବ ହେବା ଘଟଣା ଓ ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ କରୁଥିବା ଘଟଣାକୁ ନେଇ ଅନେକ ଥର ତାଗିଦ କରାଯାଇଛି। ମଧ୍ୟାହ୍ନଭୋଜନରେ ଅନିୟମିତତା ଏବଂ ନିମ୍ନମାନର ମଧ୍ୟାହ୍ନଭୋଜନ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତା ମହାନ୍ତିଙ୍କୁ ଯୋଗ ଯୋଗ କରାଯିବାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

କୋଷାଗୁମୁଡା,୧୬।୯ (ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଞ୍ଚାୟତ ସମିତି ବୈଠକ ଗୃହଠାରେ ବ୍ଲକ୍‌ସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାର ବ୍ଲକ ସ୍ତରୀୟ ନୋଡାଲ ଅଫିସର ଭାବରେ ବିଡିଓ ଥିବାବେଳେ ବ୍ଲକସ୍ତରୀୟ କୋର୍ଡିନେଟର ଭାବେ ମଙ୍ଗଳ ଅଧିକାରୀ ରହିବେ। ପଞ୍ଚାୟତସ୍ତରରେ ପିଇଓ କୋର୍ଡିନେଟର ଭାବେ କାର୍ଯ୍ୟ କରିବେ। ଆଦିବାସୀ ଅଧ୍ୟୁଷିତ ଗ୍ରାମ ଗୁଡିକରେ ସର୍ବାଙ୍ଗୀନ ଉନ୍ନତି ଓ ଗ୍ରାମର ବିକାଶ ଦିଗରେ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେବ।ଭଗବାନ ବିରସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୫ ନଭେମ୍ବର ୨୦୨୪ ରେ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନାମ ହେଲା "ଧରତୀ ଆବ୍‌ବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ"। ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ, ଭାଇସ୍ ଚେୟାରମ୍ୟାନ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ବିଡ଼ିଓ, ବ୍ଲକ ଶିକ୍ଷା ଅଧିକାରୀ , ବ୍ଲକ୍ ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ଣ ୩ଟାରେ ବ୍ଲକ ସ୍ତରୀୟ ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନଙ୍କ ସହ ସରକାରଙ୍କ ସମସ୍ତ ଯୋଜନା ପ୍ରସ୍ତୁତ କରି କିପରି ଆଦିବାସୀ ଲୋକମାନଙ୍କ ପାଇଁ ଏହି ସୁବିଧା ଯୋଗାଇ ଦେଇହେବ ବୁଝାଇଥିଲେ। ଏହି ଯୋଜନାରେ କୋଷାଗୁମୁଡା ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ୨୧ ଗୋଟି ପଞ୍ଚାୟତ ବା ୭୯ ଗୋଟି ଗ୍ରାମରେ ପୂର୍ବରୁ ୨୦୧୧ ଜନଗଣନା ଅନୁଯାୟୀ ୫୦ପ୍ରତିଶତ ଅନୁସୂଚିତ ଜାତି ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ତାଙ୍କ ଦୁଆର ପାଖରେ ପହଞ୍ଚିବା ନେଇ ଆଲୋଚନା ହୋଇଥିଲା। ଏଥିରେ ପ୍ରତି ଗ୍ରାମରେ କର୍ମ ସହଯୋଗୀ ଓ କର୍ମ ସାଥୀମାନଙ୍କୁ ଚୟନ କରାଯିବ। ସେହିପରି ଅକ୍ଟୋବର ମାସ ୨ସୁଦ୍ଧା ଏହାର କାର୍ଯ୍ୟକ୍ରମ ଆରମ୍ଭ ଏବଂ ସ୍ୱତନ୍ତ୍ର ଗ୍ରାମସଭାରେ ମଧ ଏହି କାର୍ଯ୍ୟକ୍ରମକୁ ସ୍ଥାନ ଦିଆଯିବ ବୋଲି ଅଧିକାରୀ ମାନେ କହିଛନ୍ତି।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିଦ୍ୟା ବିସ୍ତାର କାର୍ଯ୍ୟକ୍ରମ



ଜୟପୁର, ୧୬।୯ (ସମିସ) : ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ଠାରେ ଶିକ୍ଷକ ଶିକ୍ଷା ବିଭାଗର ଆନୁକୂଲ୍ୟରେ ବିଏଡ୍ ପ୍ରଥମ ବର୍ଷ ଗୁରୁ ଛାତ୍ରଛାତ୍ରୀମାନଙ୍କ ଅଧିଗ୍ରହଣ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ଭବିଷ୍ୟତ ଭାରତ ଗଠନରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଗୁରୁ ଛାତ୍ରଛାତ୍ରୀମାନେ ସାହିତ୍ୟ ସମ୍ରାଟ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ଅବଦାନ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରିବାକୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ଶିକ୍ଷକ ଶିକ୍ଷା ବିଭାଗର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ବିଦ୍ୟା ବିସ୍ତାର ୨୦୨୫ କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିବା ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଭବିଷ୍ୟତରେ ଶିକ୍ଷକରୁ ଗୁରୁ ହେବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ବିଶ୍ୱବିଦ୍ୟାଳୟର ତଥା ବିଭାଗର ନିୟମାବଳୀ, ପାଠ୍ୟକ୍ରମ ସମ୍ବନ୍ଧରେ ସବିଶେଷ ବିବରଣୀ, ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟକ୍ରମ ବିଷୟରେ ଅତିରିକ୍ତ ତଥ୍ୟ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ, କସ୍ତୁରୀ ଆଚାର୍ଯ୍ୟ, ଅନୀତା ପଟ୍ଟନାୟକ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।।

## ଏରୋନଟିକ୍ସ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା




ସୁନାବେଡ଼ା ,୧୬।୯ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭା ଗୃହରେ ସୁସ୍ଥ ସ୍ୱାସ୍ଥ୍ୟ ନିମନ୍ତେ ଏକ ପ୍ରେରଣାଦାୟକ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରେରଣା ଦାୟକ ବକ୍ତା ତଥା ସୁନାମଧନ୍ୟ ସ୍ନାୟୁ ଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷାର ବୀଜମନ୍ତ୍ର ଦେଇଥିଲେ। ଏହି ସଭାରେ ଅଧକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସମ୍ପାଦକ ବିଶ୍ୱେଶ୍ୱର ସେନାପତି ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡକ୍ଟର ରବିନାରାୟଣ ସାମନ୍ତରାୟ ସଭା ପରିଚାଳନା କରିଥିଲାବେଳେ ପ୍ରାଧ୍ୟାପିକା ହିରଣ୍ମୟୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପରିଷ୍ଟ ପ୍ରାଧ୍ୟାପକ ଡ. ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ଡ. ସଞ୍ଜୟ କୁମାର ଲେଙ୍କା, ବିଶ୍ୱଜିତା ପାଢ଼ୀ, ଦିଲ୍ଲୀପ ସାହୁ, ଡ. ସସ୍ମିତା ମହାପାତ୍ର, ପ୍ରଜ୍ଞା ଦେବହୁତି ଦାସ, ଚିନ୍ମୟ ମିଶ୍ର, ଡ. ସ୍ମୃତି ରଞ୍ଜନ ରାଉତ, ଚିନ୍ମୟୀ ପଣ୍ଡା, ରୁଚିକା ମାଣିଆ, ଦିଲ୍ଲୀପ ସାମଲ, ମଦନ ହରିଜନ ଆଦି ସମସ୍ତ ଅଧ୍ୟାପକ ଅଧ୍ୟାପିକଙ୍କ ସଙ୍ଗେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଧପନ୍ତରିଆ ଅଙ୍ଗନବାଡ଼ି କେନ୍ଦ୍ର ନେଇ ବଢୁଛି ଅସନ୍ତୋଷ

ବୈପାରିଗଡ଼ା,୧୬।୯ (ସମିସ):

ଅଙ୍ଗନବାଡିରେ ପଢ଼େ ପିଲାଙ୍କ ମୂଳଦୁଆ। ତିଆରି ହୁଏ ଭବିଷ୍ୟତ। କିନ୍ତୁ ଏଠି ନିଜସ୍ୱ ଗୃହ ଅଧପନ୍ତରିଆ ଯୋଗୁଁ ଆବାସ ଘରେ ଚାଲିଛି ପାଠପଢା। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡା-୨ ଅଙ୍ଗନବାଡି ଠାରେ। ସୂଚନା ଅନୁସାରେ ୨୦୧୬ ମସିହାରେ ଚନ୍ଦ୍ରପଡାଠାରେ ମିନି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବ୍ଲକ୍ ପାଣ୍ଠିରୁ ୨ ଲକ୍ଷ ଏବଂ ମନରେଗା ଯୋଜନାରୁ ୫ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଆର୍ଥିକ ବର୍ଷ ୨୨-୨୩ ରେ ପଞ୍ଚାୟତ ତରଫରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ଚନ୍ଦ୍ରପଡା ପିଇଓ ଗଣେଶ ବିଶ୍ୱାସରାୟ ପ୍ରକାଶ କରିଛନ୍ତି। ୯ ବର୍ଷ ବିତିଲା ତଥାପି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। କେନ୍ଦ୍ରଟି ଏବେ ଅସମ୍ପୂର୍ଣ୍ଣ ଥିବା ଯୋଗୁଁ ସ୍ଥାନୀୟ ବୃଦ୍ଧା ସ୍ୱର୍ଗତ ଡାଲି ଭୂମିଆଙ୍କ ଆବାସ ଘରେ ପିଲାଙ୍କୁ ପାଠପଢା ହେଉଛି ବୋଲି ଅଙ୍ଗନବାଡି କର୍ମୀ ସୀତା ନାୟକ ପ୍ରକାଶ କରିଛନ୍ତି। ସେପଟେ ସ୍ଥାନୀୟ ଗ୍ରାମବାସୀ ଅଙ୍ଗନବାଡି କେନ୍ଦ୍ର ଅତି ଶୀଘ୍ର ନିର୍ମାଣ ପାଇଁ ଦାବି କରିଛନ୍ତି।

## 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୬।୯ (ସମିସ) ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର (ଗାନ୍ଧୀ ଜୟନ୍ତୀ) ପର୍ଯ୍ୟନ୍ତ ହେବାକୁ ଥିବା ସେବା ପକ୍ଷ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରିଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଏବଂ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ୍ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପେଣ୍ଟି ପ୍ରତିଯୋଗିତା, କୃଷି, କଳା, ଉଦ୍ୟୋଗୀ ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ପାଇଁ ସାଂସଦ ବୈଠକରେ କହିଥିଲେ। ଅକ୍ଟୋବର ୩ ତାରିଖରେ ୨୭ ତାରିଖରେ ପର୍ଯ୍ୟଟନସ୍ଥଳରେ ସ୍ୱଚ୍ଛତା ଓ ସଫେଇକୁ ଗୁରୁତ୍ୱ, ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପଞ୍ଚାୟତ,ପ୍ରତ୍ୟେକ ବ୍ଲକରେ ମହିଳା ଗୋଷ୍ଠୀ,ସ୍ୱଚ୍ଛ ସାଥୀ, ଜନ ପ୍ରତିନିଧି,ଜନ ସାଧାରଣ ସାମିଲ ହେବା, ଖୋଲା ମଳତ୍ୟାଗ ମୁକ୍ତ ଗାଁ ଘୋଷଣା,ସଫାଇ ମିତ୍ର ଶିବିର, ଉପରେ ବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ବିଡିଓ ମାନଙ୍କୁ ନିଜ ବ୍ଲକ୍‌ରେ ସଫେଇ ଓ ପରିମଳ ଅଭିଯାନକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ,ପୌରପାଳିକା ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡିଓ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲାପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଉମରକୋଟ ୧୬।୯ (ସମିସ): ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକ ଖୁବଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ମେହେର , ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶରତ ଚନ୍ଦ୍ର ସେଠୀଙ୍କ ସହ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜନ ଶୁଣାଣି ଶିବିରରେ ମୋଟ ୩୦ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ହୋଇଥିବା ବେଳେ ୭ଟି ଗ୍ରାମ୍ୟ ଗୋଷ୍ଠୀଗତ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ନାରାୟଣପାଟଣା ବ୍ଲକରେ ଅଭିଯୋଗ ଶୁଣାଣି

ନାରାୟଣପାଟଣା,୧୬।୯ (ସମିସ): କୋରାପୁଟ ଏଡିଏମ ତପନ କୁମାର ନାୟକଙ୍କ ତତ୍ତ୍ୱବଧାନରେ ଆଜି ନାରାୟଣପାଟଣା ବ୍ଲକ ସଭା ଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଆୟୋଜିତ ହୋଇଥିଲା। ଆୟୋଜିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ପ୍ରମୁଖ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସିଡିଓ ବେଣୁଧର ଶବର ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପିଏଚ୍ ଓ ଦେବଦତ୍ତ ମଲ୍ଲିକ , ପିଏଆଇଟିଡିଏ ସ୍ନେହପ୍ରଭା ମାଝି, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତି ଝଡିଆ, ଡିଏସ୍‌ପି ବରଞ୍ଚି ନାରାୟଣ ଜଗତ, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ , ଡିଡବ୍ଲୁଓ ଦିବ୍ୟରଂଜନ ବିଶ୍ୱାଳ, ଡିଏସ୍‌ଡବ୍ଲୁଓ ଜ୍ୟୋତ୍ସ୍ନା ପାଢୀଙ୍କ ସମେତ ବହୁ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ସର୍ବୋମୋଟ ୮୦ ଗୋଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ୭୬ ଗୋଟି ଓ ସାମୂହିକ ୪ ଗୋଟି ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ମକା ଓ ଧାନ ଭଲ ଅମଳ ହେବା ଥିବା ଯୋଗୁଁ ଆଗକୁ ମକା ମଣ୍ଡି କରିବାକୁ ଚାଷୀ ନେତା ଏଡି ଏମ୍ ଙ୍କୁ ଅନୁରୋଧ କରିଥିଲେ। ଲଙ୍ଗଲବେଡା ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ପାଇଁ ପିଏଚ୍‌ସି ସହ ପଞ୍ଚାୟତରେ ମକା ମଣ୍ଡି ଖୋଲିବାକୁ ଦାବି ଦୋହରାଇ ଥିଲେ ସରପଞ୍ଚ ଲକ୍ଷ୍ମୀ ପିଡ଼ିକା ଥାନା ଛକରୁ ବାଉରୀ ସାହି ରାସ୍ତା ଶୋଚନୀୟ ହୋଇଥିବା ବେଳେ ନୂତନ ସିମେଣ୍ଟ କଙ୍କ୍ରିଟ୍ ରାସ୍ତା ପାଇଁ ଅନୁରୋଧ କରିଥିଲେ ସାହି ବାସିନ୍ଦା। ବିଜାଘାଟିର କାଳିଆ ମାଳି ପାହାଡ ପର୍ଯ୍ୟଟନ ସ୍ଥଳୀ ପାଇଁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସେଲ୍‌ଫି ପଏଣ୍ଟ, ଏକ ସୁଦୀର୍ଘ ଜାତୀୟ ସ୍ତମ୍ଭ, ରହଣୀ ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ହବିକା ରବି ଆଇଟିଡିଏ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ନିର୍ମିତ ଛାତ୍ରାବାସ କୋଠା ନିମ୍ନମାନର ନିର୍ମାଣ କରାଯାଉଥିବା ଅଭିଯୋଗ କରିଥିଲେ। ନାରାୟଣପାଟଣା ଜଗନ୍ନାଥ ମନ୍ଦିର ପାଇଁ ଆସିଥିବା ଚାରି କୋଟି ଆନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଥିବାରୁ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପରିଚାଳନାଗତ କମିଟି ଗଠନ କରିବାକୁ ଜଗନ୍ନାଥ ପ୍ରେମୀ ପ୍ରଶାସନକୁ ଅନୁରୋଧ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### କାମକରୁନି ବିଏସ୍ଏନ୍ଏଲ୍ ସେବା

# ସ୍ମାର୍ଟ କ୍ଲାସ ପାଠପଢ଼ାରେ ବ୍ୟାଘାତ



ତେନ୍ତୁଳିଖୁଣ୍ଟି, ୧୬।୯ (ସମିସ): ତେନ୍ତୁଳିଖୁଣ୍ଟି ପିଏମଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ତିନିମାସ ହେଲା ଭାରତୀୟ ସଂଚାର ନିଗମ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳୁନି। ଫଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ସେବାରୁ ବଞ୍ଚିତ ରହିଛନ୍ତି। ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଓ ଉନ୍ନତ ଶିକ୍ଷାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ୫-ଟି ଯୋଜନାରେ ସ୍ମାର୍ଟ କ୍ଲାସରୁମ ଓ ଇଣ୍ଟରର୍ନେଟ ପାଠପଢା ବ୍ୟବସ୍ଥା କରିଛନ୍ତି। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟର୍ନେଟ ସେବା ଜରିଆରେ ସ୍ମାର୍ଟ କ୍ଲାସ ବ୍ୟବସ୍ଥା ହୋଇଛି। ପରିତାପର ବିଷୟ ଦୀର୍ଘ ତିନିମାସ ହେଲା ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଇଣ୍ଟର୍ନେଟ ସେବା କାମ କରୁନି। ଜୁନ ମାସରୁ ଏହି ସେବା ବିଦ୍ୟାଳୟ ର ଉପଲବ୍ଧ ହୋଇପାରୁନି। ଫଳରେ ଉଭୟ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସ ସେବାରୁ ବଞ୍ଚିତ ରହୁଛନ୍ତି। ଏମିତି ସ୍ଥିତିରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିଜ ମୋବାଇଲରୁ ନେଟ ସଂଯୋଗ କରି ପାଠ ପଢ଼ାଇବା ପାଇଁ ପ୍ରୟାସ କରୁଥିଲେ ହେଁ ସମସ୍ୟା ଦେଖାଦେଇଛି। ଅନ୍ୟପଟେ ବିଦ୍ୟାଳୟର ଅନ୍ୟାନ୍ୟ ଅନ୍‌ଲାଇନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଭାରତୀୟ ସଂଚାର ନିଗମ ଏସଡିଓ ତଥା କାର୍ଯ୍ୟ କରିଥିବା କଣ୍ଟ୍ରାକ୍ଟରକୁ ବାରମ୍ବାର ଅଭଯୋଗ କରିବା ପରେ ମଧ ସୁଧାର ଆଣିବା ଦିଗରେ କୌଣସି ବ୍ୟବସ୍ଥା କରାଯାଉନି। ଫଳରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ତିନିମାସ ହେଲା ଇଣ୍ଟରନେଟ୍ ସେବା ଉପଲବ୍ଧ ହେଉନଥିବା ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠପଢାରୁ ଏକ ପ୍ରକାର ବଞ୍ଚିତ ରହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଥାଶୀଘ୍ର ସମ୍ପୃକ୍ତ ବିଦ୍ୟାଳୟ ରେ ବିଏସଏନଏଲ ଇଣ୍ଟର୍ନେଟ ସେବା ଉପଲବ୍ଧ କରେଇବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ନନ୍ଦପୁର,୧୬।୯ (ସମିସ):

ନନ୍ଦପୁର ବ୍ଲକ ଅଧିନସ୍ଥ ଅତଣ୍ଡା ଗ୍ରାମ ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୮ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥି ମଧ୍ୟରୁ ସମସ୍ତ ୧୮ଟି ଯାକ ଅଭିଯୋଗ ସାମୂହିକ ଅଭିଯୋଗ ରହିଥିଲା। ଦୀର୍ଘ ବର୍ଷେ ହେବ ମୁଖ୍ୟମନ୍ତ୍ରୀ ମୋ ବସ୍ ଅତଣ୍ଡା ଗ୍ରାମପଞ୍ଚାୟତକୁ ସଂଯୋଗ ନେଇ ଦାବି ହୋଇଛି। ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ପୂର୍ବ ସରକାରଙ୍କ ସମୟରେ ବ୍ଲକର ବିଭିନ୍ନ ଅଞ୍ଚଳକୁ ବସ୍ ସେବା ଆରମ୍ଭ ହୋଇଥିବା ବେଳେ ଯାତ୍ରୀ ବିଶ୍ରାମ ଗୃହ ତ ଅଛି, ହେଲେ ଆଜି ପର୍ଯ୍ୟନ୍ତ ବସ୍ ଆସି ପାରୁନି ବୋଲି ଅଭିଯୋଗ ହୋଇଛି। ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରରେ ସରପଞ୍ଚ ସହଦେବ ପାଙ୍ଗି, ସମିତି ସଭ୍ୟ ଦାଉଦ୍ ଖରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ସିଡିପିଓ ମିନତି ବାଲା ପଟ୍ଟନାୟକଙ୍କ ସମେତ ସମସ୍ତ ବିଭାଗୀୟ କମଚାରୀ ଓ ଆଶା, ଅଙ୍ଗନବାଡି, ସିଆରପି, ଏମ୍ବିକେ ସହ ପଞ୍ଚାୟତବାସୀ ଯୋଗଦେଇ ଗ୍ରାମପଞ୍ଚାୟତର ଅନ୍ୟାନ୍ୟ କାର୍ଯ୍ୟ ଯଥା ମନରେଗା ଯୋଜନାରେ ଫଳ ଚାରାରୋପଣ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ବିଡ଼ିଓ ଶ୍ରୀ ଦୋରା ଅନ୍ୟାନ୍ୟ କମଚାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଏହି କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ସୀମାଦ୍ରି କ୍ରିସାନି ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ପାପଡାହାଣ୍ଡି,୧୬।୯ (ସମିସ): ବିଦ୍ୟାଳୟରେ ଜଣେ ଷଷ୍ଠ ଶ୍ରେଣୀରେ ଛାତ୍ରୀ ଅଭିଯୋଗରେ ଗ୍ରାମରେ ଜଣେ ଯୁବକଙ୍କୁ ନାମରେ ମାମଲା ଘଟଣାକୁ କେନ୍ଦ୍ର କରି ଆଜି ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ରାଉଲିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଛି । ସମ୍ପୃକ୍ତ ଛାତ୍ରୀଙ୍କୁ ବିଦ୍ୟାଳୟରୁ କାଢିବା ନେଇ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଛନ୍ତି । ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡି ନାହାନ୍ତି । ଫଳରେ ଦିନ ତମାମ ପିଲାଙ୍କ ପାଠପଢା ବ୍ୟାହାତ ହୋଇଛି। ସୂଚନା ପ୍ରକାରେ ଗତ ୧୧ତାରିଖ ଦିନ ବିଦ୍ୟାଳୟ ଜଣେ ଛାତ୍ରୀଙ୍କୁ ପୋଖରୀ ତୁଠରେ ଦେଖି ଗ୍ରାମରେ ରୁକନ୍ଦର ଜାନୀ କିଛି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା ପରେ ୧୨ ତାରିଖ ଦିନ ବିଦ୍ୟାଳୟରେ ଉଭୟ ପକ୍ଷଙ୍କୁ ନେଇ ବୈଠକ ହୋଇଥିଲା। ଛାତ୍ରୀ ଜଣକ କେବଳ ଯୁବକଙ୍କଠାରୁ ଗାଳି ଶୁଣିଥିବା କହିଥିଲେ। ପରିବାର ଲୋକ କିଛି ନ ବୁଝି ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା ପକାଇଦେଇଥିଲେ । ଛାତ୍ରୀଙ୍କୁ ବିଦ୍ୟାଳୟରୁ ହଟା ନଯିବା ପର୍ଯ୍ୟନ୍ତ ତାଲା ଝୁଲିବ ବୋଲି ଗ୍ରାମବାସୀ କହିଛନ୍ତି।

# ୨୮ ବୁଲେଟ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଜୟପୁର,୧୬।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ସହରରେ ଶବ୍ଦ ପ୍ରଦୁଷଣ କରୁଥିବା ବୁଲେଟ ବାଇକ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ଟାଉନଥାନା ପୁଲିସ ଶବ୍ଦ ପ୍ରଦୂଷଣ କରୁଥିବା ସମୁଦାୟ ୨୮ ଟି ବୁଲେଟ ଏବଂ ବିଭିନ୍ନ ବାଇକ ଗୁଡିକକୁ ଥାନାକୁ ଆଣି ଅଟକ ରଖିଥିଲେ। ମେକାନିକ୍‌କୁ ଡାକି ଶବ୍ଦ ପଦୂଷଣ କରୁଥିବା ବାଇକ୍ ସାଇଲେନ୍ସର ବାହାର କରିଥିବା ବେଳେ କମ୍ପାନୀ ପ୍ରଦାନ କରୁଥିବା ଅସଲି ସାଇଲେନ୍ସର ବାଇକରେ ସଂଯୋଗ କରାଯାଇଥିଲା। ସେହିପରି ଶବ୍ଦ ପ୍ରଦୁଷଣ କରୁଥିବା ବାଇକ ଗୁଡିକରୁ ବାହାର କରାଯାଇଥିବା ସାଇଲେନ୍ସରକୁ ରୋଲର ଦ୍ୱାରା ଚପାଇ ନଷ୍ଟ କରାଯାଇଥିଲା। ସେହିପରି ପୁଲିସ ଜରିମାନା ବାବଦକୁ ପ୍ରତ୍ୟେକ ଶବ୍ଦ ପ୍ରଦୂଷଣକାରୀ ବାଇକ୍ ମାଲିକଙ୍କ ଠାରୁ ୨ ହଜାର ଲେଖାଏଁ ଟଙ୍କା ଆଦାୟ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ହେବ ବୋଲି ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

ପଦ୍ମପୁର,୧୬।୯(ସମିସ): ଆଜି ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟଠାରେ ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ରଥଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ପ୍ରକାରେ ପଦ୍ମପୁର ବ୍ଲକର ୪ଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷରତା କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲିମ୍ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା, ଶିକ୍ଷକ ପଦ୍ମ ଚରଣ ପରିବାଲା, ପ୍ରଦୀପ କୁମାର ଦାସ, ଦିଲୀପ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଲଚ୍ଛମନଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ରାଓ ମିଶାଲ ଶ୍ରୀ ଜଗନ୍ନାଥଙ୍କ ଏକ ଜଣାଣ ଗାନ କରିଥିଲେ। ତତ୍ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଉପସ୍ଥିତ ପ୍ରଶିକ୍ଷକମାନେ ଏ ସମ୍ପର୍କରେ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଗୋଡ଼ିଆ ବନ୍ଧ କ୍ଲଷ୍ଟର ପ୍ରଶିକ୍ଷକ ଭାବେ ଶିକ୍ଷୟିତ୍ରୀ ଝୁନୁ ଶବର ଓ ଶିକ୍ଷକ କରୁଣାକର ମାଝୀ, ଖମାପଦର କ୍ଲଷ୍ଟର ପ୍ରଶିକ୍ଷକ ଭାବେ ପ୍ରଦୀପ ଦାସ ଓ ରାଧାକୃଷ୍ଣ ପଣ୍ଡା, ଆଖୁସିଂ କ୍ଲଷ୍ଟର ପ୍ରଶିକ୍ଷକ ଭାବେ ଗେଲେଇ ସୀତାମା ଓ କାଶୀନାଥ ଗୌଡ଼, ପଦ୍ମପୁର କ୍ଲଷ୍ଟର ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ ହରିଶ୍ଚନ୍ଦ୍ର ପଣ୍ଡା ଓ ଗୌରୀ ବେହେରା। ଉକ୍ତ ତାଲିମ୍ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ କ୍ଲଷ୍ଟର ସାଧନ ସଂଯୋଜକ ଚିତ୍ତରଞ୍ଜନ ସେନାପତି, ଅଜିତ ଚୌଧୁରୀ, ରାମବାବୁ ବାର୍ଲା ଓ ରବି ପାଶୱାରେ? । ଉକ୍ତ ତାଲିମ୍ କେନ୍ଦ୍ରରେ ୪ଟି କ୍ଲଷ୍ଟରର ପ୍ରାୟ ୮୦ରୁ ଉର୍ଦ୍ଧ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ୍ ନେଇଥିଲେ।

● ଜିଲ୍ଲା ପରିଷଦ ସାଧାରଣ ବୈଠକ

# ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ବିରୋଧ

ମାଲକାନଗିରି, ୧୬।୯(ସମିସ): ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ୭୪ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସୋମେଶ କୁମାର ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ସାଇ କିରଣ, ଜିଲ୍ଲା ପରିଷଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ। ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିଶେଷ କରି ନିର୍ଦ୍ଦିଷ୍ଟ ସମୟରେ ଟେଣ୍ଡର ପ୍ରକ୍ରିୟା ସହ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପନା କରିବା ଉପରେ ଗୁରୁତ୍ୱ ଦେଇ ପଞ୍ଚାୟତ ଓ ବ୍ଲକ ମାନଙ୍କରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠନ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓ ମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଫୋଟ ଥିବା ଏକ ପେଡ୍ ମା' କେ ନାମ ବ୍ୟାନର ଲଗା ଯାଇଥିବା ଦେଖି ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହ ଅନ୍ୟ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ମାନେ ଏହାକୁ ବିରୋଧ କରିଥିଲେ। ବୈଠକର ଏଜେଣ୍ଡାରେ ଏହା ନଥିବା ବେଳେ ଏହି ବ୍ୟାନର କାହିଁକି ଲଗାଯାଇଛି, ସେନେଇ ପ୍ରଶ୍ନ ଉଠାଇବା ସହ ଏହି ବ୍ୟାନରକୁ ହଟାଇବା ପାଇଁ ଦାବି କରିଥିଲେ। ପରେ ବ୍ୟାନରକୁ ହଟାଇ ଦିଆଯାଇଥିଲା।

# ଗଞ୍ଜେଇ ଜବତ, ଜଣେ ଗିରଫ

କାଲିମେଳା,୧୬।୯(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ୍‌କୁ ମିଳିଛି ବଡ଼ ସଫଳତା। କାଲିମେଳା ବ୍ଲକ ଅନ୍ତର୍ଗତ ଏମ ଭି ୯୦ ଅଞ୍ଚଳରେ କାଲିମେଳା ପୋଲିସ ଏସଆଇ ଡି.ଡି. ସୁଗ୍ରୀଙ୍କ ନେତୃତ୍ୱରେ ରାତ୍ରି କାଳୀନ ପେଟ୍ରୋଲିଂ କରୁଥିବା ସମୟରେ ୨୨ କେଜି ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ ଗତ ଶନିବାର ପୁଲିସ ରାତ୍ରି କାଳୀନ ପେଟ୍ରୋଲିଂ କରୁଥିବା ସମୟରେ ତିନି ଜଣ ବ୍ୟକ୍ତି ପଲସର ମୋଟର ସାଇକେଲ ଯୋଗେ ମୋଟୁ ଅଭିମୁଖେ ଯାଉଥିବାର ଦେଖିଥିଲେ। ପୋଲିସ୍ ସନ୍ଦେହ ଜନକ ଭାବେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାରୁ ଅଭିଯୁକ୍ତମାନେ ସେମାନଙ୍କର ମୋଟର ସାଇକେଲ ଏବଂ ଗଞ୍ଜେଇ ଛାଡି ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲେ। ତେବେ ତାଙ୍କ ଠାରୁ ୨୨ କେଜି ଗଞ୍ଜେଇ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରିଥିଲା କାଲିମେଳା ପୋଲିସ୍। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କାଲିମେଳା ପୁଲିସ୍ ସୂଚନା ଦେଇଛନ୍ତି। ସେହିପରି ଗତ ସୋମବାର କାଲିମେଳା ପୋଲିସ ଏସଆଇ ବି.କେ. ମାଝିଙ୍କ ନେତୃତ୍ୱରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ପୁଲିମେଟଲା ଗ୍ରାମ ନିକଟସ୍ଥ କେନାଲ ଛକରେ ଏକ ଚାରି ଚକିଆ ଗାଡି ଓ ଡି -୩୦ଏ -୪୬୪୭ କୁ ସନ୍ଦେହ ଜଣକ ଭାବେ ଯାଞ୍ଚ କରିବାରୁ ଗାଡ଼ିରେ ଥିବା ୨୬ ଟି ପ୍ଲାଷ୍ଟିକ୍ ଜରି ବ୍ୟାଗରେ ୬୫୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। କିନ୍ତୁ ଗାଡି ଭିତରେ ଥିବା ଅନ୍ୟ ଚାରି ଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲେ। ଧରାପଡ଼ିଥିବା ଅଭିଯୁକ୍ତ ଏମପିଭି-୧୩ ଗ୍ରାମର ସୁମନ ହାଲଦାର ବୋଲି ପୋଲିସ୍ ସୂଚନା ଦେଇଛନ୍ତି। ଏହାସହ ଚାରି ଚକିଆ ଗାଡି ଜବତ କରି ଅଭିଯୁକ୍ତ ସୁମନ ହାଲଦାରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ କାଲିମେଳା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି

# ଅନ୍ଧାରରେ ରହିଛି ୨୩ ଖଣ୍ଡ ଡଙ୍ଗରିଆ ଗାଁ



ରାୟଗଡ଼ା,୧୬।୯(ସମିସ): ସ୍ୱାଧୀନତାର ୭୭ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ଅନ୍ଧାରରେ ରହିଛି ରାୟଗଡା ଜିଲ୍ଲା କଲ୍ୟାଣସିଙ୍ଗପୁର ବ୍ଲକ ଅଧିନସ୍ଥ ସୁନାଖୁଟି ଓ ପାର୍ସାଲି ଗ୍ରାମପଞ୍ଚାୟତର ୨୩ଖଣ୍ଡ ଡଙ୍ଗରିଆ ଗ୍ରାମ। ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଗାଇ ଦିଆଯାଇଥିବା ସୋଲାର ଲାଇଟ ବ୍ୟବସ୍ଥା ଦୀର୍ଘ ବର୍ଷ ହେବ ଅଚଳ ହୋଇପଡିଛି। ଘରେ ଡିବିରି ଆଲୁଅ ଓ ବାହାରେ ନିଆଁ ଲଗାଇ ଦିନ କାଟୁଛନ୍ତି ଏଠାକାର ବାସିନ୍ଦାମାନେ। ପୁଣି ପ୍ରଶାସନ ପକ୍ଷରୁ ସୋଲାର ଲାଇଟ ଯୋଗାଇବା ପାଇଁ ସର୍ଭେ ପରେ ତାଲିକା ପ୍ରସ୍ତୁତ ହେଉଥିବା ବେଳେ ନିମ୍ନମାନର ସୋଲାର ଲାଇଟ ବ୍ୟବସ୍ଥା ଉପରେ ଆଉ ଭରସା ନ କରି ଗ୍ରାମଗୁଡିକରେ ସିଧାସଳଖ ବିଦ୍ୟୁତ ସଂଯୋଗ କରି ଆଲୁଅ ବ୍ୟବସ୍ଥା ଯୋଗାଇବା ପାଇଁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟିଛନ୍ତି ଉଭୟ ଗ୍ରାମ ପଞ୍ଚାୟତର ଗ୍ରାମବାସୀମାନେ। ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଯଥାଶୀଘ୍ର ଅଞ୍ଚଳ ପରିଦର୍ଶନ କରି ସମାଧାନ କରିବାର ପ୍ରତିଶୃତି ଜିଲ୍ଲାପାଳ ଦେଇଥିବା ଗ୍ରାମବାସୀମାନେ କହିଛନ୍ତି। ଆଜି ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ସୁନାଖୁଣ୍ଟି ଓ ପାର୍ସାଲି ଗ୍ରାମପଞ୍ଚାୟତବାସୀ। ଏହି ଅଭିଯୋଗ ପତ୍ରରେ କଲ୍ୟାଣସିଙ୍ଗପୁର ବ୍ଲକ୍ ଡଙ୍ଗରିଆ କନ୍ଧ ଗ୍ରାମାଞ୍ଚଳରେ ସୋଲାର ପରିବର୍ତ୍ତେ ବିଦ୍ୟୁତ ସଂଯୋଗର ବ୍ୟବସ୍ଥା ନିମନ୍ତେ ଜିଲ୍ଲାପାଳଙ୍କୁ ଗୁହାରୀ କରାଯାଇଛି। ସୁନାଖୁଣ୍ଟି ଗ୍ରାମପଞ୍ଚାୟତର କାଡ୍ରକାବଣ୍ଡଲି, ଟେବାଗୁଡା, ରାଇଲିମା, ତଳ ମୁସୁଡି, ଉପର ମୁସୁଡି, ଶିବପଦର ୬ଟି ଗ୍ରାମ ସମେତ ପାର୍ସାଲି ଗ୍ରାମପଞ୍ଚାୟତର ଲାଖପଦର, ପଟାଙ୍ଗପଦର, ଡଙ୍ଗାମାଟି, ଫକିରି, ନିଶିଖାଲ ସମେତ ଅନ୍ୟ ୧୭ଟି ଗ୍ରାମକୁ ମିଶାଇ ମୋଟ ୨୩ ଗ୍ରାମରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ତେବେ ନିକଟରେ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଅଞ୍ଚଳ ଗସ୍ତ ବେଳେ କେତୋଟି ଗ୍ରାମର ନାମ ତାଲିକାରୁ ବାଦ ପଡିଛି। ସେହି ଗ୍ରାମଗୁଡିକରେ ବିଦ୍ୟୁତ୍ ସଂଯୋଗ ପରିବର୍ତ୍ତେ ସୋଲାର ଲାଇଟ ବ୍ୟବସ୍ଥା କରାଯିବ ବୋଲି ଜଣାଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଗତ ୨ରୁ ୩ବର୍ଷ ପୂର୍ବେ ଆଲୋକୀକରଣ ବ୍ୟବସ୍ଥା ଯୋଗାଇବା ନିମନ୍ତେ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଥିଲା। ଯାହା କେବଳ ୩୦ରୁ ୪୫ଦିନ ପରେ ଅଚଳ ହୋଇଗଲା। ପରେ ମଧ୍ୟ ତାହାକୁ ସଜଡା ନ ଯିବାରୁ ଅଞ୍ଚଳବାସୀ ଅନ୍ଧାରରେ ରହିଥିବାରୁ ସୋଲାର ଲାଇଟ ଉପରେ ତାଙ୍କର ଭରସା ପାଉନାହିଁ ବୋଲି ସମିତି ସଭ୍ୟ ବିକାଶ ବାଗ ପ୍ରକାଶ କରିଛନ୍ତି। ଆଜି ଏହି ଅଭିଯୋଗ ପତ୍ର ପ୍ରଦାନ ବେଳେ ବନ କାଡ୍ରକା,ମହେଶ୍ୱର କାଡ୍ରକା, ମଧୁ ୱାଡକା,ସୁବାରାଓ ଟାକ୍ରି, କୃଷ୍ଣ ଶିକକା, କୁଲେସିକା ରାମୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଡାକ୍ତରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମୈଦଲପୁର,୧୬।୯(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଆଶୁତୋଷ ମିଶ୍ରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତ ସଭାଗୃହ ଠାରେ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡାକ୍ତର ମିଶ୍ର ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚାକିରୀ ଜୀବନ ଆରମ୍ଭ କରିଥିଲେ ଓ ସେବା ଜାରି ରଖିଥିଲେ। ଦୀର୍ଘ ୩ ବର୍ଷଧରି ମୈଦଲପୁର ଠାରେ ସେବା ଯୋଗାଇ ଆସୁଥିଲେ। ବର୍ତ୍ତମାନ ତାଙ୍କୁ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି ହୋଇଛି। ଆଜିର ବିଦାୟକାଳୀନ ସମ୍ବର୍ଦ୍ଧନା ସମୟରେ ନବରଙ୍ଗପୁର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ମୈଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝୀ, ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଯାଦବ, ଡାକ୍ତର ମାନସ ରଞ୍ଜନ ପାଣିଗ୍ରାହୀ ଓ କେନ୍ଦ୍ର ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କାଲିମେଲା,୧୬।୯(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଉଣ୍ଡୁରୁକୋଣ୍ଡା ଅଞ୍ଚଳରେ ଅଜଣା ବ୍ୟକ୍ତି ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା କଡ଼ରେ ପଡ଼ିରହିଥିଲେ। ସ୍ଥାନୀୟ ଗ୍ରାମବାସୀ ଦେଖି କାଲିମେଲା ପୁଲିସ୍‌କୁ ଖବର ଦେବା ସହ ଆମ୍ବୁଲାନ୍ସ ଯୋଗେ କାଲିମେଲା ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଦୁର୍ଘଟଣାରେ ବ୍ୟକ୍ତି ଜଣଙ୍କ ଗୁରୁତର ଆହତ ହୋଇଥିବାରୁ ଚିକିତ୍ସାଧିନ ଅବସ୍ଥା ର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ମୃତକଙ୍କ କୌଣସି ପରିଚୟ ମିଳିପାରିନଥିବା ବେଳେ କାଲିମେଲା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ମୃତ୍ୟୁର ୭୨ ଘଣ୍ଟା ବିତିଗଲେ ମଧ୍ୟ ତାଙ୍କ ପରିଚୟ ମିଳିନଥିବାରୁ କାଲିମେଲା ପୁଲିସ କାଲିମେଲା ତହସିଲଦାର ଏବଂ ବିଡ଼ିଓଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ପଠା ଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ଉଭୟଙ୍କ ଉପସ୍ଥିତିରେ ଶବ ଦାହ ସଂସ୍କାର କରାଯିବ ବୋଲି କାଲିମେଲା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଯକ୍ଷ୍ମାମୁକ୍ତ ସଚେତନତା ତାଲିମ

ରାୟଗଡ଼ା,୧୬।୯(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଯକ୍ଷ୍ମାମୁକ୍ତ ଗ୍ରାମପଞ୍ଚାୟତ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ସଚେତନତା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏବିଡିଓ କାଳୁ ଚରଣ ନାୟକ, ସଚେତନତା ତାଲିମ ଶିବିରରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପି.ଏ ଗୋପାଳ ପଣ୍ଡା, ବିଭାଗୀୟ ଅଧିକାରୀ ରାଜକିଶୋର ଦାସ ପ୍ରମୁଖ ମଂଚାସୀନ ଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ଯକ୍ଷ୍ମା ବିଭାଗ ବୈଷୟିକ ସୁପରଭାଇଜର, ଗୋଷ୍ଠୀ , ଶିଶୁ ବିକାଶ ବିଭାଗର ସୁପରଭାଇଜର ଯଶୋଦା ବିଭୋର ଓ ବରିଷ୍ଠ ଶିକ୍ଷକ ଉମାଶଙ୍କର ପଣ୍ଡା ସମ୍ବଳ ବ୍ୟକ୍ତି ରୂପେ ତାଲିମ ପ୍ରଦାନ କରିଥିଲେ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମବିକେ, ସିଆରପି, ଏ ଏନ ଏମ, ୱାର୍ଡ ସଭ୍ୟ, ସମିତି ସଭ୍ୟ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ଜିପିଡିଓ ସ୍ମୃତିରେଖା ନାୟକ, ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ ଏହାର ପରିଚାଳନା କରିଥିଲେ। ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତଃଜିଲ୍ଲା ଲୋକ କଳାକାର ସମାବେଶ



ମାଲକାନଗିରି, ୧୬।୯(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳାସ୍ଥ ନୀଳାଦ୍ରିନଗରରେ ଆନ୍ତଃଜିଲ୍ଲା ଲୋକ କଳାକାର ମହା ସମାବେଶ ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ତଜିଲ୍ଲା ଲୋକ କଳାକାର ସମାବେଶ ରେ ଲୋକ ସଂସ୍କୃତି, ଲୋକ କଳା,ପାରମ୍ପରିକ ବାଦ୍ୟ,ନୃତ୍ୟ ,ସଙ୍ଗୀତ ପ୍ରତି ଗୁରୁତ୍ୱାରୋପ କରାଯାଇଛି। ବନ୍ଦେ ଉତ୍କଳ ଲୋକକଳା ଓ ଲୋକସଂସ୍କୃତି ମହାସଂଘ ପକ୍ଷରୁ ଜିଲ୍ଲା ଲୋକ କଳା ଓ ଲୋକ ସଂସ୍କୃତି ମହା ସଂଘ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ବାଲିମେଳା ନଗର ନିକଟସ୍ଥ ନିଳାଦ୍ରୀ ନଗର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ବରିଷ୍ଠ ଲୋକ କଳାକାର ଓ ନାଟଗୁରୁ ଭଗବାନ ହନ୍ତାଳଙ୍କ ଅଧ୍ୟକ୍ଷତା ରେ ଲୋକ କଳାକାର ମାନଙ୍କୁ ନେଇ ଏକ ମହା ସମାବେଶର ଆୟୋଜନ କରାଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ବନ୍ଦେ ଉତ୍କଳ ଲୋକକଳା ଓ ଲୋକସଂସ୍କୃତି ରାଜ୍ୟ ମହାସଂଘ କାର୍ଯ୍ୟକାରି ସଭାପତି ପ୍ରମୋଦ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଦକ୍ଷିଣା ଅଞ୍ଚଳ ସଭାପତି ଜଗନ୍ନାଥ ବେହେରା, ସମ୍ମାନୀତ ଅତିଥି ଭାବେ ନବୀନ ସତପଥି,ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ଧନୁର୍ଯ୍ୟୟ ହନ୍ତାଳ, ଶିବ ସଙ୍କର ତ୍ରିପାଠୀ, ବନବାସୀ ଗବେଷକ ରତ୍ନାକର ଦାଶ, ଶ୍ରୀନିବାସ ପାତ୍ର, ଜିଲ୍ଲା ଲୋକକଳା ସଂଘ ଉପସଭାପତି ଘେନୁମୁଦୁଲି ପ୍ରମୁଖ ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ ପଦାଧିକାରୀ ମାନେ ଉପସ୍ଥିତ ରହି ଆଦିବାସୀ ଅଧ୍ୟଷିତ ଅଞ୍ଚଳ ରେ କଳାସଂସ୍କୃତିକୁ ବଜାଇ ରଖି ଲୋକକଳାକାର ମାନଙ୍କୁ ଉତ୍ସାହିତ କରିବା ଦରକାର, ଲୋକ ସଂସ୍କୃତି, ଲୋକ କଳା କୁ ପ୍ରାଧାନ୍ୟ ଦେଇ ଅତ୍ୟା ଧୁନିକ ବାହ୍ୟସଂସ୍କୃତି ଠାରୁ ଦୁରେଇ ରହିବା ପାଇଁ ମଞ୍ଚସିନ ଅତିଥି ମାନେ ପରାମର୍ଶ ଦେଇଛନ୍ତି। ସମାବେଶ ରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ଲୋକକଳାକାର ମାନେ ସେମାନଙ୍କ କଳା ଚାତୁରୀ ଓ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଶଣ କରିଥିଲେ। କୃତି କଳାକାରମାନଙ୍କୁ ଅତିଥିମାନେ ସମ୍ମାନିତ କରି ମାନପତ୍ର ପ୍ରଦାନ କରିଥିଲେ। ସମାବେଶରେ ଲୋକ କଳାକାର ଓ ନାଟ୍ୟଗୁରୁ କୃଷ୍ଣବାଘ, ମୁକୁନ୍ଦ ନାୟକ, ବିଶ୍ୱଜିତ ବିଶ୍ୱାସ, ଗୌତମ ମଣ୍ଡଳ, ଡମ୍ବୁରୁ ହନ୍ତାଳ, ନିର୍ମଳା ଏକ୍କା, ସୋନାଲି ପଡିଆମି,ଗୀତା ହୀରା, ଅମଳ ମଣ୍ଡଳ, କେଶବ ଶବର, ପ୍ରକାଶ ଚନ୍ଦ୍ର କୁଣ୍ଡ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶେଷରେ ନାଟ ଗୁରୁ ଧନୁର୍ଯ୍ୟୟ ହନ୍ତାଳ ଧନ୍ୟବାଦ ଅର୍ପଣ କରିଥିଲେ।

● ଶିଶୁ ନିଖୋଜ ଅଭିଯୋଗ ଘଟଣା

# ଶିଶୁର ମୃତଦେହକୁ ନେବାକୁ ମନା କରିଥିଲେ ପରିବାର

ମାଲକାନଗିରି,୧୬।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କମାରପାଲ୍ଲୀ ଗ୍ରାମର ଲଚ୍ଚୁ କବାସୀଙ୍କ ସ୍ତ୍ରୀ ଆଡମେ ପଡିଆମୀ ଗତ ଜୁଲାଇ ୧୮ ତାରିଖ ଦିନ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ବେଳେ କିଛି ମହିଳା ସ୍ୱାସ୍ଥ୍ୟକର୍ମୀ ନବଜାତକୁ ନେଇ ଯାଇଥିବା ବେଳେ ଆଉ ଦେଇ ନଥିବା ନେଇ ଲଚ୍ଚୁ ଓ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ଏନେଇ ଗତକାଲି 'ସକାଳ' ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା। ଏହାକୁ ନେଇ ଆଜି ସମାଜସେବୀ ଅନୁପ ପାତ୍ର ମଧ୍ୟ ଏହି ପ୍ରକାଶିତ ଖବରକୁ ଟୁଇଟ୍ ମାଧ୍ୟମରେ ଅଭିଯୋଗ ପରେ ରାଜ୍ୟ ଗୃହ ବିଭାଗ ଓ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ କରିବା ଦିଗରେ ତତ୍ପରତା ଦେଖାଇଥିଲେ। ତଦନ୍ତରେ ଲଚ୍ଚୁଙ୍କ ସ୍ତ୍ରୀଙ୍କ ଠାରୁ ଏକ ମୃତ ନବଜାତକୁ ଅପରେସନ କରି ବାହାର କରାଯାଇଥିବା ସହ ନବଜାତକ ଜନ୍ମ ପୂର୍ବରୁ ମୃତ୍ୟୁବରଣ କରିଥିବା ଜଣା ପଡିଥିଲା। ଏହା ସହ ଲଚ୍ଚୁଙ୍କୁ ଏହି ନବଜାତର ମୃତଦେହ ଦିଆଯାଇଥିବା ବେଳେ ସେ ଏହି ମର ଶରୀର ନେବି ନାହି ବୋଲି ଲିଖିତ ଆକାରରେ ଦେଇଥିବା କଥା ସାମ୍ନାକୁ ଆସିଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସ। ତେବେ ଏସବୁ ମଧ୍ୟରେ ପ୍ରକୃତରେ ଲଚ୍ଚୁ ଓ ତାଙ୍କ ପରିବାରଙ୍କ ଅଭିଯୋଗ ସତ ନା ଅନ୍ୟ କିଛି ରହିଛି ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଲଚ୍ଚୁଙ୍କ ପରିବାର ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

● ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଦାବି

# ସାଂସଦ ଓ ବିଧାୟକଙ୍କୁ ଶିକ୍ଷକ ସଂଘର ଦାବିପତ୍ର

କୋରୁକୋଣ୍ଡା,୧୬।୯(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଲେଭୁଲ ୫(ଏ)ଶିକ୍ଷକ ସଂଘ ପକ୍ଷରୁ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ଏବଂ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ସାକ୍ଷାତ କରି ଉଭୟଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ,ଦୀର୍ଘ ବର୍ଷହେବ ପ୍ରାଥମିକ ଶିକ୍ଷକ ମୂଳ ଗ୍ରେଡ୍ ପେ'ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ଦାବିକୁ ଆଧାର କରି ପ୍ରାଥମିକ ଶିକ୍ଷକ ମାନେ ଅନେକ ଥର ଆନ୍ଦୋଳନ କରିବା ସହ ଦାବି କରିଛନ୍ତି। ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ବୈଠକ ବସିଛି ଓ ପ୍ରତିଶୃତି ମିଳିବା ସତ୍ତ୍ୱେ ଦାବିପୁରଣ ହେଉନାହିଁ। ଯାହା ଫଳରେ ଏହି ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଗଭୀର ଅସନ୍ତୋଷରେ ଦିନ କାଟୁଛନ୍ତି । ଗତବର୍ଷ ପୂର୍ବତନ ସରକାର ସବୁ ବର୍ଗର ପ୍ରାଥମିକ ଶିକ୍ଷକ ମାନଙ୍କର ଗ୍ରେଡ଼ ପେ' ବଢ଼ାଇଥିଲେ। ଅଥଚ ପ୍ରାଥମିକ ଶିକ୍ଷକ ଶିକ୍ଷାର ମୂଳଦୁଆ ଭାବେ ସର୍ବନିମ୍ନ ସ୍ତରରେ ଥିବା ଏହି ଲେଭୁଲ ୫(ଏ) ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ମାନେ କେନ୍ଦ୍ରୀୟ ହାରରେ ବେତନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ଅଷ୍ଟମ ବେତନ କମିଶନ ଅଛି ଯାହା ଫଳରେ ପ୍ରାଥମିକ ଶିକ୍ଷକଙ୍କ ଦରମାରେ ଅନେକ ଆକାଶ ପତାଳ ତାରତମ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ଗ୍ରେଡ଼ ପେ' ୨୨୦୦ରୁ ପରିବର୍ତ୍ତନ କରି କେନ୍ଦ୍ରୀୟ ହାରରେ ମୂଳ ଦରମା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସାଂସଦ ଓ ବିଧାୟକଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା,ଆଲୋକ କୁମାର ସାମଲ, ରଞ୍ଜିତ ସେଠୀ, ସରୋଜ କୁମାର ପ୍ରଧାନ, ରାଜ୍ୟ କୋର କମିଟି ସଦସ୍ୟ ଯତୀନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।।

# ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା

ମାଥିଲି, ୧୬।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଚାଉଳମେନ୍ଦି ପଞ୍ଚାୟତ ସଦର ମହକୁମାରେ ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା ହୋଇଯାଇଛି। ଏହି ଶୋଭାଯାତ୍ରା ରେ ଚାଉଳମେନ୍ଦି ସରପଞ୍ଚ ଜଳନ୍ଧର ନାୟକ ଯୋଗ ଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ କୁ ଶୁଭାରମ୍ଭ କରିଥିଲେ। ଏହାର ମୂଳ ଲକ୍ଷ୍ୟ ହେଲା ଅଧାରୁ ପାଠ ଛାଡିଥିବା ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୂଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଜନସଚେତନତା ବା ଜାଗ୍ରତ ନିମନ୍ତେ ଚାଉଳମେନ୍ଦି ପଞ୍ଚାୟତରେ ବିଭିନ୍ନ ବିଦ୍ୟାଳୟରେ ପଦଯାତ୍ରା ଆୟୋଜିତ ହୋଇଯାଇଛି। ସରପଞ୍ଚ ଶ୍ରୀ ନାୟକ ସବୁଜ ପତାକା ଦେଖାଇ ଶୋଭାଯାତ୍ରା ର ଆରମ୍ଭ କରିଛନ୍ତି। ଚାଉଳମେନ୍ଦି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦଶରଥ ନାୟକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସେହିଭଳି ମଲଲିଗୁଡା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରତୀକାନ୍ତ ମହାନ୍ତି ଶୋଭାଯାତ୍ରାର ମୁଖ୍ୟ ଆୟୋଯୋକ ଥିଲେ। ପ୍ରକାଶ ଥାଉକି ଚାଉଳମେନ୍ଦି ପଞ୍ଚାୟତ ର ୪ଜଣ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀ ଙ୍କୁ ବିଦ୍ୟାଳୟ ଗୁଡିକରେ ନାମ ଲେଖାଇଥିବା ବେଳେ ୧୦ଜଣ ଛାତ୍ର/ଛାତ୍ରୀଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖା ଯାଇଛି। ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

# ୧୮୦ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସ୍ଥାନ ପାଇଲେ



ବିଷମକଟକ,୧୬।୯(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମଠାରେ ରାୟଗଡ଼ା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ ଯୋଗ ଦେଇଥିଲେ। ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ମେହେର,ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ହରିହର ପାତ୍ର, ମିନିଗୁଡା ନଡାଲ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝୀ, ବିଷମକଟକ ଯୁକ୍ତ ତିନି ମହା ବିଦ୍ୟାଳୟର ଅଧ୍ୟାପିକା ଲିପ୍ସା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲ୍ଲାର ୧୧ ଟି ବିଦ୍ୟାଳୟର ୮୫୦ ଛାତ୍ର ଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି କ୍ରିଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିଥିଲା। ଏହି କ୍ରୀଡା ପ୍ରତିଯୋଗିତା ରେ ୫୨ଜଣ ସ୍ୱର୍ଣ୍ଣପଦକ ୫୨ଜଣ ରୌପ୍ୟ ପଦକ ଓ ୫୨ ଜଣ ଛାତ୍ରଛାତ୍ରୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କ୍ରିକେଟ, ହକି, ଫୁଟବଲ ପ୍ରତିଯୋଗିତାରେ ୧୨ ଗୋଟି ଟିମ ମଧ୍ୟରେ ୧୨ ଜଣ ଚାମ୍ପିଅନ୍ ଏବଂ ୧୨ ଜଣ ରନର୍ସ ସ୍ଥାନ ପାଇଛନ୍ତି। ବିଭିନ୍ନ କ୍ରିଡା ର କୃତି ପ୍ରତିଯୋଗି ମାନଙ୍କୁ ନେଇ ଫାଇନାଲ ପ୍ରତିଯୋଗିତାରେ ମୋଟ ୧୮୦ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କୃତି ପ୍ରତିଯୋଗିତା ମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିଡା ପ୍ରତିଯୋଗିତା ରେ ଭାଗ ନେବା ପାଇଁ ମନୋନିତ ହୋଇଥିବା ସୂଚନା ମିଳିଛି। ଜିଲ୍ଲା ସ୍ତରୀୟ କ୍ରୀଡା ଦିବସ ରେ ଖେଳ ପରିଚାଳ କରିବା ନିମନ୍ତେ ୨୦୦ ଜଣ କ୍ରୀଡ଼ା ଶିକ୍ଷକ ନିୟୋଜିତ ହୋଇଛନ୍ତି। ବିଷମ କଟକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜନ ହେଉଛି। ବିଷମ କଟକ କ୍ରିଡା ଶିକ୍ଷକ ପ୍ରଶନ୍ନ କୁମାର ବିଶ୍ୱାଳ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

**ବାଲିହରଚଣ୍ଡୀ ପୀଠରେ ଗଣଦୁଷ୍କର୍ମ ମାମଲା**

# ଆନ୍ଧ୍ରରୁ ଧରାହେଲା ମୁଖ୍ୟ ଅଭିଯୁକ୍ତ



- ପୀଡ଼ିତାଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କଲା ପୁଲିସ
- ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲା ସାଇଣ୍ଟିଫିକ୍ ଟିମ୍
- ଅଭିଯୁକ୍ତଙ୍କର ହେଲା ଡାକ୍ତରୀମାଇନା

ପୁରୀ/ବ୍ରହ୍ମଗିରି, ୧୬।୯ (ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ବାଲିହରଚଣ୍ଡୀ ନିକଟ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡ଼ୁଛି। ଏହି ଘଟଣାରେ ପୁରୀ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଆଜି ଆଉ ଜଣଙ୍କୁ ଆନ୍ଧ୍ରପ୍ରଦେଶ ସୀମାରୁ ଧରିଛି। ସେ ହେଲା, ମନୋଜ ବେହେରା ଓରଫ୍ କାଳିଆ। ଏହି ଘଟଣାର ସେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି। ଅନ୍ୟ ଅଭିଯୁକ୍ତମାନେ ହେଲେ, ଶିବ ସାହୁ, ରାହୁଲ ସାହୁ ଓ ଆଦ୍ୟା ବେହେରା। ସମସ୍ତଙ୍କ ଘର ବ୍ରହ୍ମଗିରି ବ୍ଲକ୍ ପଲଙ୍କ ପଞ୍ଚାୟତର ଗଡ଼ଚଣ୍ଡୀପୁଟ ଗ୍ରାମରେ।

ଅଭିଯୋଗ ଅନୁଯାୟୀ, ଗତ ଶନିବାର ମଧ୍ୟାହ୍ନରେ ଯୁବତୀଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାଲିହରଚଣ୍ଡୀ ପୀଠକୁ ଯାଇଥିଲେ। ସେଠାରେ ମା'ଙ୍କ ଦର୍ଶନ କରିସାରିବା ପରେ ନିକଟସ୍ଥ ସମୁଦ୍ର କୂଳକୁ ଜଙ୍ଗଲ ଦେଇ ଯାଇଥିଲେ। ଜଙ୍ଗଲରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ସେମାନଙ୍କୁ ହଇରାଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ପୁରୁଷବନ୍ଧୁଙ୍କୁ ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ତାଙ୍କ ଆଗରେ ମନୋଜ ଓ ଶିବ ମିଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ଏଥିରେ ରାହୁଲ ଏବଂ ଆଦ୍ୟା ସହଯୋଗ କରିଥିଲେ। ଗଣଦୁଷ୍କର୍ମ ପରେ ଅଭିଯୁକ୍ତମାନେ ସେମାନଙ୍କୁ ଧମକଚମକ ଦେଇ ପଳାଇ ଯାଇଥିଲେ। କିନ୍ତୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଏହି ଲଜ୍ଜାଜନକ ଘଟଣା ସମ୍ପର୍କରେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚା ହେବା ପରେ ପୁଲିସ ୩ଜଣଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜ ଫେରାର୍ ହୋଇଯାଇଥିଲା। ପରେ ଏ ସଂପର୍କରେ ଅଭିଯୋଗ ହୋଇଥିଲା।

ଏଭଳି ସମ୍ବେଦନଶୀଳ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ପୁରୀ ଏସ୍‌ପି ପ୍ରତୀକ ସିଂ। ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଫୋନ୍‌କୁ ଟ୍ରାକ୍ କରି ମନୋଜଙ୍କୁ ଆନ୍ଧ୍ରପ୍ରଦେଶରୁ ଧରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ପୀଡ଼ିତାଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଥିଲା। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କର ଡାକ୍ତରୀମାଇନା କରାଯାଇଛି। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏଥିସହ ସିନ୍-ରିକ୍ରିଏସନ୍ ମଧ୍ୟ କରାଯାଇଛି। ସେଦିନର ଲୋମହର୍ଷଣକାରୀ ଘଟଣାର ସବିଶେଷ ତଥ୍ୟ ପୁଲିସକୁ ଦେଇଛନ୍ତି ପୀଡ଼ିତା। ମଙ୍ଗଳବାର ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଲିହରଚଣ୍ଡୀ ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ବଣଭୋଜି ନିମନ୍ତେ ଏହା ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି। ସାମୁଦ୍ରିକ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ପରିବେଶ ବେଶ୍ ମନୋରମ। ପ୍ରତିଦିନ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ବଣଭୋଜି କରିବାକୁ ଆସି ବେଳାଭୂମିକୁ ବୁଲିବାକୁ ଯାଇଥା'ନ୍ତି। ହେଲେ ଏଠାରେ ସୁରକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ। ଅନେକ ସମୟରେ ଅସାମାଜିକ ଯୁବକ ନିଶା ସେବନ କରି ଅନେକ ଘଟଣା ଘଟାଇଥା'ନ୍ତି। ଖବର ପାଇ ପୁଲିସ ଆସିବା ପୂର୍ବରୁ ଅପରାଧୀମାନେ ସ୍ଥାନ ଛାଡ଼ି ଚମ୍ପଟ ମାରିଥା'ନ୍ତି। ବିଶେଷକରି, ଏହି ପୀଠଟି ବ୍ରହ୍ମଗିରି ଥାନା ଓ ପୁରୀ ସଦର ଥାନା ଅଧୀନରେ ରହୁଛି। ଏପରିକି, ଅନେକ ପେସାଦାର ଅପରାଧୀ ଅପରାଧ ଘଟାଇ ଏହି ଅଞ୍ଚଳରେ ଲୁଚି ରହିଥା'ନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏବଂ ମନ୍ଦିରର ସେବାୟତମାନେ ଏଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ଗତ ଶନିବାର ଘଟିଥିବା ଗଣଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣାକୁ ସମସ୍ତେ ଘୋର୍ ନିନ୍ଦା କରିବା ସହ ବାଲିହରଚଣ୍ଡୀ ପୀଠରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି।

**କେବଳ ଅନ୍‌ଲାଇନ୍‌ରେ ହବିଷ୍ୟାଳି ପଞ୍ଜୀକରଣ**

# ଆଗୁଆ ହାତ ଟେକିଦେଲା ପ୍ରଶାସନ

- ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ
- ବିନା ପଞ୍ଜୀକରଣରେ ଆସିବାକୁ ବାରଣ

ପୁରୀ, ୧୬।୯ (ସମିସ): ଆସନ୍ତା ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ମାସ ଧରି ଚାଲିବ। କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ହବିଷ୍ୟାଳି ମା'ମାନଙ୍କୁ ଧାର୍ଯ୍ୟ କରାଯାଇଥିବା ୪ଟି ରହଣି କେନ୍ଦ୍ରରେ ରଖାଯିବ। ଅନ୍‌ଲାଇନ୍ ପଞ୍ଜୀକରଣ ବିନା କାହାକୁ ମଧ୍ୟ ହବିଷ୍ୟାଳି କେନ୍ଦ୍ରରେ ରହଣି ସୁଯୋଗ ମିଳିବ ନାହିଁ ବୋଲି କହି ହାତ ଟେକିଦେଇଛି ଜିଲ୍ଲା ପ୍ରଶାସନ। ବିଗତ ବର୍ଷମାନଙ୍କରେ ଯଦି ବା କିଛି ବ୍ରତଧାରୀ କୌଣସି କାରଣ ପାଇଁ ପଞ୍ଜୀକରଣ ନ କରି ପହଞ୍ଚିଥା'ନ୍ତି, ସେମାନଙ୍କ ରହଣି ସୁବିଧା କରାଯାଉଥିଲା। ହେଲେ ଗତବର୍ଷ ବିନା ପଞ୍ଜୀକରଣରେ ଆସିଥିବା ହବିଷ୍ୟାଳି ମା'ମାନଙ୍କୁ କନ୍ଦେଇ ଦେଇଥିଲେ ସରକାର ଓ ପ୍ରଶାସନ। ଏପରିକି, ରହିବା ପାଇଁ ବ୍ରତଧାରୀଙ୍କୁ ବଡ଼ଦାଣ୍ଡରେ ଧାରଣା ଦେବାକୁ ପଡ଼ିଥିଲା। ଶେଷରେ ଦିନକ ପରେ ସେମାନଙ୍କ ରହଣି ବ୍ୟବସ୍ଥା ହୋଇଥିଲା। ତେଣୁ ଏ ବର୍ଷ ଆଗୁଆ ହାତ ଟେକି ଦେଇଛି ଜିଲ୍ଲା ପ୍ରଶାସନ। ବିନା ପଞ୍ଜୀକରଣରେ ନ ଆସିବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ମଙ୍ଗଳବାର ସର୍କିଟ୍ ହାଉସ୍‌ଠାରେ ହବିଷ୍ୟାଳି ବ୍ରତ ବା ରାଈଦାମୋଦରବ୍ରତସମ୍ପର୍କରେଗଣମାଧ୍ୟମପ୍ରତିନିଧିମାନଙ୍କୁ ବିଶଦ୍ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ପରିଡ଼ା ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲ୍‌ୱେ ଷ୍ଟେସନ ଆଶ୍ରୟସ୍ଥଳଠାରେ ହବିଷ୍ୟାଳି ମା'ମାନଙ୍କ ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବୟସ୍କା ବିବାହିତା ମହିଳା ଏହି ବ୍ରତ ପାଇଁ ଆବେଦନ କରିପାରିବେ। ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ମାସ ୧୯ ତାରିଖ ପୂର୍ବାହ୍ଣ ୧୦ଟାରୁ ପଞ୍ଜୀକରଣରେ ସାମିଲ ହୋଇପାରିବେ। ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅଣପଞ୍ଜୀକୃତ ବ୍ୟକ୍ତିମାନେ କେନ୍ଦ୍ରମାନଙ୍କୁ ଆସି ଅଯଥା ଗହଳି ନ କରିବା କିମ୍ବା ରହଣି ପାଇଁ ଅନୁରୋଧ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଏହି ପବିତ୍ର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ବୈଠକରେ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ୯୧୩ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

**ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ହେବ 'ସକ୍ଷମ': ଉପମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୬।୯ (ସମିସ): ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ତୃଣମୂଳସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ୯୧୩ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪,୨୨୪ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯିବ। ଏହାସହ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ୨ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟଜଳ ସୁବିଧା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନଦୀ ପହଁରି ୫ ଭେଳା ଜବତ କଲା ପୁଲିସ

ନୀଳଗିରି, ୧୬।୯ (ସମିସ): ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ଚୋରା ବାଲିଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସକାଳେ ନଦୀର ସିଙ୍ଗିରି ଘାଟରୁ ବାଲିଚାଲାଣ ହେଉଥିବା ଖବର ପାଇ ପୁଲିସ୍ ଓ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ଅଯୋଧ୍ୟା ଫାଣ୍ଡି ଅଧିକାରୀ ସରୋଜ କୁମାର ଦାସ, ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏବଂ ୬ ଏପିଆର୍ ଫୋର୍ସଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲେ। ତେବେ ଚଢ଼ଉ ବାବଦରେ ଆଗୁଆ ସୁରାକ୍ ପାଇ ମାଫିଆମାନେ ନଦୀରେ ୫ଟି ଭେଳା ଛାଡ଼ି ଫେରାର୍ ହୋଇଯାଇଥିଲେ। ଚଢ଼ଉ ଟିମ୍ ହାଫ୍ ପ୍ୟାଣ୍ଟ, ଗାମୁଛା ପିନ୍ଧି ନଦୀକୁ ଡେଇଁ ପହଁରିପହଁରି ଉକ୍ତ ଭେଳାଗୁଡ଼ିକୁ ଜବତ କରିଥିଲେ। ଜବତ ଭେଳାଗୁଡ଼ିକୁ ନୀଳଗିରି ଥାନାକୁ ଅଣାଯାଇଛି। ସୂଚନାଯୋଗ୍ୟ, ବାଲିଚୋରିକୁ ରୋକିବା ପାଇଁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ଉ କରାଯାଇଥିଲେ ମଧ୍ୟ ବାଲିମାଫିଆ ଆଗୁଆ ସୁରାକ ପାଇ ଘାଟରୁ ଗାଡ଼ି ଉଠାଇ ଫେରାର ହୋଇଯାଉଥିଲେ। ଅଧିକାରୀମାନଙ୍କୁ ଖାଲି ହାତରେ ଫେରିବା ସାର ହେଉଥିଲା।

# ହୀରାକୁଦ ଜଳସ୍ତର ୬୨୯.୧୭ ଫୁଟ୍

ସମ୍ବଲପୁର, ୧୬।୯ (ସମିସ): ହୀରାକୁଦର ସର୍ବୋଚ୍ଚ କ୍ଷମତା ୬୩୦ଫୁଟ୍ ପାଖାପାଖି ଜଳଭଣ୍ଡାରର ଜଳସ୍ତର ହେବା ପରେ ଗତକାଲି ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ଖୋଲାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୧୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୦,୪୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୫,୮୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୨୫୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୮୪୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୪୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୧୯ ଫୁଟ୍ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଭାରତରେ...

ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ନିଖୋଜ ହୋଇଯାଇଛନ୍ତି। ସେହିପରି ମାଲଦେବତା ସୌଙ୍ଗ ନଦୀରେ ୫ ଜଣ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ନିଖୋଜ ଅଛନ୍ତି। ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ପାଣି ମାସି ଟପକେଶ୍ୱର ମହାଦେବ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଇଛି। ଏଠାରେ ଥିବା ଅନେକ ଦୋକାନ ମଧ୍ୟ ଭାସି ଯାଇଛି। ୨ ଜଣ ନିଖୋଜ ଅଛନ୍ତି। ସହସ୍ରଧାରାରେ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ଡିଆରଏଫ, ଏନ୍‌ଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ମଣ୍ଡିରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ଏକ କୋଠା ଭୁଶୁଡ଼ି ଯାଇଛି। ଏଥିରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅବଶେଷ ତଳେ ଫସି ଯାଇଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ମଙ୍ଗଳବାରେ ସକାଳେ ମନ୍ଦିରକୁ ଯାଉଥିବାବେଳେ ମଣ୍ଡିର ଦରଙ୍ଗରେ ୨ ଜଣ ଲୋକ ସୁମା ଖଡ ନଦୀର ଧାରାରେ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି।

### ଦୁର୍ଗା ପୂଜାରେ...

ମାସରେ ଆରବ ସାଗରରେ 'ହୀକା' ବାତ୍ୟା ସୃଷ୍ଟି ହୋଇଥିଲା। ୧୮ ସେପ୍ଟେମ୍ବରରେ ବଙ୍ଗୋପସାଗରରେ 'ଡାଏ' ସୃଷ୍ଟି ହୋଇ ୨୧ ସେପ୍ଟେମ୍ବରେ ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ସେହିପରି ୨୦୨୧ରେ ବାତ୍ୟା 'ଗୁଲାବ' ମଧ୍ୟ ସେପ୍ଟେମ୍ବର ଶେଷ ବେଳକୁ ସୃଷ୍ଟି ହୋଇ ଓଡ଼ିଶାର ସାମାନ୍ୟ ଦୂରରେ ଅର୍ଥାତ ଆନ୍ଧ୍ର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ହାଇଦ୍ରାବାଦ ସ୍ଥିତ ଭାରତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଆଣ୍ଡାମାନସାଗର ଅଞ୍ଚଳରେ ଆଭ୍ୟନ୍ତରୀଣ ତରଙ୍ଗ ପ୍ରଭାବରେ ସେପ୍ଟେମ୍ବର ମଧ୍ୟଭାଗରୁ ନଭେମ୍ବର ପ୍ରଥମାର୍ଦ୍ଧ ଯାଏଁ ସାମୁଦ୍ରିକ ତାପମାତ୍ରା ବଙ୍ଗୋପସାଗର ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ରହିଥାଏ। ତଥା ଏହି ସମୟରେ ଉତ୍ତର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ବାତ୍ୟାଗୁଡ଼ିକର ଅଂଶବିଶେଷ ଏହି ଅଞ୍ଚଳକୁ ମାଡ଼ି ଆସିବା ଫଳରେ ସାମୁଦ୍ରିକ ତାପମାତ୍ରା ଓ ବାୟୁମଣ୍ଡଳର ପାରିପାର୍ଶ୍ୱ ସ୍ଥିତି ଶକ୍ତିଶାଳୀ ବାତ୍ୟା ସୃଷ୍ଟି କରିବାରେ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ସୁବିଧା ଦେଇ...

ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବିଭିନ୍ନ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପାଇଁ ସାକ୍ଷାତକାର ଦେଉଛନ୍ତି, କିନ୍ତୁ ନିଯୁକ୍ତି ସତ୍ତ୍ୱେ ଯୋଗ ଦେଉ ନାହାନ୍ତି। କେବଳ ଗୋଟିଏ କାରଣ ପାଇଁ ଏବଂ ତାହାହେଲା ସେମାନଙ୍କୁ ଆବଶ୍ୟକ ସୁବିଧା ମିଳୁନାହିଁ।

ଟ୍ରିବ୍ୟୁନାଲରେ ଖାଲି ପଡ଼ିଥିବା ପଦବୀ ନେଇ ଏନ୍‌ଜିଟି ବାର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଦୁଇ ଜଣ ପୂର୍ବ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେମାନେ ଯୋଗ ଦେଉ ନାହାନ୍ତି। କୋର୍ଟ ବିରକ୍ତି ପ୍ରକାଶ କରିବା ସହିତ କହିଥିଲେ ଯେ ନିଯୁକ୍ତି ପରେ ସୁବିଧା ସୁଯୋଗ ମିଳୁନାହିଁ। ସେମାନେ କାହିଁକି କାମରେ ଯୋଗଦେବେ। ଯେଉଁ ସଭ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଛି ସେମାନଙ୍କୁ ଏହି ପଦବୀରେ ରହିବା ଲାଗି ଅନୁମତି ଦେବାକୁ କୋର୍ଟ ମନା କରିଦେଇଛନ୍ତି। କେନ୍ଦ୍ର ଉପରେ ବିରକ୍ତି ପ୍ରକାଶ କରି କୋର୍ଟ କହିଲେ ଯେ ଅଫିସ ପାଇଁ ଖର୍ଚ୍ଚ ଦିଆଯାଉ ନାହିଁ। ଛୋଟ ଛୋଟ ଜିନିଷ ପାଇଁ ସଭ୍ୟମାନେ ଅନୁରୋଧ କରୁଛନ୍ତି। ଏଥିପାଇଁ କେନ୍ଦ୍ର ହିଁ ଦାୟୀ। ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ସେ ସରକାରଙ୍କୁ ଜଣାଇଦେବେ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ମାନ୍ୟବର ଖଣ୍ଡପୀଠଙ୍କୁ ଆଶ୍ୱାସନା ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬ ତାରିଖରେ ହେବ।

### ଦିନକ ପରେ...

ଆହୂତ ଏହି ବୈଠକରେ ଶାସକ ବିଜେପି ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। ଏହାସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବୈଠକରେ ଶୃଙ୍ଖଳିତ ଅଧିବେଶନ ନେଇ ନିଜର ମତାମତ ରଖିଥିଲେ।

ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ଦଳ ପାଖରେ ଏକାଧିକ ପ୍ରସଙ୍ଗ ରହିଛି। ବିଶେଷକରି ଚାଷୀ, ମହିଳା ସୁରକ୍ଷା, ଏସସି ଏସଟି, ଛାତ୍ରଛାତ୍ରୀ ପ୍ରସଙ୍ଗ ସମ୍ପର୍କିତ ଏକାଧିକ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ। ଆସନ୍ତାକାଲି ଅପରାହ୍ନ ୫ଟା ବେଳେ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଅଧିବେଶନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଗୃହ ପରିଚାଳନା କରିବାକୁ ଆମେ କହିବା ସହ ଗୃହ ପରିଚାଳନାରେ ସହଯୋଗ ପାଇଁ ସହମତି ଦେଲୁ। ରାଜ୍ୟରେ ପୁଳାପୁଳା ସମସ୍ୟା ରହିଛି। ଆସନ୍ତାକାଲି ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ କାଡ଼ାମ କହିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ସକରାତ୍ମକ ଆଲୋଚନାକୁ ସରକାର ସ୍ୱାଗତ କରୁଛନ୍ତି ବୋଲି ଡ. ମହାଲିଙ୍ଗ କହିଛନ୍ତି।

### ଅସୁରକ୍ଷିତ ଓଡ଼ିଶା...

ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ତାଙ୍କ ବନ୍ଧୁଙ୍କ ସହିତ ଗତ ଶନିବାର ମଧ୍ୟାହ୍ନରେ ବାଲି ହରଚଣ୍ଡୀପୀଠକୁ ଦର୍ଶନ ପାଇଁ ଯାଇଥିଲେ। ଏହାପରେ ସେମାନେ ନିକଟରେ ଥିବା ସମୁଦ୍ରକୂଳରେ ବସି କଥାବାର୍ତ୍ତା ହେଉଥିବା ବେଳେ ସେଠାରେ ଚଣ୍ଡିପୁଟ ଗାଁର କିଛି ଯୁବକ ସେମାନଙ୍କଠାରୁ ଟଙ୍କା ଛଡ଼ାଇ ନେବା ପରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। କେବଳ ଏହି ଘଟଣା ନୁହେଁ, ନିକଟରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରାନ୍ ଭିଲେଜ ପାଖ ସାଇମାର୍ଗ ଲଜରେ ଏହି ଯୁବତୀ ଗଣ ଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

ଅଗଷ୍ଟ ୨୧ରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିରେ ଜଣେ ଯୁବତୀ ଗଣ ଦୁଷ୍କର୍ମ ହୋଇଛନ୍ତି । ବିବାହ ଏବଂ ଚାକିରି କରାଇବା ପ୍ରଲୋଭନ ଦେଖାଇ ୨ ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅିଯୋଗ ହୋଇଥିଲା। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବାବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

ଗତ ୧୦ ମାସରେ ରାଜ୍ୟରେ ସାଢ଼େ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଆହୁରି ମଧ୍ୟ ଅନେକ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକାଧିକ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ସମ୍ପୃକ୍ତଙ୍କୁ ଗିରଫ କରିବାରେ ଅନେକସ୍ଥାନରେ ପୁଲିସ ବିଫଳ ହୋଇଛି ।

### ଭୟଙ୍କର, ହୃଦୟ...

କ୍ଷୋଭ ପ୍ରକାଶ କରିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ସାରା ଓଡ଼ିଶାରେ ମହିଳାମାନଙ୍କ ବିରୁଦ୍ଧରେ ହିଂସାର ଏପରି ଭୟଙ୍କର ଘଟଣା ଦେଖିବା ବେଶ୍ ହୃଦୟ ବିଦାରକ। ବିଜେପି ନେତାମାନେ ଘଟଣାକୁ ନେଇ ଚିନ୍ତାପ୍ରକାଶ କରୁଥିବାର ନାଟକ ପ୍ରଦର୍ଶନ କରୁଥିବା ବେଳେ ଅପରାଧୀମାନେ ସ୍ପଷ୍ଟ ଦିବାଲୋକରେ ନିର୍ଭୟ ହୋଇ ବୁଲୁଛନ୍ତି। ଗୋପାଳପୁର, ବାଲେଶ୍ୱର, ବଳଙ୍ଗା ପୀଡ଼ିତା; ଯେଉଁମାନେ ଗଭୀର ହତାଶା ମଧ୍ୟରେ ଆଖି ବୁଜିଲେ ସେମାନଙ୍କ ସହ ଅନ୍ୟ ପୀଡ଼ିତା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏବେ ବି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ମାତ୍ର ପ୍ରତ୍ୟେକ ଥର ଆମେ ପୁନରାବୃତ୍ତି ହେଉଥିବା ସମାନ ବକ୍ତବ୍ୟ ଶୁଣୁଛୁ। ଏପରି ଘଟଣା ବିରୁଦ୍ଧରେ 'କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି', 'ଲୋକଙ୍କ ସରକାର', 'ମହିଳା ସୁରକ୍ଷା ସୁନିଶ୍ଚିତ କରୁଛୁ' ଏବଂ 'କାହାରିକୁ ଛଡ଼ାଯିବ ନାହିଁ' ପରି ବିବୃତି ବାରମ୍ବାର ଦୋହରାଉଛନ୍ତି। ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏପରି ଅପରାଧ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଘଟିବ, ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି, ତେବେ ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ଖରାପ କରିବ। ବିଜେପି ସରକାର ଏପରି ଘଟଣାରେ ଯେତେ ଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଓଡ଼ିଶାର ମହିଳାମାନେ ପୁଣି ସୁରକ୍ଷିତ ଅନୁଭବ କରିବେ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଦିନକରେ କରିହେବ...

କାରବାର ପାଇଁ ଆପଣ ଗୋଟିଏ ଦିନରେ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦ ଲକ୍ଷ ଟଙ୍କାର କାରବାର କରିପାରିବେ। ଏହାବ୍ୟତୀତ, ଅନ୍ୟ ୧୨ଟି ବର୍ଗ ପାଇଁ ଦୈନିକ କାରବାର ସୀମା ମଧ୍ୟ ବୃଦ୍ଧି କରାଯାଇଛି। ଅପରପକ୍ଷେ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ବ୍ୟକ୍ତିଙ୍କଠାରୁ ବ୍ୟକ୍ତିଙ୍କୁ (ପିଟୁପି) ପେମେଣ୍ଟ ସୀମା ଏବେ ବି ୧ ଲକ୍ଷ ଟଙ୍କା ରହିଛି, ଯେଉଁଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଯେତେବେଳେ କି ପିଟୁଏମ୍‌ରେ ଜଣେ ବ୍ୟକ୍ତି ଜଣେ ବ୍ୟବସାୟୀଙ୍କୁ ପେମେଣ୍ଟ କରୁଥିଲେ , ଯାହାର ସୀମା ଏବେ ୧୦ ଲକ୍ଷ ଟଙ୍କା ହୋଇଯାଇଛି। ଏହାଛଡା ଅଳଙ୍କାର କ୍ରୟରେ, ପ୍ରତି କାରବାର ସୀମା ଏବେ ବି ପୂର୍ବ ଭଳି ୨ ଲକ୍ଷ ଟଙ୍କା ରହିବ, କିନ୍ତୁ ଦୈନିକ ସୀମାକୁ ବର୍ତ୍ତମାନ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଟର୍ମ ଡିପୋଜିଟ୍ ଭଳି ବ୍ୟାଙ୍କ ସେବା ପାଇଁ ପ୍ରତି କାରବାର ଏବଂ ଦୈନିକ ଉଭୟ ସୀମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ ପାଇଁ ପ୍ରତିଦିନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି।

ଏହି ନିଷ୍ପତ୍ତି ସିଧାସଳଖ ସେହି ଗ୍ରାହକମାନଙ୍କୁ ଲାଭ ଦେବ ଯେଉଁମାନେ ଏ ପର୍ଯ୍ୟନ୍ତ ବୀମା ପ୍ରିମିୟମ, ମ୍ୟୁଚୁଆଲ୍ ଫଣ୍ଡ, କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ଭଳି ବଡ଼ ପେମେଣ୍ଟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେମାନେ ୟୁପିଆଇ ମାଧ୍ୟମରେ ଏହି ପେମେଣ୍ଟ ସହଜରେ କରିପାରିବେ। ଏହାବ୍ୟତୀତ, ଏହି ମାଧ୍ୟମରେ ରିଅଲ୍ ଇଷ୍ଟେଟ୍ କିମ୍ବା ଅନ୍ୟାନ୍ୟ ବଡ଼ କାରବାର ମଧ୍ୟ ସମ୍ଭବ ହେବ। ଅପରପକ୍ଷେ ଯଦିଓ ଏନ୍‌ପିସିଆଇ ଏହି ସୀମା ସ୍ଥିର କରିଛି, ଏହା ସଦସ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ନୀତି ଅନୁଯାୟୀ ସେମାନଙ୍କ ଗ୍ରାହକଙ୍କ ପାଇଁ ସୀମା ସ୍ଥିର କରିବାର ସ୍ୱାଧୀନତା ମଧ୍ୟ ଦେଇଛି। ଏନ୍‌ପିସିଆଇ ଅକ୍ଟୋବର ପହିଲାରୁ ଏନ୍‌ପିସିଆଇରେ ପିଅର-ଟୁ-ପିଅର (ପିଟୁପି) ଅନୁରୋଧ ସଂଗ୍ରହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଯେ, ଏଣିକି ଜଣେ ବ୍ୟକ୍ତି ୟୁପିଆଇ ମାଧ୍ୟମରେ ଟଙ୍କା ମାଗିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅନୁରୋଧ ପଠାଇ ପାରିବେନାହିଁ।

### ଘୋଷଣା କରି...

ସେହି ଚିନ୍ତା ଘାରୁଛି। ସରକାର ଖୁବ୍‌ଶୀଘ୍ର ପଞ୍ଜୀକରଣ ପ୍ରକ୍ରିୟା ପୁଣି ଆରମ୍ଭ କରିବାକୁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଉଛି। ନଚେତ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନାନୁସାରେ, ଚଳିତ ବର୍ଷ ଜୁଲାଇ ୧୯ରୁ ଅଗଷ୍ଟ ୨୦ପର୍ଯ୍ୟନ୍ତ ଖରିଫ୍ ଚାଷ ପଞ୍ଜୀକରଣ ଚାଲିଥିଲା। ମାତ୍ର ଜଟିଳ ପ୍ରକ୍ରିୟା ଯଥା ଇ-କେୱାଇସି, ବଂଶାବଳୀ ପ୍ରମାଣପତ୍ର ଆଦି ବିଭିନ୍ନ କାରଣରୁ ଯୋଗ୍ୟ ଚାଷୀମାନେ ପଞ୍ଜୀକରଣ କରିପାରିନଥିଲେ। ପରେ ସରକାର ଆଉ ୫ ଦିନ ଅବଧି ବୃଦ୍ଧି କରିଥିଲେ। ହେଲେ, ଏତିକି ସମୟ ଚାଷୀଙ୍କ ପାଇଁ ଯଥେଷ୍ଟ ହୋଇନଥିଲା। ଏବେ ବି ରାଜ୍ୟରେ ୫୦ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି। କିନ୍ତୁ, ବିଡ଼ମ୍ବନାର ବିଷୟ ହେଲା, ସରକାର ପଞ୍ଜୀକରଣ ଖୋଲୁନାହାନ୍ତି। ଗତ ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମ୍ କିଷାନ ଟଙ୍କା ବାଣ୍ଟିବା ବେଳେ ପଞ୍ଜୀକରଣ ବୃଦ୍ଧି ହେବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ପଞ୍ଜୀକରଣ ବୃଦ୍ଧି ନେଇ ଆଲୋଚନା ଚାଲିଛି, ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ଘୋଷଣା ହୋଇନି। ଏହାର ସୁଯୋଗ ନେଇ ବେପାରୀମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଆଗୁଆ ବଇନା ଦେଇ ଧାନ କିଣିବାକୁ ମସୁଧା କରୁଛନ୍ତି। ଏ କ୍ଷେତ୍ରରେ ଚାଷୀ ସରକାରଙ୍କ ଉପରେ ଭରସା କରିନପାରି ବେପାରୀଠାରୁ ବଇନା ରଖିବାକୁ ବାଧ୍ୟ ହେଉଛି।

ଉଲ୍ଲେଖଯୋଗ୍ୟ, ଧାନର ସର୍ବନିମ୍ନ ମୂଲ୍ୟବୃଦ୍ଧି ସହ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରିବା ପରେ ଅଧିକ ଲୋକ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ଖରିଫ୍ ଚାଷ ପାଇଁ ୧୭ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୧୯ଲକ୍ଷ ୭୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଏବେ ବି ପାଖାପାଖି ୫୦ହଜାର ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି। ଚାଷୀମାନେ ଧାରକରଜ କରି ଚାଷ କରିଛନ୍ତି। ଭଲ ବର୍ଷା ହୋଇଥିବାରୁ ଭଲ ଅମଳ ହେବା ନେଇ ଆଶାବାଦୀ ବି ଅଛନ୍ତି। କିନ୍ତୁ ସରକାର ଧୋକା ଦେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅତିରିକ୍ତ ସହାୟତା ଦେବାକୁ ପଡ଼ିବ ବୋଲି ସରକାର ଆରମ୍ଭରୁ ପଞ୍ଜୀକରଣରେ ଜଟିଳତା ଆଣିଥିଲେ। ଆଉ ଏବେ ଅବଧି ବୃଦ୍ଧି କରୁନାହାନ୍ତି ବୋଲି ଚାଷୀ ନେତା ବିଶ୍ୱମ୍ବର ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାର ଯଦି ପଞ୍ଜୀକରଣ ଚାଲ ନକରନ୍ତି, ତେବେ ଆଗାମୀ ଦିନରେ ବିଧାନସଭା ଆଗରେ ଚାଷୀ ବଡ଼ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ଲ୍ୟାମ୍ପସ୍‌ରେ ତାଲା...

ପହଞ୍ଚି ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଥିଲେ ଆନ୍ଦୋଳନକାରୀ।

ବୈପାରୀଗୁଡ଼ା ବ୍ଲକ୍‌ର ୧୬୭ ଜଣ ଚାଷୀ ୨ ହଜାର ୨୩୦. ୯୦ କ୍ୱିଣ୍ଟାଲ ଚିନାବାଦାମ ମଣ୍ଡିରେ ବିକ୍ରି କରିଥିଲେ। ବିକ୍ରିର ୨୪ ଘଣ୍ଟା ମଧ୍ୟରେ ସମସ୍ତ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି କୁହାଯାଇଥିଲା। କିନ୍ତୁ, ତିନି ମାସ ବିତିଯାଇଥିଲେ ହେଁ ଟଙ୍କାଟିଏ ବି ଚାଷୀଙ୍କୁ ଦିଆଗଲା ନାହିଁ। ଶତାଧିକ ଚାଷୀ ବାରମ୍ବାର ଲ୍ୟାମ୍ପସ କାର୍ଯ୍ୟାଳୟକୁ ଟଙ୍କା ପାଇଁ ଯାଇ ନିରାଶ ହୋଇ ଫେରୁଥିଲେ। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ପରେ କୋରାପୁଟ ବିଧାୟକ ରଘୁରାମ ମାଛ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଆସି ଏମ୍‌ଡିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଚାଷୀ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଫେରାଦ ହୋଇଥିଲେ ସୁଦ୍ଧା ସମସ୍ୟା ସମାଧାନ ହେଲା ନାହିଁ। ଶେଷରେ ଆଜି ଶତାଧିକ ଚାଷୀ ଲ୍ୟାମ୍ପସ ଆଗରେ ଧାରଣା ଦେବା ସହ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଟଙ୍କା ନ ମିଳିବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଜିଦ୍‌ରେ ଅଟଳ ଥିଲେ ଚାଷୀ। ଅପରାହ୍ଣ ୪ଟା ବେଳେ ଜୟପୁରର ମାର୍କଫେଡ୍ କର୍ମଚାରୀ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଆସି ସମସ୍ତ ଚାଷୀଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା କରି ଆସନ୍ତାକାଲି ସମସ୍ତ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ଲିଖିତ ଆକାରରେ ସ୍ପଷ୍ଟୀକରଣ ଦେବା ପରେ ଆନ୍ଦୋଳନରୁ ଓହରିଥିଲେ ଚାଷୀ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୬୩୦-ଆମେରିକାର ବୋଷ୍ଟନ ସହରର ସ୍ଥାପନା।
- ୧୯୫୦- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ।
- ୧୯୫୭- ମାଲେସିଆ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୭୦- ଜୋର୍ଡାନରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂସଦ ମାଲଦ୍ୱୀପ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ କଲା।

## ଅଜବ ବେଉସା

# ଉକୁଣି ଦେଖିବାକୁ ୮ ହଜାର



ମୁଣ୍ଡରେ ଉକୁଣି ହେବା ଏକ ସାଧାରଣ କଥା। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ, ପ୍ରାୟ ସମସ୍ତଙ୍କର ଉକୁଣି ହୋଇଥାଏ। ଉକୁଣି ମୁଣ୍ଡରେ ରହି ମଣିଷର ରକ୍ତ ପିଇଥାନ୍ତି। ଏହା କେଶ ଭିତରେ ରହି ଅଣ୍ଡା ଦେବା ସହ ଅନ୍ୟ ମୁଣ୍ଡକୁ ମଧ୍ୟ ଡେଇଁଥାଏ। ବିଶେଷ କରି ସ୍କୁଲ ପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖା ଦେଇଥାଏ। ଅଷ୍ଟ୍ରେଲିଆ ସିଡ୍‌ନିରେ ରହୁଥିବା ୨୫ ବର୍ଷୀୟା ର୍‌ୟାଚେଲ୍ ମରୋନଙ୍କ ପେଶା ହେଉଛି ଉକୁଣି ବାଛିବା। ଶୁଣିବାକୁ ଅଜବ ଲାଗିଲେ ବି ସେ ତାଙ୍କର ଏହି ନିଆରା ବେଉସାକୁ ନେଇ ଖୁସି ଅଛନ୍ତି। ସାଧାରଣତଃ ପିଲାଙ୍କ ମୁଣ୍ଡରୁ ମା'ମାନେ ଉକୁଣି ଓ ନିଖ ବାଛିବା କାମ କରନ୍ତି। ହେଲେ ର୍‌ୟାଚେଲ୍ ଅଜଣା ଲୋକଙ୍କ ମୁଣ୍ଡରୁ ଉକୁଣି ବାହାର କରି ଆତ୍ମସନ୍ତୋଷ ଲାଭ କରନ୍ତି। ଅବଶ୍ୟ ଏ ଲାଗି ସେ ପାରିଶ୍ରମିକ ନିଅନ୍ତି। ସେହିପରି ଏଭଳି ଏକ କାମକୁ ସେ କ୍ୟାରିୟର କରିଥିବାରୁ ଅନେକ ଲୋକ ତାଙ୍କୁ 'ପାଗଳ' କହୁଥିବା ର୍‌ୟାଚେଲ୍ କୁହନ୍ତି। ସେ ପାଖାପାଖି ଏକ ଦଶନ୍ଧି ହେଲାଣି ଲୋକଙ୍କ ମୁଣ୍ଡରୁ ଉକୁଣି ଦେଖିଆସୁଛନ୍ତି। ବେଳେ ବେଳେ ଏଥିଯୋଗୁଁ ତାଙ୍କ ମୁଣ୍ଡରେ ମଧ୍ୟ ଉକୁଣି ହୋଇ ଯାଉଥିବା କଥା ର୍‌ୟାଚେଲ୍ କୁହନ୍ତି। ହେଲେ ସେ ଏଭଳି କରି ଆଶ୍ୱସ୍ତି ଅନୁଭବ କରନ୍ତି ବୋଲି କହିଛନ୍ତି। ଯଦିଓ ଏହି କାମକୁ ନେଇ ଲୋକେ ତାଙ୍କୁ ଘୃଣା କରନ୍ତି, ହେଲେ ଏହା ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିବା ସେ କୁହନ୍ତି। ଅନ୍ୟପଟେ ର୍‌ୟାଚେଲ୍ ତାଙ୍କର ଏହି କାମର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଏହି ଭିଡିଓଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଥାଏ। ତେବେ ସେ ଏ କାମ ଲାଗି ଗ୍ରାହକଙ୍କଠାରୁ ୮ ହଜାର ଟଙ୍କା ନିଅନ୍ତି। ଏହାସହ ଉକୁଣି ଜନିତ ଯେକୌଣସି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବେ ସେ ଭଲ କରି ଦେଉଥିବା ଦାବି ମଧ୍ୟ କରନ୍ତି। ଯଦି ମୁଣ୍ଡରେ ଅଧିକ ଉକୁଣି ଥାନ୍ତି ତେବେ ଗ୍ରାହକଙ୍କୁ ତାଙ୍କୁ ଦ୍ୱିତୀୟ ଥର ଡାକିବାକୁ ହୋଇଥାଏ। ତେବେ ସେ ସର୍ବାଧିକ ୧୭ ଘଣ୍ଟା ଧରି ଜଣକ ମୁଣ୍ଡରୁ ଉକୁଣି ବାଛିଥିଲେ। ଉକୁଣି ବାଛିବା ବେଳେ ସେକୌଣସି ଗ୍ଲୋଭସ୍ କିମ୍ବା ହେୟାର୍ ନେଟ୍ ଭଳି ସୁରକ୍ଷା ଉପକରଣ ବ୍ୟବହାର କରି ନ ଥାନ୍ତି। ଏସବୁ ବ୍ୟବହାର ନ କରି ଉକୁଣି ବାଛିବା ଦ୍ୱାରା ଗ୍ରାହକ ସହଜ ଅନୁଭବ କରୁଥିବା ର୍‌ୟାଚେଲ୍ କୁହନ୍ତି। ତେବେ ସେ ଏହି କାମ ଫାର୍ମାସିରୁ ଆରମ୍ଭ କରିଥିଲେ। କାରଣ ଏଠାରେ ଏକ ଛୋଟ ଉକୁଣି କ୍ଲିନିକ୍ ଥିଲା। ଏହି କ୍ଲିନିକ୍‌ରେ କାମ କରିବା ବେଳେ ଏହି ପେଶା ପ୍ରତି ସେ ଆକୃଷ୍ଟ ହେଲେ। ଏହାପରେ ସେ ଉକୁଣି ବଛାକୁ କ୍ୟାରିୟର କରିନେଲେ।

# ଦକ୍ଷିଣ ମୁହାଁ ଦିଲଜିତ୍



ଏକଦା ପଞ୍ଜାବ ଇଣ୍ଡଷ୍ଟ୍ରୀରେ ଲୋକପ୍ରିୟ ତାରକା ପାଲଟିଥିବା ଅଭିନେତା ଦିଲଜିତ୍ ଦୋସାଞ୍ଜ ଏବେ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। 'ସର୍ଦ୍ଦାର ଜୀ ୩'ରେ ଦିଲଜିତ୍ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିର୍‌ଙ୍କ ସହ କାମ କରିବାକୁ ନେଇ ବିବାଦକୁ ଆସି ଯାଇଥିଲେ। ଏଥିପାଇଁ ତାଙ୍କୁ 'ବର୍ଡର ୨'ରୁ ମଧ୍ୟ ବାଦ୍ ଦିଆଗଲା ବୋଲି ଖବର ଆସିଥିଲା। ଏହି କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦିଲଜିତ୍ 'ବର୍ଡର ୨' ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଏଭଳି ଗୁଜବକୁ ବନ୍ଦ କରିଥିଲେ। 'ବର୍ଡର ୨' ପରେ ଏବେ ଦିଲଜିତ୍‌ଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ବଲିଉଡ୍‌ରେ ସଫଳ ହେବା ପରେ ଦିଲଜିତ୍ ଏବେ ସାଉଥ୍ ମୁହାଁ। ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରେ ସେ 'କାନ୍ତାରା ଚାପ୍ଟର ୧'ରେ କାମ କରୁଥିବା କଥା କହିଛନ୍ତି। ତେବେ ଋଷଭ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦିଲଜିତ୍ ଅଭିନୟ କରିବେ ନାହିଁ। ସେ ଏଥିରେ ଏକ ଗୀତ ଗାଇବେ। ଦିଲଜିତ୍ ଏକ ଭିଡିଓ ସେୟାର୍ କରି କହିଛନ୍ତି-' ବଡ଼ଭାଇ ଋଷଭ ସେଟ୍ଟୀଙ୍କ ସହ। 'କାନ୍ତାରା' ଭଳି ମାଷ୍ଟରପିସ୍ ବନାଇଥିବା ବ୍ୟକ୍ତିଙ୍କୁ ସ୍ୟାଲୁଟ୍। ମୁଁ ଅକ୍ଟୋବର ୨ ପର୍ଯ୍ୟନ୍ତ 'କାନ୍ତାରା ଚାପ୍ଟର ୧'କୁ ସିନେମା ହଲ୍‌ରେ ଦେଖିବାକୁ ଅପେକ୍ଷା କରିପାରିବି ନାହିଁ।' ଏଠାରେ ପ୍ରକାଶ ଥାଉ କି, 'କାନ୍ତାରା ଚାପ୍ଟର-୧' ୨୦୨୨ରେ ଆସିଥିବା 'କାନ୍ତାରା'ର ପ୍ରିକ୍ୱେଲ। ଏହା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଜିତିଥିଲା।

# ସାମାଜିକ ଗଣମାଧ୍ୟମର ସ୍ମୃତିରୁ ବଢ଼ୁଛି ଚିନ୍ତା

ସାମାଜିକ ଗଣମାଧ୍ୟମ ଏବେ ଜୀବନର ଏକ ବଡ଼ ଅଂଶ ପାଲଟିଥିବା ବେଳେ ଏହାକୁ ନେଇ ଏକ ନୂଆ ଟ୍ରେଣ୍ଡ ଆସିଛି। ଏହାର ନାଁ 'ଡିଜିଟାଲ ହଣ୍ଟିଂ'। ଏହାର ଅର୍ଥ ହେଉଛି ଡିଜିଟାଲ ଅତୀତ, ଯାହା କଦାପି ନଷ୍ଟ ହୋଇ ନ ଥାଏ। ଏହାଦ୍ୱାରା ଜଣେ ଚାହୁଁ ବା ନ ଚାହୁଁ ତା'ର ଅତୀତର କିଛି ସ୍ମୃତି ଡିଜିଟାଲ ମାଧ୍ୟମରେ ବାରମ୍ବାର ତା'ର ଆଖି ସାମ୍ନାକୁ ଆସିଥାଏ। ପୁରୁଣା ଫଟୋ, ପୋଷ୍ଟ, ଚାଟ୍, ସ୍ମୃତି, ତ୍ରୁଟି ଯାହା ପୂର୍ବରୁ ମଣିଷ କରିଥାଏ ଡିଜିଟାଲ ହଣ୍ଟିଂ ମାଧ୍ୟମରେ ବାରମ୍ବାର ଆଖି ସାମ୍ନାକୁ ଆସି ମାନସିକ ଶାନ୍ତି ଭଙ୍ଗ କରେ। ଏପରିକି ଅନେକ ସମୟରେ ଏହା ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି କରେ। ସରଳ ଭାଷାରେ କହିଲେ, କୌଣସି ପୁରୁଣା ସମ୍ପର୍କ ତଥା ଫଟୋ ଅଚାନକ ଟାଇମଲାଇନ୍‌ରେ ଦେଖାଇଲେ ମସ୍ତିଷ୍କ ସେହି ପୁରୁଣା କଥାକୁ ମନେପକାଇ ଅବସାଦ ମଧ୍ୟରେ ରୁହେ। ସେହିପରି ସାମାଜିକ ଗଣମାଧ୍ୟମ, ଦୁଇ ବର୍ଷ ତଳର ପୁରୁଣା ସ୍ମୃତିର ନୋଟିଫିକେସନ ପ୍ରେରଣ କରେ। ହେଲେ ସବୁ ସ୍ମୃତି ସୁଖଦ ହୋଇ ନ ଥାଏ। କିଛି ଫଟୋ ଅତୀତର କିଛି ତିକ୍ତ ଅନୁଭୂତି, ବ୍ରେକ୍‌ଅପ୍, ଏକାକୀତ୍ୱ କଥାକୁ ମନେ ପକାଇଦିଏ। ଏହା ଅତୀତର ସେହି ଯନ୍ତ୍ରଣାକୁ ପୁଣି ଥରେ ମନେ ପକାଇ ଦିଏ। ସେହିପରି ଏହାକୁ ଅତିକ୍ରମ କରି ଆଗକୁ ବଢ଼ୁଥିବା ଲୋକ ପୁଣି ଭାବପ୍ରବଣ ହୋଇ ଚିନ୍ତାରେ ବୁଡ଼ି ରହନ୍ତି। ଅବଶ୍ୟ ସମୟ ସହିତ ମଣିଷ ବଦଳୁଛି, ହେଲେ ଇଣ୍ଟରନେଟ୍ ନୁହେଁ। ମଣିଷ ବଦଳିଗଲେ ବି ପୋଷ୍ଟ କରାଯାଇଥିବା ପୁରୁଣା ଫଟୋ, ପୋଷ୍ଟ ବାରମ୍ବାର ସାମ୍ନାକୁ ଆସେ। ବେଳେ ବେଳେ ପୁରୁଣା ପରିଚୟ ବର୍ତ୍ତମାନ ସମୟ ସହିତ ମେଳ ଖାଇ ନ ଥାଏ। ପୁରୁଣା ଫଟୋ ତଥା ପୋଷ୍ଟ ଦେଖି ଲୋକେ ଜୀବନରେ ଆଗକୁ ବଢ଼ିଥିବା ଲୋକଟିକୁ ନେଇ ମନରେ ଭୁଲ ଧାରଣା ଆଣିଥାନ୍ତି। ଡିଜିଟାଲ ହଣ୍ଟିଂ କେବଳ ପୁରୁଣା ପୋଷ୍ଟ ପର୍ଯ୍ୟନ୍ତ ସୀମିତ ନାହିଁ, ଲାଷ୍ଟ ସିନ୍, ନୋଟିଫିକେସନ, ଟ୍ୟାଗ କରାଯାଇଥିବା ଫଟୋ ସେହିମାନଙ୍କୁ ମନେ ପକାଇ ଦିଏ, ଯେଉଁମାନଙ୍କଠାରୁ ଆମେ ଦୂରେଇ ଯାଇଥାଉ। ତେଣୁ ଏଥିରୁ ଦୂରେଇ ରହିବା ଲାଗି ପୁରୁଣା ପୋଷ୍ଟ, ଚାଟ୍, ଫଟୋ ଆଦିଗୁଡ଼ିକୁ ଡିଲିଟ୍ କରିଦେବା ଦରକାର। ସବୁଠୁ ବଡ଼ କଥା ହେଲା ସାମାଜିକ ଗଣମାଧ୍ୟମରେ ନୋଟିଫିକେସନକୁ ନିୟନ୍ତ୍ରିତ କରିବା ଉଚିତ। ଏହାବାଦ୍ ମଝିରେ ମଝିରେ ଡିଜିଟାଲ ଡିଟକ୍ସ ଆପଣାଇବା ଉପରେ ଗୁରୁତ୍ୱ ଦେବା ଦରକାର।



## ସମ୍ଭାବନା



# ନାନୋ ବାନାନା ଟ୍ରେଣ୍ଡ

**ଏଆଇ ଟୁଲ୍ ସାହାଯ୍ୟରେ ଫଟୋକୁ ଏଡିଟ୍ କରି ତାହାକୁ ସୋସିଆଲ ମିଡିଆରେ ସେୟାର୍ କରିବାର ଅଲଗା ଅଲଗା ଟ୍ରେଣ୍ଡ ଚାଲୁଛି। ଏହି କ୍ରମରେ ଏବେ ନାନୋ ବାନାନା ଟ୍ରେଣ୍ଡ ଚର୍ଚ୍ଚାରେ ଅଛି। ଏହି ଟ୍ରେଣ୍ଡରେ ଲୋକେ ନିଜ ଫଟୋକୁ ଥ୍ରୀଡି ମଡେଲରେ ବଦଳାଇ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି।**




ନାନୋ ବାନାନା ଫଟୋ ତିଆରି କରିବା ଲାଗି ଗୁଗଲ ଏଆଇ ଜେମିନିର ବ୍ୟବହାର କରାଯାଉଛି। ଜେମିନି ୨.୫ ଫ୍ଲାସ୍‌କୁ ହିଁ ଲୋକେ ନାନୋ ବାନାନା ନାଁ ଦେଇଛନ୍ତି। ତେଣୁ ଏହି ଟ୍ରେଣ୍ଡର ନାଁ ନାନୋ ବାନାନା ହୋଇଛି। ଗୁଗଲର ଏଆଇ ଟୁଲ୍ ଜେମିନି ୨.୫କୁ ଯାଇ ସୋପାନ ଅନୁସାରେ, ଥ୍ରୀଡି ମଡେଲ ଫଟୋକୁ କ୍ରିଏଟ୍ କରିପାରିବେ। ତେବେ ପ୍ରଥମେ ଜେମିନି ୨.୫ରେ ନିଜର ଫଟୋକୁ ଅପଲୋଡ୍ କରିବାକୁ ହେବ। ଏହାପରେ ଏହାକୁ ଏଡିଟ୍ କରିବା ଲାଗି ଏକ ପ୍ରମପ୍ଟ ଦେବାକୁ ପଡ଼େ। ସେହିପରି ନିଜର ଫଟୋ ଅପଲୋଡ୍ କରିବା ପାଇଁ ପ୍ରଥମେ ନାନୋ ବାନାନା ମଡେଲ ବାଛିବାକୁ ହେବ। ଜେମିନିରେ ଏହାକୁ କଦଳୀ ଆଇକନ୍‌ରେ ଚିହ୍ନଟ କରାଯାଉଛି। ଏହି ଆଇକନ୍ ଉପରେ କ୍ଲିକ୍ କରିବା ପରେ ହିଁ ଫଟୋ ଅପଲୋଡ୍ କରିବାକୁ ହୁଏ। ସେହିପରି ଫଟୋକୁ ଥ୍ରୀଡି ମଡେଲରେ ବଦଳାଇବା ପାଇଁ ପ୍ରମପ୍ଟ ଦେବାକୁ ପଡ଼େ। ପ୍ରମପ୍ଟରେ ଫଟୋର ସାଇଜ, ବ୍ୟାକଗ୍ରାଉଣ୍ଡ ଏବଂ ପରିବେଶକୁ ବଦଳାଇବାର ନିର୍ଦ୍ଦେଶ ଜେମିନି ୨.୫କୁ ଦିଆଯାଏ। ତେବେ କିଛି ସେକେଣ୍ଡରେ ଏହା ମୂଳ ଫଟୋକୁ ଏଡିଟ୍ କରି ଏହାକୁ ନାନୋ ବାନାନା ବା ଥ୍ରୀଡି ମଡେଲରେ ବଦଳାଇ ଥାଏ। ଅନ୍ୟପଟେ ଗୁଗଲ ଇଣ୍ଡିଆ ଏହି ଫଟୋକୁ ତିଆରି କରିବାର ପ୍ରକ୍ରିୟାକୁ ସହଜ କରିବା ଲାଗି ଏକ୍ସରେ ଏକ ପ୍ରମପ୍ଟ ପୋଷ୍ଟ କରିଛି। ଏଥିରେ କେବଳ ସେହି ପ୍ରମପ୍ଟକୁ ପୋଷ୍ଟ କରି ସେଣ୍ଡରେ କ୍ଲିକ୍ କରିବାକୁ ହେବ। ସେହିପରି ନାନୋ ବାନାନାର ସୁବିଧା ଗୁଗଲ ଏଆଇର ଷ୍ଟୁଡିଓରେ ମାଗଣାରେ ଉପଲବ୍ଧ ଅଛି। କେହି ବି ଜେମିନି ୨.୫ର ମାଗଣା ବ୍ୟବହାର କରି ଏହି ଫଟୋକୁ ତିଆରି କରିପାରିବେ। ଏହାର ମାଗଣା ଉପଯୋଗ ସୀମିତ ଏବଂ ଅଧିକ ଫଟୋ ତିଆରି କରିବା ଲାଗି ବ୍ୟବହାରକାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। ଅନ୍ୟପଟେ ଏହି ଟ୍ରେଣ୍ଡ ସହିତ ଯୁବତୀମାନେ ଜେମିନି ଏଆଇ ଶାଢ଼ି ଟ୍ରେଣ୍ଡକୁ ଆପଣାଉଛନ୍ତି। ଯାହାକି ଖୁବ୍ ଭାଇରାଲ ହେଉଛି।

## ଚାକିରିର ଅଜବ ନିୟମ

**ଚାକିରିରେ ଲୋକଙ୍କୁ ବିଭିନ୍ନ କାଇଦା କାନୁନ୍ ମାନିବାକୁ ପଡ଼ିଥାଏ। ହେଲେ କିଛି ଦେଶରେ ଅଜବ ତଥା ନିଆରା ନିୟମ ଅଛି, ଯାହାକି ଚାକିରି ପାଇବା ଏବଂ ଚାକିରିକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।**



**ନ୍ୟୁଜିଲାଣ୍ଡ:** ଏଠାରେ ଅଫିସ୍‌ରେ କର୍ମଚାରୀଙ୍କୁ ଫନି ଟୋପି ପିନ୍ଧିବା ମନା। ଏଠାରେ କୌଣସି କର୍ମଚାରୀ ଏଭଳି କଲେ ୟୁନିଫର୍ମ କୋଡ୍ ଉଲ୍ଲଙ୍ଘନ ହୋଇଥାଏ। ଏ ଲାଗି ସେମାନଙ୍କର ଦରମାରୁ ୧୦ ପ୍ରତିଶତ କଟାଯାଏ। ଏଠାରେ ଏହାକୁ କଡ଼ାକଡ଼ି ପାଳନ କରାଯାଏ।

**ଜର୍ମାନୀ:** ସେହିପରି ଜର୍ମାନୀରେ ଓଭର୍ ଟାଇମ୍ କାମ କରିବା ମନା। ଧାର୍ଯ୍ୟ ସମୟ ସମୟଠାରୁ କର୍ମଚାରୀଙ୍କୁ ଅତିରିକ୍ତ କାମ କରାଇଲେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଏପରିକି ୱାର୍କିଂ ସମୟ ଶେଷ ହେବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବା ମନା। ଏହାର ଉଦ୍ଦେଶ୍ୟ ହେଉଛି କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା।

**ବ୍ରିଟେନ:** ଏଠାରେ କୌଣସି କମ୍ପାନିରେ ୧୦୦ରୁ ଅଧିକ କର୍ମଚାରୀ ଥିଲେ ସରକାରଙ୍କୁ ସୂଚନା ନ ଦେଇ କୌଣସି କର୍ମଚାରୀଙ୍କୁ ବହିଷ୍କୃତ କରାଯାଇପାରିବ ନାହିଁ। କର୍ମଚାରୀଙ୍କୁ ମାସେରୁ ତିନିମାସ ସମୟ ଦିଆଯାଏ। ଯେଭଳି ସେମାନେ ନୂଆ ଚାକିରି ଖୋଜି ନିଜକୁ ପ୍ରସ୍ତୁତ କରିବେ।

**ଜାପାନ:** ଜାପାନରେ ଲୋକଙ୍କ ଅଣ୍ଟା ମାପ ଦେଖି ଚାକିରି ପ୍ରଦାନ କରାଯାଏ। ପୁରୁଷଙ୍କ ଅଣ୍ଟା ୩୩.୫ ଇଞ୍ଚ ଏବଂ ମହିଳାଙ୍କର ୩୫.୪ ଇଞ୍ଚରୁ ଅଧିକ ନ ହେବା ଦରକାର। ଏହି ସୀମାଠାରୁ ଅଧିକ ହେଲେ କର୍ମଚାରୀଙ୍କୁ ଡାଏଟିଂ କ୍ଲାସ୍‌ରେ ସାମିଲ ହେବାକୁ ପଡ଼ିଥାଏ। ଏହାସହ ତିନି ମାସ ମଧ୍ୟରେ ସେମାନଙ୍କୁ ଓଜନ କମ୍ କରିବାକୁ ହୋଇଥାଏ।

# କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ସିଲେକସନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ୍ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...**

ଅନେକ ପିଲା ଭାବନ୍ତି ଭଲ ମାର୍କ ହିଁ ଚାକିରି ମିଳିବା ପାଇଁ ଯଥେଷ୍ଟ। ତେବେ କ୍ୟାମ୍ପସ୍ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା କରିବା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ। ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ତେଣୁ ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



# ଘୋଷ୍ଟିଂରୁ ହ୍ରାସ ପାଏ ଆତ୍ମବିଶ୍ୱାସ




କୌଣସି ବ୍ୟକ୍ତି କିଛି ନ କହି ଅଚାନକ କଲ, ମେସେଜ ଓ କଥାବାର୍ତ୍ତାରୁ ଦୂରେଇ ଯିବାକୁ ଘୋଷ୍ଟିଂ କୁହାଯାଏ। ରୋମାଣ୍ଟିକ୍ ଲାଇଫରେ ଘୋଷ୍ଟିଂ ଜରୁରି ନୁହେଁ। ସାଙ୍ଗ ଓ ସହକର୍ମୀ ଅଚାନକ ସମ୍ପର୍କ ଭାଙ୍ଗି ଘୋଷ୍ଟ କରିପାରନ୍ତି। ମୁଖ୍ୟତଃ ଝଗଡ଼ାରୁ ରକ୍ଷା ପାଇବା, ସମ୍ପର୍କରୁ ଥକ୍କି ଯିବା, 'ନା' କହିବାର ସାହସ ରଖୁ ନ ଥିବା ଲୋକ ହିଁ ଘୋଷ୍ଟିଂକୁ ଆପଣାନ୍ତି। କିଛି ଲୋକ ଏମିତି କରି ସମସ୍ୟାରୁ ମୁକୁଳିବାର ସହଜ ଉପାୟ ବୋଲି ଭାବନ୍ତି। ବର୍ତ୍ତମାନ କାହା ସହିତ ଅଚାନକ ସମ୍ପର୍କ ଭାଙ୍ଗିବା ବହୁତ ସହଜ ହୋଇଗଲାଣି। ଏଭଳି କରିବା ଦ୍ୱାରା ପୀଡ଼ିତ ବ୍ୟକ୍ତିଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼େ। ଘୋଷ୍ଟିଂରୁ ପୀଡ଼ିତ ବ୍ୟକ୍ତି ଆତ୍ମବିଶ୍ୱାସ ଅଭାବକୁ ସାମ୍ନା କରନ୍ତି। ସେମାନେ ଅସୁରକ୍ଷିତ ଅନୁଭବ କରନ୍ତି। ସେହିପରି ଏହା ଯୋଗୁଁ ନିଜ ଭିତରେ ଆତ୍ମଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଘୋଷ୍ଟ କରୁଥିବା ବ୍ୟକ୍ତି ମୁଖ୍ୟତଃ ସମସ୍ୟା ସାମ୍ନା କରିବାରୁ ରକ୍ଷା ପାଏ। ଏଭଳି କରି ସେମାନଙ୍କୁ ବାସ୍ତବ ପ୍ରସଙ୍ଗକୁ ସାମ୍ନା କରିବାର ସାହସ ମିଳେନି। ଡିଜିଟାଲ ସମ୍ପର୍କ ଏହି ସମୟରେ ଘୋଷ୍ଟିଂ ଏକ ବଡ଼ ସମସ୍ୟା। ଏହା ଅନ୍ୟର ଭାବନାକୁ ଅଣଦେଖା କରିବା ଏବଂ ଅନେକ ସମୟରେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ସେହିପରି କେହି ଘୋଷ୍ଟ କରୁଥିଲେ ଏହାକୁ ନିଜ ଭୁଲ ବୋଲି ଭାବିବା ଅନୁଚିତ। ଆବଶ୍ୟକ ପଡ଼ିଲେ ବିଶ୍ୱାସଯୋଗ୍ୟ ଲୋକଙ୍କ ସହିତ ଏହି କଥା ସେୟାର୍ କରନ୍ତୁ। ନିଜର ଆତ୍ମସମ୍ମାନ ବଜାୟ ରଖନ୍ତୁ।

**ଏସିଆ କପ୍‌ରେ ହାତ ନ ମିଳାଇବାକୁ ନେଇ ବିବାଦ**

# ପାଇକ୍ରଫ୍ଟ ରହିବେ, ପାକିସ୍ତାନ ଓହରିପାରିବନି

ଦୁବାଇ,୧୬।୯ (ଏଜେନ୍ସି)





ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ମିଳାଇବାକୁ ମନା କରିଥିବା ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ଏସିଆ କପ୍‌ରୁ ତାଙ୍କ ବହିଷ୍କାର ଦାବି କରିଥିଲା। ଯଦି ତାଙ୍କୁ ବହିଷ୍କାର କରା ନ ଯାଏ ତେବେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ଉଭୟ ଘଟଣାରେ ପାକିସ୍ତାନର ଦାବି ଅଗ୍ରାହ୍ୟ ହୋଇଯାଇଛି। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବିଦା କରିବାକୁ ଆଇସିସି ସ୍ପଷ୍ଟଭାବେ ମନା କରିଦେଇଛି। ଅନ୍ୟ ପକ୍ଷରେ ପାକିସ୍ତାନ ଓହରିଯିବ ବୋଲି ଯେଉଁ ଧମକ ବୋର୍ଡ ସଭାପତି ଦେଇଥିଲେ ତାହା ମଧ୍ୟ କରିପାରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି। ଏହା ଫଳରେ ପାକିସ୍ତାନ ଉଭୟ ଘଟଣାରେ ଲୋକହସା ହୋଇଛି। ପାକିସ୍ତାନର ପରବର୍ତ୍ତୀ ମୁକାବିଲା ୟୁଏଇ ସହ ହେବ। ପାକିସ୍ତାନ ରାଜନୀତିରେ ଘଡିକୋ ଘୋଡା ଛୁଟୁଥିଲାବେଳେ ମ୍ୟାଚ୍ ପୂର୍ବରୁ ଦଳର ନିଷ୍ପତ୍ତି କ'ଣ ହେବ ତାହା ଜଣାପଡ଼ିବ।

## ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତି କଷ୍ଟକର

ପାଇକ୍ରଫ୍ଟଙ୍କୁ ବହିଷ୍କାର କରା ନଗଲେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଗତକାଲି ଧମକ ଦେଇଥିଲେ। ଏବେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଖବର ଗୋଟିଏ ଦିନ ଆଗରୁ ଜାଣିସାରିଛି। କିନ୍ତୁ ଏହା ମଧ୍ୟରେ କୌଣସି ନିଷ୍ପତ୍ତି ନେଇପାରି ନାହିଁ ପିସିବି। କିନ୍ତୁ ପିସିବିର ଆଭ୍ୟନ୍ତରୀଣ ସୂତ୍ରରୁ ଜଣାଯାଇଛି, ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିବା କଷ୍ଟକର। ପାକିସ୍ତାନ ଯଦି ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ତେବେ ରାଜିନାମା ଅନୁଯାୟୀ ବିପୁଳ ପରିମାଣରେ ଅର୍ଥ ଦଣ୍ଡ ଆକାରରେ ଦେବାକୁ ହେବ। ଏବେ ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ରହିଛନ୍ତି। ଏଣୁ ଆର୍ଥିକ ଦଣ୍ଡର ପରିମାଣ ଆଦୌ କମିବ ନାହିଁ। ଯେଉଁ ଅର୍ଥ ଦଣ୍ଡ ଆକାରରେ ଦିଆଯିବ, ସେତିକି ଅର୍ଥ ପାକିସ୍ତାନ କ୍ରିକେଟ ବୋର୍ଡ ନିକଟରେ ନାହିଁ। ବିଶେଷକରି ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଲାଗି ପ୍ରମୁଖ ଷ୍ଟାଡିୟମ୍‌ର ନବୀକରଣରେ ବହୁତ ଅର୍ଥ ବ୍ୟୟ କରାଯାଇଛି। ପାକିସ୍ତାନକୁ ଖେଳିବାକୁ ଭାରତ ନ ଯିବାରୁ ଅନେକ କ୍ଷତି ସହିଛି ବୋର୍ଡ। ଏଣୁ ବୋର୍ଡ ଏତେ ପରିମାଣରେ ଅର୍ଥ ଦେବାକୁ ସକ୍ଷମ ନୁହେଁ। ଯଦି ସରକାର ଚାହାନ୍ତି, ତେବେ ଓହରିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରେ ବୋଲି ସମ୍ପୃକ୍ତ କର୍ମକର୍ତ୍ତାଜଣଙ୍କ କହିଛନ୍ତି।

## ପାକ୍ ଦାବିକୁ ଆଇସିସିର ଅଗ୍ରାହ୍ୟ

ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅଧିନାୟକ ପରସ୍ପର ସହ ହାତ ମିଳାଇବାର ପରମ୍ପରା ଆରମ୍ଭରୁ ରହିଆସିଛି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚରେ ଏହା ଦେଖିବାକୁ ମିଳି ନ ଥିଲା। ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଅଧିନାୟକ ସଲମାନ୍ ଅଲି ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ବେଳେ ପଡ଼ିଆରେ ଉପସ୍ଥିତ ଥିବା ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ନ ମିଳାଇବାକୁ କୁଆଡେ ସଲମାନ ଅଲିଙ୍କୁ କହିଥିଲେ। ଏଭଳି ଏକ ଅଭିଯୋଗ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ କରାଯାଇଥିଲା। ପାଇକ୍ରଫ୍ଟ ଏଭଳି ନିର୍ଦ୍ଦେଶ ଦେବା ଫଳରେ ସ୍ପିରିଟ ଅଫ୍ ଦ ଗେମ୍ ଓ ଏମ୍‌ସିସି ନିୟମକୁ ଉଲ୍ଲଙ୍ଘନ କରିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଅଭିଯୋଗ କରିଥିଲା। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌କୁ ତୁରନ୍ତ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଅଭିଯୋଗ କରିଥିଲା। କିନ୍ତୁ ପାଇକ୍ରଫ୍ଟଙ୍କୁ ବିଦା କରାଯିବ ନାହିଁ ବୋଲି ପାକିସ୍ତାନର ଦାବିକୁ ଆଇସିସି ସିଧାସଳଖ ମନାକରିଦେଇଥିଲା। ଏହା ଫଳରେ ପାଇକ୍ରଫ୍ଟଙ୍କୁ ନେଇ ପାକିସ୍ତାନ ଯେଉଁ ବିବାଦ ସୃଷ୍ଟି କରିବାକୁ ଚାହୁଁଥିଲା ତାହା ଫସର ଫାଟିଯାଇଛି।

ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏଯାଏ ତ ଭାରତ ଉପରେ କୌଣସି ଦଣ୍ଡ ବିଧାନ କରାଯାଇନାହିଁ, କିନ୍ତୁ କ୍ରିକେଟ ଖେଳରେ ଯେଉଁ ସ୍ପିରିଟ୍ ଅଫ୍ ଗେମ୍ ଥିଲା ତାହା ଏହି ଘଟଣାରେ ନଷ୍ଟ ହୋଇଯାଇଛି। ପରମ୍ପରା ଯାଇଛି, ବିବାଦ ସୃଷ୍ଟି ହୋଇଛି ଓ ଅଣଖେଳୱାଡ ମନୋଭାବ ପୋଷଣ କରାଯାଇଛି। ପାକିସ୍ତାନ ପକ୍ଷରୁ କରାଯାଇଥିବା ଅଭିଯୋଗରେ ମଧ୍ୟ ମ୍ୟାଚ୍ ରେଫରି ତାଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିନାହାନ୍ତି ବୋଲି ଦର୍ଶାଯାଇଛି। ସେ ଯାହା ହେଉ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ହୋଇଥିବା ଦାବିକୁ ଆଇସିସି ଅଗ୍ରାହ୍ୟ କରିବା ପରେ ପାକିସ୍ତାନ ଏବେ କି ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା କରାଯାଇଛି।

# 'କର ବା ମର' ସ୍ଥିତିରେ ପାକ୍, ୟୁଏଇ

ଦୁବାଇ, ୧୬।୯: ଚଳିତ ଏସିଆ କପ୍‌ରେ ଗ୍ରୁପ୍ 'ଏ'ରୁ ପ୍ରଥମ ଦଳ ଭାବେ ସୁପର-୪ରେ ପ୍ରବେଶ କରିଛି ଭାରତ। ଓମାନ୍‌କୁ ୟୁଏଇ ପରାସ୍ତ କରିବା ପରେ ଭାରତର ସୁପର-୪ ଖେଳିବା ନିଶ୍ଚିତ ହୋଇଛି। ଓମାନ୍ ବିଦାୟ ନେଇଥିବା ବେଳେ ଗୋଟିଏ ସୁପର-୪ ସ୍ଥାନ ପାଇଁ ଦୁଇ ଦାବିଦାର ହେଲେ ପାକିସ୍ତାନ ଓ ୟୁଏଇ। ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗ୍ରୁପ୍ 'ଏ' ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ନକ୍‌ଆଉଟ୍ ପରି। ଏହି ମ୍ୟାଚ୍‌ର ବିଜେତା ସୁପର-୪ ଖେଳିବ ଏବଂ ପରାଜିତ ଦଳ ବିଦାୟ ନେବ। ତେଣୁ ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ପାକିସ୍ତାନ ଖେଳାଳିଙ୍କ ସମସ୍ତ ଧ୍ୟାନ ଏହି ମ୍ୟାଚ୍ ଉପରେ ରହିବ କି ନାହିଁ, ତାହା କହିବା କଷ୍ଟକର। ଭାରତ ବିପକ୍ଷରେ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ହାତ ନ ମିଳାଇବା ଘଟଣାକୁ ନେଇ କ୍ରିକେଟ୍ ଜଗତରେ ତୁମ୍ବି ତୋଫାନ ଚାଲିଛି। ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଏକତରଫା ଭାବେ ଜିତି ପାକିସ୍ତାନକୁ ଲଜ୍ଜିତ କରିଛି। ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବ ବୋଲି ଧମକ ଦେଇଥିଲେ ହେଁ ଏହାର ସମ୍ଭାବନା କମ୍। ସବୁ ବିବାଦକୁ ଭୁଲି ପାକିସ୍ତାନ ଦଳକୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକାଗ୍ର ହୋଇ ଖେଳିବାକୁ ପଡ଼ିବ। କାରଣ ୟୁଏଇ ଭଳି ଦୁର୍ବଳ ଦଳଠାରୁ ପରାଜୟ ପାକିସ୍ତାନର ଅପମାନକୁ ଦ୍ୱିଗୁଣିତ କରିବ। ଓମାନ୍ ବିପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚ୍ ଜିତିଥିଲେ ହେଁ ମହମ୍ମଦ ହାରିସ୍‌ଙ୍କୁ ଛାଡ଼ି ଅନ୍ୟ କେହି ବଡ଼ ସ୍କୋର୍ କରି ପାରିନଥିଲେ। ଓପନର ସାହେବ୍‌ଜାଦା ଫର୍‌ହାନ ଓମାନ୍ ଓ ଭାରତ ବିପକ୍ଷ ମ୍ୟାଚ୍‌ରେ କିଛି ରନ୍ କରିଥିଲେ ହେଁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଛନ୍ତି। ଓପନର ସେମ୍ ଆୟୁବ ଓ ଅଧିନାୟକ ସଲ୍‌ମାନ ଆଗା ଉଭୟ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଫଖର ଜମାନ୍ ମଧ୍ୟ ବଡ଼ ସ୍କୋର୍ କରି ପାରିନାହାନ୍ତି। ହାସନ୍ ନୱାଜ୍ ଭଲ ବ୍ୟାଟ୍‌ସମ୍ୟାନ ବୋଲି କୁହା ଯାଉଥିଲେ ହେଁ ସେ ଭଲ ପ୍ରଦର୍ଶନ କରି ପାରିନାହାନ୍ତି।

## ସାମ୍ବାଦିକ ସମ୍ମିଳନୀ ବାତିଲ କଲା ପାକିସ୍ତାନ

ଦୁବାଇ: ଏସିଆ କପ୍‌ରେ ପାକିସ୍ତାନ ପିଛା ଛାଡୁନି ବିବାଦ। ଆସନ୍ତାକାଲି ୟୁଏଇ ସହ ହେବାକୁ ଥିବା କର ଅବା ମର ମୁକାବିଲା ପୂର୍ବରୁ ଆଜି ହେବାକୁ ଥିବା ନିୟମିତ ସାମ୍ବାଦିକ ସମ୍ମିଳନୀକୁ ପାକିସ୍ତାନ ବାତିଲ କରିଛି। ଏହା ଫଳରେ ପାକିସ୍ତାନ ଆଉ ଏକ ବିବାଦ ଘେରକୁ ଆସିଛି। ଭାରତୀୟ ଖେଳାଳିଙ୍କ ସହ ପାକିସ୍ତାନ ଖେଳାଳିଙ୍କୁ ହାତ ମିଳାଇବାକୁ ବାରଣ କରିଥିବା ଅଭିଯୋଗରେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବହିଷ୍କାର କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ଦାବି କରିଥିଲା। ତାଙ୍କୁ ବହିଷ୍କାର କରା ନ ଗଲେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିବାକୁ ଧମକ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବାକୁ ଆଇସିସି ମନା କରିବା ପରେ ଆଜି ପାକିସ୍ତାନ ସାମ୍ବାଦିକ ସମ୍ମିଳନୀକୁ ଆସି ନ ଥିଲା।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ପାକିସ୍ତାନ-ୟୁଏଇ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ତାନଜିଦ୍ ହାସନଙ୍କ ଅର୍ଦ୍ଧଶତକ

ଦୁବାଇ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍-ବି'ର ଆଜି ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ମୁକାବିଲାରେ ବାଂଲାଦେଶର ଓପନର ତାନ୍‌ଜିଦ୍ ହାସନ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୩୧ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୫୨ ଏବଂ ଅନ୍ୟତମ ଓପନର ସୈଫ ହାସନ ୨୮ ବଲ୍‌ରେ ୩୦ ରନ୍



କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୫୪ ରନ୍ କରିଥିଲା। ଦଳ ଏକଦା ୧୩ ଓଭରରେ ୧୦୪ ରନ୍ କରିଥିଲେ ମଧ୍ୟ ଆଫଗାନ ବୋଲର ଶେଷ ୭ ଓଭରରେ ମାତ୍ର ୫୦ ରନ୍ ଦେଇ ବାଂଲାଦେଶକୁ ଏକ ଛୋଟିଆ ସ୍କୋରରେ ଅଟକାଇଥିଲେ। ଏହି ସମୟରେ ତୋହିଦ୍ ହୃଦୟ ୨୦ ବଲ୍‌ରେ ୨୬ ରନ୍ କରିବା ଫଳରେ ଦଳ ଦେଢ଼ଶ ରନ୍ ଅତିକ୍ରମ କରିଥିଲା। ପ୍ରତିପକ୍ଷ ଦଳର ଅଧିନାୟକ ରଶିଦ୍ ଖାନ୍ ଓ ନୁର ଅହମ୍ମଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୬ ଓଭର ଖେଳ ଶେଷସୁଦ୍ଧା ଆଫଗାନିସ୍ତାନ ୨ ୱିକେଟ ହରାଇ ୨୭ ରନ୍ ସଂଗ୍ରହ କରିନେଇଛି। ସେଦିକୁଲା ଅଟଲ ୦ ଓ ଇବ୍ରାହିମ୍ ଜଦ୍ରାନ ୫ ରନ୍‌ରେ ସ୍ପିନର ନାସୁମ ଅହମ୍ମଦ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

## ଜାନୁଆରୀରେ ମହିଳା ପ୍ରିମିୟର ଲିଗ୍

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ତାରିଖ ଓ ଭେନ୍ୟୁ ସ୍ଥିର ହୋଇନାହିଁ। କିନ୍ତୁ ଆଇପିଏଲ୍ ପରି ଡବଲ୍ୟୁପିଏଲ୍‌କୁ ସ୍ୱତନ୍ତ୍ର ୱିଣ୍ଡୋ ଦିଆଯାଇଥିବାରୁ ଏହା ୨୬ରୁ ୨୭ ଦିନରେ ଶେଷ ହେବ ବୋଲି ସ୍ପଷ୍ଟ ହୋଇଛି। ଏଣୁ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୬ କିମ୍ବା ୮ରୁ ଆରମ୍ଭ ହେବ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ। ଏଣୁ ବିସିସିଆଇ ଅଧିକ ଦିନ ନେବନାହିଁ। ତେବେ ଏହି ସଂସ୍କରଣରେ ପୂର୍ବପରି ୫ଟି ଦଳ ଖେଳିବେ ନା ଅଧିକ, ମ୍ୟାଚ୍ ଫି ବଢ଼ିବା ଆଦି ଘଟଣା ଦେଖିବାକୁ ମିଳିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏଣୁ ସମର୍ଥକମାନେ ବିସିସିଆଇର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି।

WOMEN'S PREMIER LEAGUE

## ମନ୍ଧାନା ଦିନିକିଆରେ ନଂ-୧ ବ୍ୟାଟର

ଦୁବାଇ,୧୬।୯ (ସମିସ): ଭାରତୀୟ ଓପନର ସ୍ମୃତି ମନ୍ଧାନା ପୁଣିଥରେ ଦିନିକିଆ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ନଂ-୧ ମାନ୍ୟତା ହାସଲ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ସହ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ୬୩ ବଲ୍‌ରୁ ୫୮ ରନ୍ କରିବା ଫଳରେ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତାରେ ନଂ-୧



ସ୍ଥାନକୁ ଫେରିଛନ୍ତି। ଏହି ସ୍ଥାନରେ ଥିବା ଇଂଲଣ୍ଡର ନାଟାଲି ସିଭର-ବ୍ରଣ୍ଟ ନଂ-୨ ସ୍ଥାନକୁ ଫେରିଛନ୍ତି। ସର୍ବଶେଷ ମାନ୍ୟତା ଅନୁଯାୟୀ ସ୍ମୃତିଙ୍କ ୭୩୫ ଓ ବ୍ରଣ୍ଟଙ୍କର ୭୩୧ ରେଟିଂ ପଏଣ୍ଟ ରହିଛି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଓପନର ପ୍ରତୀକା ରାୱଲ ୪୨, ହର୍ଲିନ ଦେଓଲ ୫୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

## ସାମ୍ କୋନ୍‌ଷ୍ଟାସ୍‌ଙ୍କ ଶତକ

ଲକ୍ଷ୍ନୌ,୧୬।୯ (ଏଜେନ୍ସି): ଯୁବ ଖେଳାଳି ସାମ କୋନଷ୍ଟାସ୍ ଫର୍ମକୁ ଫେରିଛନ୍ତି। ଏଠାରେ ଆଜି ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନରେ ସେ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଓପନର ୧୦୯ ଓ ଅନ୍ୟତମ ଓପନର କ୍ୟାମ୍ପବେଲ କେଲାୱେ ୮୮ ରନ୍ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୫ ୱିକେଟରେ ହରାଇ ୩୩୭ ରନ୍ ସ୍କୋର କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲିଆମ ସ୍କଟ ୭୦ ଓ ୱିକେଟରକ୍ଷକ ଜୋଶ ଫିଲିପ୍ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ ବର୍ଷୀୟ ଅଲରାଉଣ୍ଡର କୁପର କୋନୋଲୀ ୭୦ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଛନ୍ତି। ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୧ ଓ ଅଲିଭର ପିକ୍ ୨ ରନ୍ କରି ଏଠାରେ କ୍ଲିକ୍ କରିପାରି ନାହାନ୍ତି। ଭାରତ ପକ୍ଷରୁ ବାମହାତି ସ୍ପିନର ହର୍ଷ ଦୁବେ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ଗୁରନୁର ବ୍ରାର୍ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଛନ୍ତି। ବର୍ତ୍ତମାନ ଫର୍ମରେ ଥିବା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ସ୍ପିନ୍ ଅଲରାଉଣ୍ଡର ତନୁସ କୋଟିଆନଙ୍କୁ କୌଣସି ସଫଳତା ମିଳିନାହିଁ।

**ଓପିଟିଏଲ: ୬ ଦଳର ଜର୍ସି ଉନ୍ମୋଚିତ**

## ରାଜ୍ୟସ୍ତରୀୟ ଲିଗ୍ ଆଇପିଏଲ ପାଇଁ ଫିଡର୍: ଇର୍ଫାନ

କଟକ,୧୬।୯ (ସମିସ): ବୁଧବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି-୨୦ ଲିଗ୍। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଲିଗ୍ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି। ଆଜି ଚହଟାସ୍ଥିତ ଏକ ହୋଟେଲରେ ୬ଟି ଯାକ ଦଳର ଜର୍ସି ଉନ୍ମୋଚନ କରାଯାଇଥିଲା। ଲିଗ୍‌ର ବ୍ରାଣ୍ଡ ଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଯୋଗ ଦେଇ ଓଡ଼ିଶା କ୍ରିକେଟର ନିରନ୍ତର ବିକାଶ ଉତ୍ସାହଜନକ ବୋଲି କହିଥିଲେ। ରାଜ୍ୟସ୍ତରୀୟ ଲିଗ୍ ଗୁଡିକ ଆଇପିଏଲ ପାଇଁ ଫିଡର ଭଳି କାର୍ଯ୍ୟ କରେ। ଓଡ଼ିଶାର ଖେଳାଳିମାନଙ୍କ ଉପରେ ନଜର ରହିଛି। ଲିଗ୍ ଅନେକ ଖେଳାଳିଙ୍କୁ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ ବୋଲି ଇର୍ଫାନ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଦଳର ଅଧିନାୟକ, ବିଭିନ୍ନ ଦଳର ଆମ୍ବାସଡର ନରେନ୍ଦ୍ର ହିରୱାନି, ଶ୍ରୀତମ ଦାସ, ଏଲିନା ସାମନ୍ତରାୟ, ସୁପ୍ରିୟା ନାୟକ, ଶୈଳେନ୍ଦ୍ର ସାମନ୍ତରାୟ, ଶୀତଳ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, ଆରିଭା ସ୍ପୋର୍ଟସର ନିର୍ଦ୍ଦେଶକ କ୍ଷୀତଜୀ ଗୁପ୍ତା ଅତିଥି ଭାବେ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସୂଚନାଯୋଗ୍ୟ, ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଲିଗ୍‌ରେ ମୋଟ ୧୮ ଟି ଲିଗ୍ ମ୍ୟାଚ୍ ଖେଳାଯିବ। ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ବୁଧବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଲିଗ୍ ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ମୁକାବିଲାରେ କଟକ ପାନ୍ଥର୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ମୁହାଁମୁହିଁ ହେବେ। ଲିଗ୍‌ର ପ୍ରତ୍ୟେକ ମ୍ୟାଚ୍ ଷ୍ଟାରସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍‌କୋଡ(ଓଟିଟି)ରେ ସିଧାପ୍ରସାରଣ କରାଯିବ। ଦର୍ଶକମାନଙ୍କ ନିମନ୍ତେ ଗ୍ୟାଲେରୀ ନଂ-୧,୩ ଏବଂ ୫ ଉନ୍ମୁକ୍ତ ରଖାଯିବ।



**ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍**

## ହାଇଜମ୍ପ୍‌ରେ ସର୍ବେଶ ଷଷ୍ଠ

ଟୋକିଓ, ୧୬।୯ (ଏଜେନ୍ସି): ପ୍ରଥମ ଭାରତୀୟ ଆଥ୍‌ଲେଟଭାବେ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ହାଇ ଜମ୍ପ ଫାଇନାଲରେ ପ୍ରବେଶ କରିଥିବା ସର୍ବେଶ କୁଶାରେ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଫାଇନାଲରେ ସେ ୨.୨୮ ମିଟରକୁ ଡେଇଁ ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ଜାତୀୟ ରେକର୍ଡ ୨.୨୯ ମିଟର ଥିଲାବେଳେ ସେ ୨.୩୧ ମିଟର ଡେଇଁବାକୁ ୩ଥର ଉଦ୍ୟମ କରି ବିଫଳ ହୋଇଥିଲେ। ଅଲିମ୍ପିକ୍ ଚାମ୍ପିଅନ ନ୍ୟୁଜିଲାଣ୍ଡର ହାମିଶ କେର୍ ୨.୩୬ ଉଚ୍ଚତାକୁ ଡେଇଁ ପ୍ରଥମ, ଦକ୍ଷିଣ କୋରିଆର ସାଙ୍ଗେୟକ୍ ଉ ୨.୩୪ ଉଚ୍ଚତାକୁ ଡେଇଁ ଦ୍ୱିତୀୟ ଓ ଚେକ୍ ରିପବ୍ଲିକର ଜାନ୍ ଷ୍ଟେଫେରା ୨.୩୧ ମିଟର ଉଚ୍ଚତାକୁ ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ସର୍ବେଶ କୁଶାରେ ୨.୨୫ ମିଟର ଉଚ୍ଚତାକୁ ଡେଇଁ ସହଜରେ ଫାଇନାଲରେ ପ୍ରବେଶ କରିଥିଲେ।

**ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ**

# ଅଢ଼େଇ ବର୍ଷ ପାଇଁ ଦେବ ୫୭୯ କୋଟି ଟଙ୍କା

ମୁମ୍ବଇ, ୧୬।୯

ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ ହୋଇଛି। ଏଣିକି ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ଖେଳାଳିଙ୍କ ଜର୍ସିରେ ଆପୋଲୋ ଟାୟର୍ସ ଲେଖାଯିବ। ଡ୍ରିମ୍‌୧୧ ସ୍ଥାନରେ ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ନୂଆ ପ୍ରାୟୋଜକ ହୋଇଛି। ଗତମାସ ୨୫ରେ ଭାରତୀୟ କ୍ରିକେଟ୍ ଦଳର ପ୍ରାୟୋଜକ ହେବା ପାଇଁ ବିସିସିଆଇ ଟେଣ୍ଡର ଆହ୍ୱାନ କରିଥିଲା। ଏଥିପାଇଁ ୩ଟି କମ୍ପାନୀ ପ୍ରାୟୋଜକ ହେବା ଦୌଡ଼ରେ ରହିଥିଲେ। ସେମାନେ ହେଲେ କମ୍ପ୍ୟୁଟର ଡିଜାଇନ୍ କମ୍ପାନୀ କାନ୍‌ଭା, ଜେକେ ସିମେଣ୍ଟ ଓ ଆପୋଲୋ ଟାୟର୍ସ। ସେମାନଙ୍କ ମଧ୍ୟରୁ ଆପୋଲୋ ଟାୟର୍ସ ସର୍ବାଧିକ ୫୭୯ କୋଟି ଟଙ୍କା (୬୫.୭ ନିୟୁତ ଡଲାର) ଦେବାକୁ ଦାବି କରିଥିବାରୁ ଏହାକୁ ପ୍ରାୟୋଜନ ଅଧିକାର ମିଳିଛି। ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଅଢ଼େଇ ବର୍ଷ ଆପୋଲୋ ଟାୟର୍ସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ରହିବ। ଏହା ମଧ୍ୟେ ଭାରତ ୧୨୧ଟି ଦ୍ୱିପାକ୍ଷିକ ଓ ୨୧ଟି ଆଇସିସି ମ୍ୟାଚ ଖେଳିବ। ଏହାର ଅର୍ଥ ହେଉଛି ଭାରତ ଖେଳିବାକୁ ଥିବା ପ୍ରତ୍ୟେକ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ବିସିସିଆଇକୁ ୪.୭୭ କୋଟି ଟଙ୍କା ପ୍ରଦାନ କରିବ। ତେବେ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରତି ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ୧.୭୨ କୋଟି ଟଙ୍କା ପ୍ରଦାନ କରିବ। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଏବଂ ଅକ୍ଟୋବରରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ପୁରୁଷ ଖେଳାଳି ସେମାନଙ୍କ ଜର୍ସିରେ ଆପୋଲୋ ଟାୟର୍ସର ଲୋଗୋ ପିନ୍ଧିବେ। ଭାରତରେ କ୍ରିକେଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ପ୍ରାୟୋଜକ ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଆପୋଲୋ ଟାୟର୍ସର ପରିଚାଳନା ନିର୍ଦ୍ଦେଶକ ନୀରଜ କନ୍‌ୱାର କହିଛନ୍ତି। ଫଳରେ ଏବେ ଏସିଆ କପ୍ ଖେଳୁଥିବା ଭାରତୀୟ ପୁରୁଷ ଦଳ ଏବଂ ଅଷ୍ଟ୍ରେଲିଆ ସହ ଦିନିକିଆ ଶୃଙ୍ଖଳା ଖେଳୁଥିବା ଭାରତୀୟ ମହିଳା ଦଳର ଜର୍ସିରେ କୌଣସି ବ୍ୟାବସାୟିକ ସଂସ୍ଥାର ଲୋଗୋ ନ ଥିଲା।

୨୦୨୩ରୁ ୨୦୨୬- ଏହିପରି ୩ ବର୍ଷ ଲାଗି ୪୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୫୮ କୋଟି ଟଙ୍କା) ବିସିସିଆଇକୁ ଦେବା ଲାଗି ଡ୍ରିମ୍‌୧୧ ଚୁକ୍ତି କରିଥିଲା। ହେଲେ ଅନ୍‌ଲାଇନ୍ ଗେମିଙ୍ଗ୍ ପ୍ରୋତ୍ସାହନ ଓ ନିୟାମକ ବିଧେୟକ ପାରିତ ହେବା ପରେ କୌଣସି ଅନ୍‌ଲାଇନ ଗେମ୍‌ରେ ଅର୍ଥ ଖଟାଇବା ସମ୍ପୂର୍ଣ୍ଣ ବାସନ୍ଦ ହୋଇ ଯାଇଥିଲା। ତେଣୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ରହିବାକୁ ଡ୍ରିମ୍‌୧୧ ଅକ୍ଷମତା ପ୍ରକାଶ କରିଥିଲା। ଏବେ ଡ୍ରିମ୍‌୧୧ଠାରୁ ଅଧିକ ଅର୍ଥ ଦେଇ ଆପୋଲୋ ପ୍ରାୟୋଜନ ଅଧିକାର ହାସଲ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS